

'ରାମାୟଣ'ରେ ସବୁ କଳାକାର ପିନ୍ଧିଛନ୍ତି ସୁନାର ଆଭୂଷଣ-ଇନ୍ଦିରା
▶ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-49 • TUESDAY • 12 AUGUST 2025 • PAGE-12 • ₹ 6.00 | SAMBALPUR | ବର୍ଷ-୪୩ • ସଂଖ୍ୟା-୪୯ • ମଙ୍ଗଳବାର • ୧୨ ଅଗଷ୍ଟ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


## ବରଗଡ଼ରେ ଆଲୋଡ଼ନ
# ଜଳିଗଲା ଆଉ ଜଣେ ନାବାଳିକା

■ ଗାଇସିଲେଟ୍, ୧୧। ୮(ସମିସ): ବରଗଡ଼ ଜିଲ୍ଲାର ଗାଇସିଲେଟରେ ପୁନରାବୃତ୍ତି ହୋଇଛି ବାଲେଶ୍ୱର, ବଳଙ୍ଗା, ପଟ୍ଟାମୁଣ୍ଡାଇ ପରି ଲୋମଟାଙ୍କୁରା ଘଟଣା। ସେବାଶ୍ରମ ସ୍କୁଲରେ ପାଠ ପଢୁଥିବା ଜଣେ ୮ମ ଶ୍ରେଣୀ ଛାତ୍ରୀ ପେଟ୍ରୋଲ ନିଆଁରେ ଜଳି ପ୍ରାଣ ହରାଇଛନ୍ତି। ପୁଲିସ ସମ୍ପୃକ୍ତ ଛାତ୍ରୀ ଆତ୍ମହତ୍ୟା କରିଥିବା କହୁଥିଲେ ହେଁ ତାଙ୍କ ଦେହରେ ପେଟ୍ରୋଲ ଢାଳି ଅନ୍ୟ କେହି ନିଆଁ ଲଗାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ସାପଲହର ସେବାଶ୍ରମ ଛାତ୍ରୀନିବାସରେ ରହି ୮ମ ଶ୍ରେଣୀରେ ପାଠ ପଢୁଥିବା ରଶ୍ମୀ ସେଠ୍ (୧୩) ଅସୁସ୍ଥତା ଅନୁଭବ କରିବାରୁ ନିଜ ମାମୁ ଘରକୁ ଆସିଥିଲେ। ଆଜି ସକାଳେ ମାମୁ ଘର ପଛପଟେ ଏକ ପଡ଼ିଆରେ ରଶ୍ମୀ ହୁତୁହୁତୁ ହୋଇ ଜଳୁଥିବା ଦେଖି ତାଙ୍କର ମାମୁ ଓ ଅନ୍ୟମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ସେତେବେଳକୁ ତାଙ୍କ ଶରୀରର ପ୍ରାୟ ୭୦ ପ୍ରତିଶତ ପୋଡ଼ି ଯାଇଥିଲା। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସରେ ବୁର୍ଲାସ୍ଥିତ ଭୀମସାରକୁ ନିଆଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଘଟଣାସ୍ଥଳରେ ୫ ପ୍ଲାଟୁନ୍ ପୁଲିସ ଫୋର୍ସ ନିୟୋଜିତ ହୋଇଥିଲେ। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ବରଗଡ଼ ଜିଲ୍ଲା ଦାୟିତ୍ୱରେ ଥିବା ବଲାଙ୍ଗିର ଏସ୍‌ପି ଅଭିଳାଷ ଜି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଘଟଣାରେ ପୁଲିସ ତଦନ୍ତ ଜାରି ରଖିଥିବାବେଳେ ଦୁଇ ଜଣଙ୍କୁ ଅଟକ ରଖି ପଚାରାଉଚରା କରୁଥିବା ଏସ୍‌ପି ଅଭିଳାଷ ଜି ସୂଚନା ଦେଇଛନ୍ତି।



ଖବର ପାଇ ବିଜୁ ଜନତା ଦଳର ଏକ ଟିମ୍ ଭୀମସାରରେ ପହଞ୍ଚିଥିଲା। ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପଦ୍ମିନୀ ଗଡତିଆ, ପିଙ୍କି ବଢ଼େଇ, କଳ୍ପନା ବେହେରାଙ୍କ ସହ ବହୁ କର୍ମୀ ସେଠାରେ ପହଞ୍ଚି ସ୍ଥିତି ପରଖିବା ସହ ନାବାଳିକାର ପରିବାରଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ନିଆଁ ଆଁ | ୩୦ ଦିନରେ ଗଲାଣି ୪ ଛାତ୍ରୀଙ୍କ ଜୀବନ
# ସ୍ଥିତି ସାଂଘାତିକ, ଚିତ୍ର ଭୟଙ୍କର

■ ଭୁବନେଶ୍ୱର,୧୧।୮ (ସମିସ): ଓଡ଼ିଶାରେ ଏବେ ମହିଳା, ନାବାଳିକାଙ୍କ ସୁରକ୍ଷାକୁ ନେଇ ସାଂଘାତିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରେ ମହିଳାଙ୍କ ବିରୋଧରେ ଘଟୁଥିବା ହିଂସା ଚାଲିଯିବା ରାଜ୍ୟର ଆଇନକାନୁନ, ଶୃଙ୍ଖଳା ଉପରେ ପ୍ରଶ୍ନ ଚିହ୍ନ ଆଙ୍କିଛି। କୌଣସି ଘଟଣାରେ ପୁଲିସ ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇପାରିନାହିଁ। ଗୋଟିଏ ପଟେ ପୁଲିସ ପ୍ରଶାସନ ସାଂଘାତିକ ଚାପରେ କାର୍ଯ୍ୟ କରୁଥିବା ନେଇ

**ରାଜ୍ୟରେ ନାବାଳିକାଙ୍କୁ ଭଗବାନ ଭରସା: ବିରୋଧୀ**

**ସରକାର ଏବଂ ପୁଲିସର ନିଷ୍କ୍ରିୟତା ଦାୟୀ: ବୁଦ୍ଧିଜୀବୀ**

ସାଧାରଣ ଲୋକଙ୍କୁ ଭୟଭୀତ କରିଛି। ସୋମବାର ବରଗଡ଼ ଗାଇସିଲଟ ବ୍ଲକର ଫିରିଙ୍ଗିମାଳ ଗାଁରେ ଜଣେ ନାବାଳିକା ପେଟ୍ରୋଲ ଢ଼ାଳି ହୋଇ ନିଜକୁ ଜାଳିଦେବା ଘଟଣା ରାଜ୍ୟବାସୀଙ୍କ ଆତ୍ମାକୁ ଦୋହଲାଇ ଦେଇଛି । ପୂର୍ବରୁ ରାଜ୍ୟରେ ଏପରି ସାଂଘାତିକ ସ୍ଥିତି କେବେ ସୃଷ୍ଟି ହୋଇ ନ ଥିଲା, କିମ୍ବା ଏପରି ଭୟଙ୍କର ଚିତ୍ର ଦେଖିବାକୁ ମିଳି ନ ଥିଲା। ୩୦ ଦିନ ମଧ୍ୟରେ ରାଜ୍ୟର ଉତ୍ତର, ଉପକୂଳ, ପଶ୍ଚିମାଞ୍ଚଳରେ ୪ ଜଣ ଛାତ୍ରୀଙ୍କ ଜୀବନ ନିଆଁର ଆଁରେ ସାଧାରଣରେ ଅଭିଯୋଗ ହେଉଥିବା ବେଳେ ସରକାର ମଧ୍ୟ ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି। ରାଜ୍ୟରେ ଏବେ ନାବାଳିକା, ମହିଳାଙ୍କୁ ଭଗବାନ ଭରସା ବୋଲି ବିରୋଧୀ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ଜୁଲାଇ ମାସ ୧୨ ତାରିଖରେ ବାଲେଶ୍ୱର ଏଫଏମ ମହାବିଦ୍ୟାଳୟର ଛାତ୍ରୀ ସୋମ୍ୟାଶ୍ରୀ ବିଶି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୂତି କରିଥିଲେ। ଏହା ପରଠାରୁ ଗୋଟିଏ ପରେ ଗୋଟିଏ କରି ୩ ଜଣ ଛାତ୍ରୀଙ୍କ ▶ପୃଷ୍ଠା-୭

## ବିସ୍ଫୋରକ ହେଉଛି ବିହାର ଭୋଟର ତାଲିକା ବିବାଦ
# ରାସ୍ତାରେ ବିରୋଧୀ; ରୋକିଲା ପୁଲିସ



■ ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କୁ ନେଇ ବିବାଦ ବିସ୍ଫୋରକ ହେବାରେ ଲାଗିଛି। ଏହି ପ୍ରସଙ୍ଗରେ ସଂସଦ ଅଚଳ ରହିଥିବା

**ବିକ୍ଷୋଭରେ ସାମିଲ ହେଲେ ୩୦୦ ସାଂସଦ**

**ରାହୁଲ, ପ୍ରିୟଙ୍କା ଓ ଅଖିଳେଶ ଅଟକ**

ବେଳେ ରାସ୍ତାକୁ ଓହ୍ଲାଇଛନ୍ତି ବିରୋଧୀ ଦଳର ସାଂସଦ। ସେମାନେ ଆଜି ଏହାର ପ୍ରତିବାଦ କରି ନିର୍ବାଚନ କମିସନ ଅଫିସ ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ବାଟରେ ଅଟକାଇଛି। ଏହି ପ୍ରତିବାଦରେ ବିରୋଧୀ ଦଳର ୩୦୦ ସାଂସଦ ସାମିଲ ହୋଇଥିଲେ।

ବିହାରରେ ଏସ୍‌ଆଇଆର୍ ଏବଂ କର୍ଣ୍ଣାଟକରେ 'ଭୋଟ୍ ଚୋରି'ର ପ୍ରତିବାଦ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳର ସାଂସଦ ଓ କର୍ମକର୍ତ୍ତା ଆଜି ଦିଲ୍ଲୀରେ ସଂସଦ ଭବନରୁ ବଡ଼ ଧରଣର ଶୋଭାଯାତ୍ରା ବାହାର କରିଥିଲେ। ଏସଂପର୍କରେ ନିର୍ବାଚନ କମିସନ ସହିତ ଆଲୋଚନା ପାଇଁ ନିର୍ବାଚନ ସଦନ ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା। ପୁଲିସ ବ୍ୟାରିକେଡ୍ ଲଗାଇ ସେମାନଙ୍କୁ ଅଟକାଇବାରୁ ବିରୋଧୀ ଦଳର ସାଂସଦମାନେ ରାସ୍ତା ଉପରେ ବସି ଧାରଣା ଦେବା ସହିତ ବିହାରରେ ଚାଲିଥିବା ଏସ୍‌ଆଇଆର୍ ବିରୋଧରେ ସ୍ଲୋଗାନ ଦେଇଥିଲେ। ଆଉ କିଛି ସାଂସଦ ବ୍ୟାରିକେଡ୍ ଭାଙ୍ଗି ନିର୍ବାଚନ କମିସନ ଆଡ଼କୁ ଉଦ୍ୟମ ▶ପୃଷ୍ଠା-୭

## ବିଭ୍ରାନ୍ତ କରୁଛନ୍ତି ରାହୁଲ: ଧର୍ମେନ୍ଦ୍ର




■ ନୂଆଦିଲ୍ଲୀ, ୧୧।୮ (ସମିସ): କଂଗ୍ରେସ ଏବଂ ଏହାର ସହଯୋଗୀ ଦଳ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ତଥା ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଭୋଟ ଜାଲିଆତି ସଂପର୍କରେ ଯାହା ସବୁ ଅଭିଯୋଗ ଆସୁଛି, ନିର୍ବାଚନ କମିସନ ସେସଂପର୍କରେ ସମସ୍ତ ଉତ୍ତର ଦେଇ ସାରିଛନ୍ତି। ଏହାସତ୍ତ୍ୱେ କଂଗ୍ରେସ ▶ପୃଷ୍ଠା-୭

## ବ୍ରହ୍ମପୁରରେ ଚାଞ୍ଚଲ୍ୟ
# ଝିଅ ଆଖି ଆଗରେ ମା'କୁ ହାଣି ହତ୍ୟା

■ ବ୍ରହ୍ମପୁର, ୧୧।୮ (ସମିସ): ଝିଅ ଆଖି ଆଗରେ ମା'କୁ ହାଣିଦେଲା। ପ୍ରମାଣ ନଷ୍ଟ କରିବା ପାଇଁ ଝିଅକୁ ବି ଛାଡ଼ିଲାନି। ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମାନଗର ଦ୍ୱିତୀୟ ଲାଇନ୍‌ରେ ଆଜି ଭୋର୍‌ରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ମହିଳାଜଣଙ୍କ ହେଲେ, ଗାୟତ୍ରୀ ସ୍ୱାଇଁ (୩୦)। ଦୁର୍ବୃତ୍ତଜଣଙ୍କ ତାଙ୍କ ୧୧ବର୍ଷୀୟ ଝିଅକୁ ମଧ୍ୟ ହତ୍ୟା ଉଦ୍ୟମ କରିଛି। କିନ୍ତୁ ସୌଭାଗ୍ୟକୁ ସେ ଅଳ୍ପକେ ବର୍ତ୍ତି ଯାଇଛି। କେହି ଦୁର୍ବୃତ୍ତ ଘରେ ପଶି ଏପରି କାଣ୍ଡ ଭିଆଇବା ପରେ ଆଗରୁ କବାଟ ବନ୍ଦ କରି ଫେରାର୍ ହୋଇଯାଇଛି। ଏହି ଖବର ପ୍ରଘଟ ହେବା ପରେ ବ୍ରହ୍ମପୁରରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ପୁଲିସ୍ ଗାୟତ୍ରୀଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ▶ପୃଷ୍ଠା-୭

▶ ସଂକଟାପନ୍ନ ଅବସ୍ଥାରେ ଝିଅ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର

▶ ପୁଲିସ ସ୍କାନରରେ ମୃତ ମହିଳାଙ୍କ ପୁରୁଷବନ୍ଧୁ



# ନୂଆ ଆୟକର ବିଲ୍ ଲୋକସଭାରେ ଗୃହୀତ

■ ନୂଆଦିଲ୍ଲୀ,୧୧।୮ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ସୋମବାର ଲୋକସଭାରେ ନୂଆ ଆୟକର ବିଲ୍ ଗୃହୀତ ହୋଇଯାଇଛି। ବିନା କୌଣସି ଆଲୋଚନାରେ ଏହି ବିଲ୍‌କୁ ସରକାର ଅନୁମୋଦନ ଦେଇଛନ୍ତି। ଏଥିରେ ଆୟକର ସହ ଜଡିତ ଦୁଇଟି ବିଲ୍- ଆୟକର (ସଂଖ୍ୟା ୨) ବିଧେୟକ ଓ ଟିକସ ଆଇନ (ସଂଶୋଧନ) ବିଲ୍କୁ ମଞ୍ଜୁରି ମିଳିଛି। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ସୋମବାର ଲୋକସଭାରେ ଆୟକର ବିଲ୍‌ର ଏକ ନୂତନ ସଂସ୍କରଣ ▶ପୃଷ୍ଠା-୭

# ୪୮ ଘଣ୍ଟାରେ ଲଘୁଚାପ, ଆଜିଠୁ ବଢ଼ିବ ବର୍ଷା

■ ଭୁବନେଶ୍ୱର, ୧୧।୮ (ସମିସ): ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ମଙ୍ଗଳବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିବ। ଲଘୁଚାପ ପ୍ରଭାବରେ ଆସନ୍ତା ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ ୧୩-୧୪ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ଏଥିପାଇଁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି। ଅଗଷ୍ଟ ୧୨-୧୩ରେ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର କିଛି ସ୍ଥାନ ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ▶ପୃଷ୍ଠା-୭

## ସମୂହ ଛୁଟିରେ ୩୦ ଜିଲ୍ଲାର ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା
# ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ଠପ୍

■ ଭୁବନେଶ୍ୱର, ୧୧।୮ (ସମିସ): ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ଅଧିକାରୀମାନେ ଛୁଟିରେ ଯାଇଛନ୍ତି। ରାଜ୍ୟର ଅମଲାମାନଙ୍କର ବିଭିନ୍ନ ଦାବି ପୂରଣ ନେଇ ପ୍ରତିଶୃତି ମିଳିଥିଲେ ମଧ୍ୟ ଏହାକୁ ଲାଗୁ କରିବାକୁ ସରକାର ଟାଳଟୁଳ ନୀତି ଆପଣାଉଛନ୍ତି। ଏହାର ପ୍ରତିବାଦରେ ରାଜସ୍ୱ ଅମଲା ସଂଘ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ସୋମବାରଠାରୁ ରାଜ୍ୟର ସମସ୍ତ ଜିଲ୍ଲାରେ ରାଜସ୍ୱ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରାଜସ୍ୱ ଅମଲାମାନେ କାର୍ଯ୍ୟ ବନ୍ଦ କରି ନିଜ ନିଜ କାର୍ଯ୍ୟାଳୟ ସାମନାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସମୂହ ଛୁଟିରେ ଯାଇଛନ୍ତି। ୨୦୧୮ ମସିହାରୁ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କ ପ୍ରବେଶକାଳୀନ ଶିକ୍ଷାଗତ ଯୋଗ୍ୟତାରେ ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ପ୍ରବେଶ କାଳୀନ ବେତନରେ କୌଣସି ପ୍ରକାରର ଅଭିବୃଦ୍ଧି କରାଯାଇ ନାହିଁ। ମାତ୍ର ▶ପୃଷ୍ଠା-୭




ଆଲୋଚନା ପରେ ବି ପଦକ୍ଷେପ ନେଲେନି ସରକାର




# ଅନ୍ତର୍ଜାତୀୟ ଯୁବ ଦିବସ



ଦେଶ ପ୍ରଗତିର ଉତ୍ସ ହିଁ ଯୁବଶକ୍ତି। ଯୁବଶକ୍ତିର ବିକାଶ ଦ୍ୱାରା ଦେଶର ବିକାଶ ସମ୍ଭବ। ଯୁବଶକ୍ତି ବିଶ୍ୱରେ ଶାନ୍ତି ତଥା ସାମାଜିକ ସମନ୍ୱୟ ଆଣି ପାରିବେ। ଯୁବବର୍ଗଙ୍କର ଆଗକୁ ବଢ଼ିବା ପଥରେ ରହିଥିବା ସମସ୍ୟା ଏବଂ ସେସବୁର ସଫଳ ସମାଧାନ ଦିଗରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅଗଷ୍ଟ ୧୨ରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଇଥାଏ। ଯୁବପିଢ଼ି କିପରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାକୁ ରେଖାଙ୍କିତ କରିବା ଏହି ଦିବସର ଲକ୍ଷ୍ୟ। 'ଅନ୍ତର୍ଜାତୀୟ ଯୁବ ଦିବସ' ପ୍ରଥମେ ୧୨ ଅଗଷ୍ଟ ୨୦୦୦ରେ ପାଳନ କରାଯାଇଥିଲା। ମିଳିତ ଜାତିସଂଘର ସାଧାରଣ ସଭା ୧୭ ଡିସେମ୍ବର ୧୯୯୯ରେ ଏହି ଦିନ ପାଳନ କରିବାକୁ ଏକ ସଂକଳ୍ପ ପାରିତ କରିଥିଲା। ଏହାପରେ ୨୦୦୦ରେ ପ୍ରଥମ ଥର ପାଇଁ 'ଅନ୍ତର୍ଜାତୀୟ ଯୁବ ଦିବସ' ପାଳନ କରାଯାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ୧୨ ଅଗଷ୍ଟରେ ପାଳନ କରାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ସମାଜକୁ ଶିକ୍ଷିତ କରିବା, ଯୁବକମାନଙ୍କୁ ରାଜନୈତିକ କ୍ଷେତ୍ରରେ ଏକତ୍ରିତ କରିବା ଏବଂ ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲା ପାଇଁ ଏହି ଦିନ ପାଳନ କରାଯାଏ। ସମସ୍ତ ଦେଶ ଯୁବ ଜନସଂଖ୍ୟା ଉପରେ ଧ୍ୟାନ ଦେବା ଉଚିତ। ଯୁବକଙ୍କ ଲାଗି ଉତ୍ତମ ସଂସ୍କାର, ଶିକ୍ଷା, ସଶକ୍ତିକରଣ ଲୋଡ଼ା। ସେମାନେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଲେ ଦେଶ ସ୍ୱାବଲମ୍ବୀ ହେବ। ସେମାନଙ୍କଠାରେ ଥିବା ଅସୀମ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଏହି ଦିବସ ସୁଯୋଗ କରିଦିଏ। ଯୁବପିଢ଼ି କିପରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାକୁ ଲୋକଲୋଚନକୁ ଆଣିବା ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଉତ୍ସବ, କର୍ମଶାଳା ଆଦିର ଆୟୋଜନ କରାଯାଇଥାଏ।

# ହାତୀ ପାଇଁ ଦିନଟିଏ



ଆଜି ବିଶ୍ୱ ହସ୍ତୀ ଦିବସ। ହାତୀଙ୍କ ପାଇଁ ଦିନଟିଏ। ସ୍ଥଳଭାଗରେ ଦେଖାଯାଉଥିବା ସର୍ବବୃହତ୍ ସ୍ତନ୍ୟପାୟୀ ପ୍ରାଣୀ ହାତୀର ସୁରକ୍ଷା ଓ ସଂରକ୍ଷଣ ପ୍ରତି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ବିଶ୍ୱ ହସ୍ତୀ ଦିବସ ଭାବେ ପାଳନ କରାଯାଉଛି। ଏହିଦିନ ହାତୀଙ୍କ ସୁରକ୍ଷା ଲାଗି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ପ୍ରଥମ ବିଶ୍ୱ ହସ୍ତୀ ଦିବସ ୨୦୧୨ ମସିହା ଅଗଷ୍ଟ ୧୨ରେ ପାଳନ କରାଯାଇଥିଲା। ହାତୀ ଏକ ଶାକାହାରୀ, ବିଶ୍ୱସ୍ତ ଓ ଶାନ୍ତିପ୍ରିୟ ପ୍ରାଣୀ। ଜୈବ ବିବିଧତାର ସୁରକ୍ଷା ଓ ସନ୍ତୁଳନ ପାଇଁ ହସ୍ତୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗଜ ସଂସ୍କୃତିର ସ୍ୱତନ୍ତ୍ର ସ୍ଥାନ ରହିଛି। ରାଜ ରାଜୁଡ଼ା ଅମଳରେ ପରିବହନ ଏବଂ ପଟିଆରା ପାଇଁ ରାଜା ମହାରାଜାମାନେ ହାତୀକୁ ନିଜ ଦରବାରରେ ରଖୁଥିଲେ। ଯେଉଁ ରାଜାଙ୍କ ପାଖରେ ଯେତେ ହାତୀ ଅଛି, ସେ ସେତେ ବଳଶାଳୀ ବୋଲି ଗଣନା କରାଯାଉଥିଲା। କିନ୍ତୁ ଏବେ ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ, ପାହାଡ଼ଗୁଡ଼ିକରେ ବ୍ଲାଷ୍ଟିଂ ଯୋଗୁଁ ବନ୍ୟଜନ୍ତୁଗୁଡ଼ିକ ଜନବସତି ମୁହାଁ ହେଉଛନ୍ତି। ବିଶେଷକରି ଖାଦ୍ୟ ଅନ୍ୱେଷଣରେ ହାତୀ ଜନବସତି ମୁହାଁ ହେଉଛି। ଫଳରେ ହାତୀ-ମଣିଷ ଲଢ଼େଇ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏକଦା ମଣିଷ ସମାଜର ଏକ ଉତ୍ତମ ବନ୍ଧୁ ରହି ଆସିଥିବା ହାତୀ ବର୍ତ୍ତମାନ ଶତ୍ରୁ ପାଲଟିଯାଉଛି। କେତେବେଳେ ହାତୀ ଆକ୍ରମଣରେ ମଣିଷ ଜୀବନ ଯାଉଛି ତ କ୍ଷତିଗ୍ରସ୍ତ ହେଉଛି ଗରିବ ଚାଷୀର ଭାତ ହାଣ୍ଡି। ଓଡ଼ିଆ ସଂସ୍କୃତି ପରମ୍ପରାରେ ହାତୀର ସ୍ଥାନ ସ୍ୱତନ୍ତ୍ର। ହାତୀକୁ ଓଡ଼ିଆରେ 'ଗଜ' ବା 'ଗଜରାଜ' ବୋଲି କୁହନ୍ତି। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ହାତୀ ବା ଗଜ ବେଶ ହୋଇଥାଏ। ଓଡ଼ିଶାର ପ୍ରମୁଖ ପର୍ବ ରଜରେ ଗାଁରୁ ସହର ସବୁଠି ଝିଅମାନେ ଦୋଳିରେ ଝୁଲି ଗୀତ ଗାଉଥାନ୍ତି "ବନସ୍ତେ ଡାକିଲା ଗଜ"। ଦିନ ଥିଲା ଓଡ଼ିଶାକୁ ହାତୀଙ୍କ ଭୂସ୍ୱର୍ଗ କୁହାଯାଉଥିଲା। ଏବେ କିନ୍ତୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ରାଜ୍ୟରେ ହାତୀ ବଂଶ ବୃଦ୍ଧି ପାଉଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେବେଳେ ଟ୍ରେନ୍ ଚକ ତଳେ ତ କେତେବେଳେ ବିଦ୍ୟୁତ୍ ତାର ତଳେ ତ ଆଉ କେତେବେଳେ ଦାନ୍ତ ପାଇଁ ଏମାନଙ୍କ ଜୀବନ ଅକାଳରେ ଚାଲିଯାଉଛି। ତେବେ ଆଗକୁ ହାତୀ ବଂଶ କିପରି ବୃଦ୍ଧି ପାଇବ, ସେଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ଅନେକ ପ୍ରାଣୀ ଗବେଷକ ମତ ଦିଅନ୍ତି। ବିଶ୍ୱ ହସ୍ତୀ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ହାତୀମାନଙ୍କୁ ପୂଜାର୍ଚ୍ଚନା କରାଯାଇ ଭଲ ଭଲ ସ୍ୱାଦିଷ୍ଟ ଖାଦ୍ୟ ଦିଆଯିବା ସହ ହାତୀ ସୁରକ୍ଷା ନେଇ ଛାତ୍ରଛାତ୍ରୀମାନଙ୍କ ପାଇଁ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଏ।

## ଆଜିର ଇତିହାସ

- ୧୯୦୮ - ହେନେରି ଫୋର୍ଡ କମ୍ପାନି ପ୍ରଥମ କାର ମଡେଲ ତିଆରି କଲା।
- ୧୯୦୯ - ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ଦିବସ।
- ୧୯୧୯: ପ୍ରସିଦ୍ଧ ମହାକାଶ ବିଜ୍ଞାନୀ ତଥା ଇସ୍ରୋର ପ୍ରତିଷ୍ଠାତା ବିକ୍ରମ ସାରାଭାଇଙ୍କ ଜନ୍ମ।
- ୧୯୭୧ - ସାଲେପୁର ମିଠାର ଜନକ ବିକାଳାନନ୍ଦ କରଙ୍କ ଦେହାନ୍ତ।
- ୨୦୧୨ - ଓଡ଼ିଆ ଲୋକନୃତ୍ୟ ଶିକ୍ଷା ପଦ୍ମଶ୍ରୀ ଭଗବାନ ସାହୁଙ୍କ ବିୟୋଗ।

# 'ରାମାୟଣ'ରେ ସବୁ କଳାକାର ପିନ୍ଧିଛନ୍ତି ସୁନାର ଆଭୂଷଣ-ଇନ୍ଦିରା



ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଛି, ତାହା ହେଉଛି ନୀତେଶ ତିୱାରିଙ୍କ 'ରାମାୟଣ'। ଏହା ବଲିଉଡ୍ ଇତିହାସରେ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି। ଏଥିରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମାତା ସୀତା ଭୂମିକାରେ ସାଇ ପଲ୍ଲବୀ ଓ ରାବଣ ଭୂମିକାରେ ଯଶ୍ ନଜର ଆସିବେ। କିଛି ଦିନ ପୂର୍ବରୁ ଏହାର ଟିଜର୍ ଜାରି କରାଯାଇଥିଲା। ଟିଜର୍‌ରେ ରାମ ଭୂମିକାରେ ରଣବୀର ଓ ରାବଣ ଭୂମିକାରେ ଯଶ୍‌ଙ୍କ ଝଲକ ଦେଖିବାକୁ ମିଳିଥିଲା। ଏଥିରେ ଟେଲିଭିଜନ ଜଗତର ଲୋକପ୍ରିୟ ଅଭିନେତ୍ରୀ ଇନ୍ଦିରା କୃଷ୍ଣନ୍ ନଜର ଆସିବେ। ସେ 'ରାମାୟଣ'ରେ ମାତା କୌଶଲ୍ୟାଙ୍କ ଭୂମିକାରେ ଦେଖାଯିବେ। ନିକଟରେ ଇନ୍ଦିରା ଏହି ଫିଲ୍ମକୁ ନେଇ ଆଲୋଚନା କରିଥିଲେ। ଇନ୍ଦିରା କହିଥିଲେ ଯେ, 'ରିମ୍ପଲ ଓ ହର୍‌ପ୍ରୀତ 'ରାମାୟଣ'ର ଅଧିକାଂଶ କଳାକାରଙ୍କ ପୋଷାକ ଡିଜାଇନ୍ କରିଛନ୍ତି। ପ୍ରତିଟି ପୋଷାକ ପରସ୍ପରଠାରୁ ପୂରାପୂରି ଅଲଗା ହୋଇଛି। ପ୍ରତ୍ୟେକ ଜୁଏଲାରୀ ଓ ପୋଷାକଗୁଡ଼ିକ ବେଶ୍ ସୁନ୍ଦର ହୋଇଛି। ଫିଲ୍ମ ପାଇଁ ସୁନାର ଅଳଙ୍କାରମାନ ତିଆରି କରାଯାଇଛି। ସବୁ କଳାକାରଙ୍କୁ ଅସଲି ସୁନାର ଅଳଙ୍କାର ପିନ୍ଧାଯାଇଛି। ସବୁଠୁ ବଡ଼ କଥା ହେଉଛି, ଏହି ଅଳଙ୍କାର ଓ ପୋଷାକଗୁଡ଼ିକ ପିନ୍ଧାଯାଇ ପ୍ରଥମେ କଳାକାରମାନଙ୍କ ସ୍କ୍ରିନ୍ ଟେଷ୍ଟ ନିଆଯାଏ, ସେ କିପରି ଦେଖାଯାଉଛନ୍ତି।' ଇନ୍ଦିରା କୃଷ୍ଣନ୍ ଏହାପୂର୍ବରୁ ରଣବୀରଙ୍କ ସହ 'ଆନିମଲ' ଫିଲ୍ମରେ ନଜର ଆସିଥିଲେ।

# ୧୩ ବର୍ଷ ପର୍ଯ୍ୟନ୍ତ ବନ୍ଦ ହେଇନି ଦୋକାନ ଲାଇଟ୍

ସାଧାରଣତଃ ରାତି ହେଉ କି ଦିନ ଦୋକାନ ବନ୍ଦ କରିବା ବେଳେ ଲାଇଟ୍, ଫ୍ୟାନ୍, ଏସି ଆଦି ବନ୍ଦ କରିବା ସାଧାରଣ କଥା। ହେଲେ ଚୀନ୍‌ରେ ଏମିତି ଏକ ଦୋକାନ ଅଛି, ଯାହାର ଲାଇଟ୍ ରାତି ତମାମ ଜଳେ। ଏପରିକି ୧୩ ବର୍ଷ ଧରି ଏହି ଦୋକାନର ଲାଇଟ୍ ରାତିଯାକ ସେମିତି ଜଳୁଛି। ଚୀନ୍‌ର ହୁନାନ ଅଞ୍ଚଳରେ ଏକ ଛୋଟିଆ ତେଜରାତି ଦୋକାନ ଅଛି। ୬୦ ବର୍ଷୀୟା ସନ୍ ମିହୁଆ ଏହି ଦୋକାନଟିକୁ ଚଳାଇଥାନ୍ତି। ୧୩ ବର୍ଷ ହେଲାଣି ସେ ଏହି ଦୋକାନର ଲାଇଟ୍ କେବେ ବି ବନ୍ଦ କରି ନ ଥିବା କହିଛନ୍ତି। ତେବେ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଏହାକୁ ସେ ଜଳାନ୍ତି, ତାହା ନୁହେଁ। ଏହା ମାଧ୍ୟମରେ ମହିଳା ତଥା ସ୍ଥାନୀୟ ଲୋକଙ୍କୁ ସେ ସୁରକ୍ଷିତ ଅନୁଭବ କରାନ୍ତି। ବିଶେଷକରି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାମ କରି ଘରକୁ ଫେରୁଥିବା ଯୁବତୀଙ୍କୁ ସୁରକ୍ଷିତ ଭାବେ ଘରେ ପହଞ୍ଚାଇବା ଲାଗି ଏହା ତାଙ୍କର ଏକ ପ୍ରକାର ପ୍ରୟାସ। ୨୦୧୨ ମସିହାରେ ସନ୍ ଏହି ଦୋକାନ ଖୋଲିଥିଲେ। ସେତେବେଳେ କିଛି ଯୁବତୀ ତାଙ୍କ ଦୋକାନ ବାହାରେ ଜଳୁଥିବା ଲାଇଟ୍ ଯୋଗୁଁ ସେମାନେ ନିଜକୁ ସୁରକ୍ଷିତ ଭାବୁଥିବା କଥା ସନ୍‌ଙ୍କୁ କହିଥିଲେ। ସେବେଠୁ ସେ ଏହି ଲାଇଟ୍ ବନ୍ଦ କରି ନାହାନ୍ତି। ଅନ୍ୟପଟେ ତାଙ୍କର ଏହି କାର୍ଯ୍ୟ ତାଙ୍କୁ 'ଷ୍ଟ୍ରିଟ୍ ଲାଇଟ୍ ଆଣ୍ଟି'ର ପରିଚୟ ପ୍ରଦାନ କରିଛି। କେବଳ ସେତିକି ନୁହେଁ, ସେ ତାଙ୍କ ଦୋକାନ ବନ୍ଦ କରିବା ସମୟ ରାତି ୨ଟାକୁ ପରିବର୍ତ୍ତନ କରିଦେଇଛନ୍ତି। ଏହାବାଦ୍ ଯେଉଁ ଝିଅମାନେ ବିଳମ୍ବରେ କାର୍ଯ୍ୟରୁ ଫେରିବା ଯୋଗୁଁ ରାସ୍ତାରେ ଯିବାକୁ ଡରୁଥାନ୍ତି ସେ ସେମାନଙ୍କ ସହ ଯାଇଥାନ୍ତି। ସେହିପରି ସନ୍ ତାଙ୍କ ଘରେ ଥିବା ଲ୍ୟାଣ୍ଡଫୋନ୍‌ଟିକୁ ଦୋକାନରେ ରଖିଛନ୍ତି। ଅନେକ ବୟସ୍କ ବ୍ୟକ୍ତି ଯେଉଁମାନେ ମୋବାଇଲ ବ୍ୟବହାର କରି ନ ଥାନ୍ତି ଏବଂ ଯେଉଁ ପିଲାମାନେ ଫୋନ୍ ଆଣି ନ ଥାନ୍ତି, ସେ ସେମାନଙ୍କୁ ମାଗଣାରେ ଫୋନ୍‌ରେ କଥାବାର୍ତ୍ତା କରିବାର ସୁଯୋଗ ଦେଇଥାନ୍ତି। ସନ୍‌ଙ୍କ ପଡ଼ୋଶୀମାନେ ବି ତାଙ୍କୁ ଖୁବ୍ ବିଶ୍ୱାସ କରନ୍ତି। ସେମାନେ କୁଆଡ଼େ ଗଲେ ଘରର ଚାବିଗୁଡ଼ିକୁ ସନ୍‌ଙ୍କୁ ଦେଇଯାନ୍ତି। ସନ୍ ଏବଂ ତାଙ୍କ ସ୍ୱାମୀ ୨୦ ବର୍ଷ ହେବ ଏହି ଅଞ୍ଚଳରେ ରହି ଆସୁଛନ୍ତି। ଦିନେ ସନ୍ ଅସୁବିଧାରେ ଥିବାବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ସାହାଯ୍ୟ କରିଥିଲେ, ଯାହାକୁ ଏବେ ସେ ତାଙ୍କର ଏହି କାର୍ଯ୍ୟ ମାଧ୍ୟମରେ ସୁଝାଉଥିବା କୁହନ୍ତି। ଅନ୍ୟପଟେ ସନ୍‌ଙ୍କର ଏହି କାର୍ଯ୍ୟକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।




# ମଶା କାମୁଡ଼ିଲେ ଆପେ ମରିବ



ଏଣିକି ମଶା କାମୁଡ଼ିଲେ ଆପେ ଆପେ ମରିଯିବେ। ଏକଥା ଏକ ନୂତନ ଗବେଷଣାରୁ ଜଣାପଡ଼ିଛି। କେନିଆ ଏବଂ ମୋଜାମ୍ବିକ ଭଳି ଆଫ୍ରିକୀୟ ଦେଶରେ ଏକ ଗବେଷଣା କରାଯାଇଥିଲା। ଏଠାରେ ଆଇଭରମେକ୍ଟିନ୍ ନାମକ ଔଷଧ ଯୋଗୁଁ ମ୍ୟାଲେରିଆ ମାମଲା ୨୬ ପ୍ରତିଶତ ହ୍ରାସ ପାଇଥିବା ଜଣାପଡ଼ିଛି। ଏହି ଔଷଧ ଯଦିଓ ମଣିଷକୁ କ୍ଷତି ପହଞ୍ଚାଇ ନ ଥାଏ, ତଥାପି ମଶା କାମୁଡ଼ିଲେ ସେମାନେ ଆପେ ଆପେ ମରିଯାଆନ୍ତି। ଏହି ଗବେଷଣା ବାର୍ସିଲୋନା ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲଥ୍ ନେତୃତ୍ୱରେ କରାଯାଇଥିଲା। ଏହି ଔଷଧ ଯେତେବେଳେ ଜଣକୁ ଦିଆଯାଏ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ମଶା କାମୁଡ଼ିଲେ, ତୁରନ୍ତ ମରିଯାଏ। ତେବେ ଉକ୍ତ ଔଷଧର ମାସିକ ଡୋଜର ପ୍ରଭାବ କିଛି ଦିନ ପର୍ଯ୍ୟନ୍ତ ରହିଥାଏ। କେନିଆରେ ପାଞ୍ଚରୁ ୧୫ ବର୍ଷ ବୟସର ପିଲା ଏବଂ ମୋଜାମ୍ବିକରେ ୫ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ତିନି ମାସ ପର୍ଯ୍ୟନ୍ତ ଏହାର ଡୋଜ୍ ଦିଆଯାଇଥିଲା। ଔଷଧ ଖାଇଥିବା କେନିଆ ପିଲାଙ୍କଠାରେ ମ୍ୟାଲେରିଆ ମାମଲା ୨୬ ପ୍ରତିଶତ ହ୍ରାସ ପାଇଥିଲା। ସେହିପରି ଏହି ଗବେଷଣାରେ ୨୦ ହଜାରରୁ ଅଧିକ ପିଲା ସାମିଲ ଥିଲେ ଏବଂ ଏଥିରେ ୫୬ ହଜାରରୁ ଅଧିକ ଡୋଜ ସାମିଲ ଥିଲା। ଅନ୍ୟପକ୍ଷରେ ଏହି ଔଷଧକୁ ଅନେକ ଦେଶ ସେମାନଙ୍କ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି।

# ଡାଏଟିଂର ନୂଆ ଧାରା 'ଫାଇବର ମ୍ୟାକ୍ସିଂ'

ଆଜିକାଲି ଡାଏଟିଂକୁ ନେଇ ନୂଆ ନୂଆ ଧାରା ସାମ୍ନାକୁ ଆସୁଛି। ଏହି କ୍ରମରେ ଏବେ ଫାଇବରମ୍ୟାକ୍ସିଂ ଚର୍ଚ୍ଚାରେ ଅଛି। ତେବେ ଏହା ହେଉଛି ଏକ ନୂଆ ସୋସିଆଲ ମିଡିଆ ହେଲଥ୍ ଟ୍ରେଣ୍ଡ। ଏହା ବିଶେଷକରି ଟିକ୍‌ଟକ୍ ଏବଂ ଇନଷ୍ଟାଗ୍ରାମ୍‌ରେ ଭାଇରାଲ ହୋଇଛି। ଏଥିରେ ଲୋକେ ପ୍ରତିଦିନ ଖାଉଥିବା ଖାଦ୍ୟରେ ଫାଇବରର ମାତ୍ରାକୁ ବଢ଼ାଇ ଥାନ୍ତି। ଏହା ଡାକ୍ତର କହୁଥିବା ୨୫-୩୦ ଗ୍ରାମ୍ ମାତ୍ରାରୁ ଅଧିକ ହୋଇଥାଏ। ଏହି ଡାଏଟ୍‌ର ଉଦ୍ଦେଶ୍ୟ ହେଉଛି ଅଧିକରୁ ଅଧିକ ଫଳ, ପନିପରିବା, ନଟ୍ସ ଆଦି ଫାଇବରଯୁକ୍ତ ଖାଇବା। ନଚେତ୍ ସପ୍ଲିମେଣ୍ଟସ୍ ମାଧ୍ୟମରେ ଅଧିକ ଫାଇବର ଗ୍ରହଣ କରିବା। ତେବେ ଇନ୍‌ଷ୍ଟା, ଟିକ୍‌ଟକ୍‌ରେ ହାଇ ଫାଇବର ରେସିପିଗୁଡ଼ିକ(ଚିୟା ପୁଡିଂ, ଓଟସ୍ ବାଉଲ) ଅଧିକ ସେୟାର୍ କରାଯିବାରୁ ଏହି ଟ୍ରେଣ୍ଡ ଅଧିକ ଲୋକପ୍ରିୟ ହୋଇଛି। ତେବେ ଏଭଳି ଖାଦ୍ୟଗୁଡ଼ିକ ଶୀଘ୍ର ହଜମ ହୋଇ ଯାଉଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ରୁହେ ନାହିଁ। ଫାଇବର ଅଧିକ ମାତ୍ରାରେ ଗ୍ରହଣ କରିବା ଦ୍ୱାରା ଫୁଲନେସ୍ ହର୍ମୋନ ସକ୍ରିୟ ହୋଇଯାଏ। ଏହାଦ୍ୱାରା ଭୋକ କମ୍ ଲାଗେ। ତା'ସହ ଓଜନକୁ ନିୟନ୍ତ୍ରଣରେ ରଖିବା ସହଜ ହୁଏ। ଏହା ମଧୁମେହ ଓ ହୃଦ୍‌ରୋଗୀଙ୍କ ପାଇଁ ମଧ୍ୟ ଲାଭକାରୀ। ଏହାବାଦ୍ ଅନେକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ହାଇ ଫାଇବର ଡାଏଟ୍ ଦ୍ୱାରା ହୃଦ୍‌ରୋଗ, ଷ୍ଟ୍ରୋକ, କୋଲନ କ୍ୟାନସର ଏବଂ ଟାଇପ୍ ୨ ଡାଏବେଟିସ୍ ହେବା ଆଶଙ୍କା ୧୬-୩୦ ପ୍ରତିଶତ ହ୍ରାସ ପାଏ। ଅନ୍ୟପକ୍ଷରେ ଫାଇବର ମାତ୍ରା ଅଚାନକ ବଢ଼ାଇ ଦେବା ଦ୍ୱାରା ପେଟ ଫୁଲିବା, ଗ୍ୟାସ୍, ଡାଇରିଆ, କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦେଖାଯାଇପାରେ। ଅନ୍ୟପକ୍ଷରେ କେବଳ ଫାଇବର ଉପରେ ଦୃଷ୍ଟି ଦେଲେ ଶରୀରରେ ପ୍ରୋଟିନ, ହେଲଦି ଫ୍ୟାଟ୍, ଆଇରନ ଏବଂ ନ୍ୟୁଟ୍ରିଏଣ୍ଟର ଅଭାବ ଦେଖା ଦେଇପାରେ।



## ଆଜିର ରାଶିଫଳ

**ମେଷ:** କୋର୍ଟକଚେରୀ ମାମଲାରୁ ଆଶ୍ୱସ୍ତି ମିଳିପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ମହିଳାମାନେ ଆଳସ୍ୟତା ଅନୁଭବ କରିବେ। ନୂତନ ନିବେଶରୁ କ୍ଷତିଗ୍ରସ୍ତ ହୋଇପାରନ୍ତି।

**ବୃଷ:** ବିଭିନ୍ନ କାର୍ଯ୍ୟରୁ ସଫଳତା ମିଳିବ। କର୍ମକ୍ଷେତ୍ରରେ ଦକ୍ଷତା ପ୍ରମାଣିତ ହେବ। ପରିବାରର ସହାୟତା ପାଇବେ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଏତେ ଭଲ ନୁହେଁ।

**ମିଥୁନ:** କୌଣସି ଜରୁରି କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଦାମ୍ପତ୍ୟ ଜୀବନରେ ସମନ୍ୱୟ ରହିବ। ଜୀବନରେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇବେ। ସନ୍ତାନଙ୍କ ସହ ମୂଲ୍ୟବାନ ସମୟ କଟାଇବେ।

**କର୍କଟ:** ପରିବାର ସମ୍ବନ୍ଧରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ। ଲଗାତାର ଚେଷ୍ଟା କରି ସଫଳତା ପାଇବେ। ପଡୋଶୀଙ୍କ ସହ ଭୁଲ୍‌ବୁଝାମଣା ହୋଇପାରେ।

**ସିଂହ:** ଗୁରୁଜନଙ୍କ ପରାମର୍ଶ ନେଇ କାମ ଆରମ୍ଭ କରିବେ। ବ୍ୟବସାୟରେ ସଫଳତା ପାଇବେ। ଦୂରଯାତ୍ରା ପାଇଁ ସୁଯୋଗ ରହିଛି। ପିଲାମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** କ୍ୟାରିୟର ପାଇଁ ନୂତନ ଦିଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ତୁଳା:** କୌଣସି କାର୍ଯ୍ୟରେ ସଫଳତା ନପାଇ ନିରାଶ ରହିପାରନ୍ତି। ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମହିଳାମାନେ ଉଚିତ ନିଷ୍ପତ୍ତି ଗ୍ରହଣ କରିପାରିବେ। ନୂତନ ଜମିକ୍ରୟ କରିପାରନ୍ତି।

**ବିଛା:** ଅଟକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ। ମାନସିକ ଅବସାଦ ବଢ଼ିବ। ପରୀକ୍ଷାର୍ଥୀଙ୍କ ପାଇଁ ଦିନଟି ବହୁତ ଭଲ।

**ଧନୁ:** ପାରିବାରିକ ସମ୍ପର୍କ ମଜଭୁତ ହେବ। ଆର୍ଥିକ ଲାଭ ପାଇବାର କିଛି ସୁଯୋଗ ପାଇବେ। ଜୀବନସାଥୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବ।

**ମକର:** ପରିବାର ସହିତ ଆନନ୍ଦଭରା ସମୟକୁ ଅତିବାହିତ କରିବେ। ମହିଳାମାନେ ସ୍ୱାଭିମାନୀ ହୋଇ କାର୍ଯ୍ୟ କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ। ସୁଯୋଗର ସଠିକ୍ ଉପଯୋଗ କରିବେ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଉଧାର ଟଙ୍କା ଫେରିପାଇବେ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ। ଉଧାର ଟଙ୍କା ଫେରି ପାଇବେ।

■ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଅବସରପ୍ରାପ୍ତ ଆଇଏଫଏସ୍ ଅଧିକାରୀଙ୍କୁ ୨ ବର୍ଷ ଜେଲ୍

କଟକ,୧୧।୮ (ସମିସ): ଅବସରପ୍ରାପ୍ତ ଆଇଏଫଏସ ଅଧିକାରୀ ଅମରେଶ କୁମାର ଜୟସ୍ୱାଲଙ୍କୁ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ରୁଜୁ ମାମଲାରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ ଧାରା୧୩(୨) ଆର /୧୩(୧)ଇ ଅନୁସାରେ ୨ବର୍ଷ ଜେଲଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରକାଶଥାଉକି ଶ୍ରୀ ଜୟସ୍ୱାଲ ସମ୍ବଲପୁର ଡିଏଫଓ ଭାବେ କାର୍ଯ୍ୟ କରୁଥିବା ବେଳେ ଗତ ୨୦୦୨ ମସିହାରେ ଆୟବହିର୍ଭୁତ ସମ୍ପତ୍ତି ଠୁଳ ନେଇ ତାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ ମଧ୍ୟ ଦାଖଲ ହୋଇଥିଲା। ଗତ ୨୦୨୧ଜୁନରେ ସେ ପିସିସିଏଫଙ୍କ କାର୍ଯ୍ୟାଳୟରୁ ବନ ସଂରକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ।

ସମ୍ବଲପୁର ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଡିଏସପି ସ୍ୱରୂପ କୁମାର ପରିଡା ଏହି ମାମଲାର ତଦନ୍ତ କରିଥିଲେ। ପ୍ରଜିକ୍ୟୁସନ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାକେଶ କୁମାର ସାହୁ ଓ ଜ୍ୟୋତିପ୍ରକାଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ପେନସନ ବନ୍ଦ କରିବା ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

ଭୋଟ ତାରତମ୍ୟ

## ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବିଜେଡି

ଭୁବନେଶ୍ୱର,୧୧।୮ (ସମିସ): ନିର୍ବାଚନ ସ୍ୱଚ୍ଛତା ପ୍ରତିପାଦନ କରିବାରେ ନିର୍ବାଚନ କମିସନ ବିଫଳ ହୋଇଛନ୍ତି। ୮ ମାସ ତଳେ ବିଜୁ ଜନତା ଦଳ ପକ୍ଷରୁ ଗତ ନିର୍ବାଚନରେ ପରିଲକ୍ଷିତ ଭୋଟ ଅସଙ୍ଗତିକୁ ନେଇ ନିର୍ବାଚନ କମିସନରଙ୍କ ନିକଟରେ ତଥ୍ୟ ପ୍ରଦାନ କରାଯାଇ ଉତ୍ତର ମଗାଯାଇଥିଲା। ମାତ୍ର ଏଯାଏଁ ଏନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳିନାହିଁ। ତେଣୁ ଏହି ମାମଲାକୁ ନେଇ ଦଳ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବ। ଆବଶ୍ୟକ ପଡ଼ିଲେ ଦଳ ସୁପ୍ରିମକୋର୍ଟ ମଧ୍ୟ ଯିବ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦଳର ମୁଖପାତ୍ର ଅମର ପଟ୍ଟନାୟକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ଓ ବିଧାୟକ ଧ୍ରୁବ ଚରଣ ସାହୁ।

ଶ୍ରୀ ଅମର ପଟ୍ଟନାୟକ କହିଥିଲେ ଯେ ଗତ ନିର୍ବାଚନରେ ଭୋଟ ଶେଷ ହେବା ପରେ ନିର୍ବାଚନ କମିସନରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ଅନୁଶୀଳନ କରିବା ପରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବରେ ବିଜେଡି ପକ୍ଷରୁ ନିର୍ବାଚନ କମିସନରଙ୍କୁ ଏହି ତାରତମ୍ୟ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ପ୍ରଥମରେ ରାଜ୍ୟର ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିଲା। ଦ୍ୱିତୀୟରେ ସଂସଦ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ରହିଥିଲା। ତୃତୀୟରେ ନିର୍ବାଚନ ସମୟ ଶେଷ ହୋଇଯିବା ପରେ ଭୋଟ ପଡିବା ସଂଖ୍ୟା ପ୍ରାୟ ୭ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା। ୫୦ ପ୍ରତିଶତ ବିଧାନସଭା ଆସନରେ ଏହି ତାରତମ୍ୟ ୧୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା। ୨୦୨୪ ମସିହା ଡିସେମ୍ବର



■ ନିର୍ବାଚନରେ ସ୍ୱଚ୍ଛତା ପ୍ରତିପାଦନ କରିବାରେ କମିସନ ବିଫଳ
■ ଫର୍ମ ୧୭-ସି ପ୍ରଦାନ କରୁନାହାନ୍ତି କମିସନ, ସ୍ୱଚ୍ଛତାକୁ ନେଇ ପ୍ରଶ୍ନ
■ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇବାର ବହୁ ପୂର୍ବରୁ ବିଜେଡି ଉଠାଇଥିଲା
■ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଯାଜପୁର ବିଜେଡି ସଂସଦୀୟ ପ୍ରାର୍ଥୀ

୧୯ ତାରିଖରେ ବିଜେଡି ପକ୍ଷରୁ ଏହି ସମ୍ବନ୍ଧରେ ଅଭିଯୋଗ ଦାଖଲ କରାଯାଇ ଏହାର ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିଲା। ଏହାଛଡା ନିର୍ବାଚନ ପ୍ରକ୍ରିୟାକୁ ଅଧିକ ପାରଦର୍ଶିତା କରିବା ପାଇଁ, ଭୋଟର ଲିଷ୍ଟ ପ୍ରସ୍ତୁତିରୁ ଆରମ୍ଭ କରି ଭୋଟ ଗଣତି ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଅଡିଟ୍ କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା। ନିର୍ବାଚନ ପ୍ରକ୍ରିୟାର ଏପରି ଅଡିଟ୍ ବ୍ୟବସ୍ଥା ସମସ୍ତ ବିକଶିତ ରାଷ୍ଟ୍ର ମାନଙ୍କରେ ରହିଛି। ସେହିପରି ଭିଭିପ୍ୟାଟ ବ୍ୟବସ୍ଥାରେ କେବଳ ୫ ପ୍ରତିଶତରେ ସୀମିତ ନ ରଖି ସମସ୍ତ ଭୋଟ ପାଇଁ ଲାଗୁ କରାଯାଉ ବୋଲି ଅନୁରୋଧ କରାଯାଇଥିଲା। ନିୟମ ଅନୁଯାୟୀ ନିର୍ବାଚନ ପରେ ଫର୍ମ ୧୭-ସି ନିର୍ବାଚନ କମିସନଙ୍କ ଦ୍ୱାରା ପ୍ରଦାନ କରାଯିବା କଥା। ମାତ୍ର ନିର୍ବାଚନ କମିସନ ତାହା ଦେଉନାହାନ୍ତି। ଯେହେତୁ କିଛି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଫଳାଫଳକୁ ନେଇ ଉଚ୍ଚନ୍ୟାୟାଳୟରେ ମାମଲା ଦାଖଲ ହୋଇଛି, ସେଥିପାଇଁ ଫର୍ମ ୧୭ ସି ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ନିର୍ବାଚନ କମିସନଙ୍କ ଉତ୍ତର ସନ୍ତୋଷଜନକ ନୁହେଁ। ଓଡ଼ିଶାରେ ମାତ୍ର ୨୮ଟି ନିର୍ବାଚନ ମଣ୍ଡଳୀକୁ ନେଇ ମାମଲା ଚାଲିଛି। ଏହାକୁ ଛାଡି ଅନ୍ୟ ନିର୍ବାଚନ ମଣ୍ଡଳୀ ଗୁଡିକର ଫର୍ମ-୧୭ ସି ପ୍ରଦାନ କରିବା କଥା; କିନ୍ତୁ ନିର୍ବାଚନ କମିସନ ସେଗୁଡିକ ମଧ୍ୟ ପ୍ରଦାନ କରୁନାହାନ୍ତି। ଶ୍ରୀ ପଟ୍ଟନାୟକ ଆହୁରି ମଧ୍ୟ କହିଥିଲେ ଯେ ନିକଟରେ ରାହୁଲ ଗାନ୍ଧୀ ନିର୍ବାଚନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇବା ପରେ ରାଜ୍ୟରେ କଂଗ୍ରେସ ମଧ୍ୟ ପ୍ରଶ୍ନ କରିଛି। କିନ୍ତୁ ଏହାର ବହୁ ପୂର୍ବରୁ ବିଜୁ ଜନତା ଦଳ ଏହି ପ୍ରସଙ୍ଗ ଉଠାଇଥିଲା। ବିଜେଡି ଦ୍ୱାରା ପୂର୍ବରୁ ଦାବି କରାଯାଇଥିବା ଅଡିଟ୍ ବ୍ୟବସ୍ଥାକୁ ମଧ୍ୟ ରାହୁଲ ଗାନ୍ଧୀ ଦୋହରାଇଛନ୍ତି। ନିର୍ବାଚନ ଫଳାଫଳକୁ ନେଇ ରାଜ୍ୟବାସୀଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରିବାରେ ନିର୍ବାଚନ କମିସନ ସକ୍ଷମ ହୋଇପାରିନାହାନ୍ତି, ଯେଉଁଥିପାଇଁ ବିଜୁ ଜନତା ଦଳ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ସେହିପରି ଶର୍ମିଷ୍ଠା ସେଠୀ କହିଥିଲେ ଯେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ପରଦିନ ମୁଁ ନିର୍ବାଚନ କମିସନଙ୍କୁ ଯାଜପୁର ସଂସଦ କ୍ଷେତ୍ରର ଫର୍ମ ୧୭-ସି ପାଇଁ ଆବେଦନ କରିଥିଲି। ଏହା ମୋତେ ପ୍ରଦାନ କରା ନ ଯିବାରୁ ମୁଁ ଭାରତର ନିର୍ବାଚନ କମିସନଙ୍କୁ ଚିଠି ଲେଖିଥିଲି। ମାତ୍ର ମୋତେ ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଯାହାଫଳରେ ମୁଁ ବାଧହୋଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲି। ଏବେ ତାହା ବିଚାରାଧୀନ ରହିଛି ବୋଲି ସେ ସୂଚନା ଦେଇଛନ୍ତି।

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା

## ଜିତନ, ବିଜୟଙ୍କୁ କ୍ରାଇମବ୍ରାଞ୍ଚର ମାରାଥନ୍ ଜେରା

କଟକ, ୧୧।୮ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଦୁଇ ଅଭିଯୁକ୍ତ ତଥା (ମାଧ୍ୟମିକ ଶିକ୍ଷା ପରିଷଦ)ବୋର୍ଡର ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରାଣା ଓ ଶିକ୍ଷକ ନେତା ବିଜୟ ମିଶ୍ରଙ୍କୁ ଦୁଇଦିନିଆ ରିମାଣ୍ଡରେ ନେଇ ଘନଘନ ଜେରା କରିଛି। ଉଭୟ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲରୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟକୁ ନିଆଯିବା ପରେ ପୂର୍ବରୁ ପ୍ରସ୍ତୁତ ପ୍ରଶ୍ନାବଳୀ ଆଧାରରେ ପୃଥକ୍ ଜେରା କରାଯାଇଥିଲା। କ୍ରାଇମବ୍ରାଞ୍ଚର ୪ଜଣିଆ ଟିମ୍ ସେମାନଙ୍କୁ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଗୁଡ଼େଇତୁଡ଼େଇ ପ୍ରଶ୍ନ କରିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଗିରଫ ଭୟରେ ଉଭୟ ନିଜ ମୋବାଇଲରୁ ଅନେକ ତଥ୍ୟ ଡିଲିଟ୍ କରିଦେଇଥିଲେ। ହେଲେ କ୍ରାଇମବ୍ରାଞ୍ଚ ଉଭୟଙ୍କ ମୋବାଇଲକୁ ଜବତ କରି ଡିଲିଟ୍ ହୋଇଥିବା ସମସ୍ତ ତଥ୍ୟକୁ ରିକଭରି କରିବାରେ ସଫଳ ହୋଇଛି। ଆଜି ସ୍ପେସାଲ ଟିମ୍ ଏହି ତଥ୍ୟ ସମ୍ପର୍କରେ ସେମାନଙ୍କୁ ଜେରା କରିଛି।

ଏହି ଜେରାରୁ କ୍ରାଇମବ୍ରାଞ୍ଚକୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାଯାଇଛି। ଏପରିକି, ଜିତନ ଓ ବିଜୟଙ୍କ ମଧ୍ୟରେ କେତେ ନଗଦ କାରବାର ଓ ଆକାଉଣ୍ଟ ମାଧ୍ୟମରେ କାରବାର ହୋଇଛି, ସେନେଇ ଘନଘନ ଜେରା କରାଯାଇଥିଲା। ପ୍ରଶ୍ନପତ୍ର ଲିକ୍ ଘଟଣାର ମୁଖ୍ୟ ସୂତ୍ରଧର ଜିତନଙ୍କ ଆକାଉଣ୍ଟକୁ ଶିକ୍ଷକ ସଂଘ ନେତା ବିଜୟ ମିଶ୍ରଙ୍କ ତରଫରୁ ଫୋନ-ପେ' ଜରିଆରେ ୨ ଲକ୍ଷ ୫୦ ହଜାର ଟଙ୍କା ଆସିଥିଲା ଓ ବିଜୟଙ୍କ ଆକାଉଣ୍ଟକୁ ଅନୁରୂପ ଆଉ ଜଣେ ଶିକ୍ଷକଙ୍କ ଠାରୁ ୯ ୯ହଜାର ଟଙ୍କା ଆସିଥିଲା। ଏଣୁ ଉଭୟ ଏହି କେଳେଙ୍କାରୀ ଘଟଣାରେ ନଗଦ ଓ ଆକାଉଣ୍ଟ ଜରିଆରେ ଆହୁରି ଅଧିକ ଅର୍ଥ ଆଦାୟ କରିଥିବା ଜେରାରୁ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଉଭୟଙ୍କୁ ସେମାନଙ୍କ ବ୍ୟାଙ୍କ

■ ନଗଦ ଆକାରରେ ଆଦାୟ ହୋଇଛି ଲକ୍ଷ ଲକ୍ଷ ଟଙ୍କା !
■ ମୋବାଇଲରୁ ରିକଭରି ହେଲା ଡିଲିଟ୍ ତଥ୍ୟ
■ ଆଗକୁ ବଢ଼ିପାରେ ଗିରଫଦାରୀ ସଂଖ୍ୟା !

ଜମାଖାତା ବିବରଣୀ ଓ ଅନ୍ୟ ଦସ୍ତାବିଜ୍ ସହ କ୍ରାଇମବ୍ରାଞ୍ଚ ଟିମ ଅର୍ଥ କାରବାର ସମ୍ପର୍କରେ ତନାଘନା ଚଳାଇଛି। କୋରାପୁଟ, କଳାହାଣ୍ଡି, ରାୟଗଡ଼ା, କେନ୍ଦୁଝର ଆଦି କେତେକ ଜିଲ୍ଲାରେ ଆଶାୟୀ ପରୀକ୍ଷାର୍ଥୀ ତଥା ଶିକ୍ଷକମାନଙ୍କଠାରୁ ପ୍ରଶ୍ନପତ୍ର ବାବଦରେ ଲକ୍ଷଲକ୍ଷ ଟଙ୍କା ଆଦାୟ କରାଯାଇଥିବା ନେଇ ଅଭିଯୋଗ ଆସିଥିଲା। ଏସବୁ ଅର୍ଥ କାରବାରରେ ଉଭୟ ଅଭିଯୁକ୍ତଙ୍କ ସହ ଆଉ କିଏ ସମ୍ପୃକ୍ତ ରହିଛନ୍ତି, ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ଏହି ଘଟଣାରେ ଗିରଫ ହୋଇଥିବା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ବୋର୍ଡର ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ସହିତ ଜିତନଙ୍କ ଆର୍ଥିକ କାରବାର ଘଟଣାର ମଧ୍ୟ ଖୋଳତାଡ଼ କରିଛି କ୍ରାଇମବ୍ରାଞ୍ଚ। ପରୀକ୍ଷା ପରିଚାଳନାରେ ଜିତନଙ୍କ କିଛି ଦାୟିତ୍ୱ ନଥିଲେ ମଧ୍ୟ ନୀହାରଙ୍କ ସହ ଅଫିସ ସମୟ ବାଦ୍ ୧୦୦ଥର ଫୋନରେ ବାର୍ତ୍ତାଳାପ ହୋଇଥିବା କ୍ରାଇମବ୍ରାଞ୍ଚ ପୂର୍ବରୁ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ମଧ୍ୟ ଜିତନଙ୍କୁ କ୍ରାଇମବ୍ରାଞ୍ଚ ଟିମ ପ୍ରଶ୍ନ କରିଥିଲା। ପ୍ରଥମ ପର୍ଯ୍ୟାୟରେ ଆଜି ଜିତନ ଓ ବିଜୟଙ୍କୁ ପୃଥକ୍ ଜେରା କରାଯାଇଥିବା ବେଳେ ଆସନ୍ତାକାଲି ସେମାନଙ୍କୁ ସାମ୍ନାସାମ୍ନି ଜେରା କରାଯିବ ବୋଲି ଜଣାପଡ଼ିଛି।

ଅପରପକ୍ଷେ, ଆଗକୁ ଏହି ଘଟଣାରେ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ରିମାଣ୍ଡରେ ଆଣିବା ପାଇଁ କ୍ରାଇମବ୍ରାଞ୍ଚ ଯୋଜନା କରୁଥିବା ଜଣାପଡ଼ିଛି। ଏଥିସହ ଏହି ଘଟଣାରେ ସଂପୃକ୍ତ ଥିବା ଆଉ କିଛି ବୋର୍ଡ କର୍ମଚାରୀ ଓ ଶିକ୍ଷକଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

ସମ୍ବଲପୁର ରେଳମଣ୍ଡଳର ଅବହେଳା !

## ବିଦ୍ୟୁତ ଖୁଣ୍ଟ ପଡ଼ି ଚାଲିଗଲା ଛାତ୍ରଙ୍କ ଜୀବନ

ସମ୍ବଲପୁର,୧୧।୮ (ସମିସ): ସ୍କୁଲ ବନ୍ଦ ହେବାକୁ ମାତ୍ର ଆଉ ୧୫ ମିନିଟ ଥିଲା। ପରିସ୍ରା କରିବାକୁ କହି ସ୍କୁଲ ଛାତ୍ର ବାହାରକୁ ଆସିଥିଲେ। ହେଲେ ଏହି ସମୟରେ ଗୋଟିଏ ବିଦ୍ୟୁତ ଖୁଣ୍ଟ ତାଙ୍କ ଉପରେ ପଡ଼ିଯାଇଥିଲା।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଢ଼ାରଜା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ବିହାରୀପଡ଼ାର ଷଷ୍ଠ ଶ୍ରେଣୀରେ ପଢୁଥିବା ରାହୁଲ ଯାଦବ(୧୨)। ଆଜି ଅପରାହ୍ନ ପ୍ରାୟ ୩ଟା ୪୫ରେ ଏହି ଅଘଟଣ ଘଟିଛି। ରାହୁଲ ପରିସ୍ରା କରିବା ପାଇଁ ବାହାରକୁ ଆସିଥିବା ବେଳେ ତାଙ୍କ ଉପରେ ବିଦ୍ୟୁତ ଖୁଣ୍ଟି ପଡ଼ିଯାଇଥିଲା। ରେଳବାଇ କର୍ମଚାରୀଙ୍କ ଅବହେଳା କାରଣରୁ ଏହା ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।



ସୂଚନାଯୋଗ୍ୟ, ସ୍କୁଲ ପରିସରକୁ ଲାଗି ସମ୍ବଲପୁର ରୋଡ ଷ୍ଟେସନଟି ରହିଛି। ଏହି ଷ୍ଟେସନରେ ରେଳ ବିଭାଗ ପକ୍ଷରୁ କାମ ଚାଲିଥିବା ବେଳେ ଖୁଣ୍ଟଟି ସ୍କୁଲ ଉପରେ ପଡ଼ିଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀଙ୍କ କହିବା ଅନୁଯାୟୀ, ରେଳ ବିଭାଗ ପକ୍ଷରୁ ଏନେଇ ଆମକୁ କୌଣସି ସୂଚନା ଦିଆଯାଇନଥିଲା। କେତେବେଳେ କାମ ଆରମ୍ଭ କଲେ ଏଥିପାଇଁ କ'ଣ ପଦକ୍ଷେପ ନିଆଯିବା କଥା, ସେନେଇ କିଛି କହିଲେ ନାହିଁ। ହୁଏତ ଆମେ ଏ ବିଷୟରେ ଜାଣିଥିଲେ। ସେ ସମୟରେ ପିଲାଙ୍କୁ ବାହାରକୁ ଯିବାକୁ ବାରଣ କରିଥାନ୍ତୁ। ରାହୁଲର ମୃତ୍ୟୁ ପରେ ଡିଏଚ୍ଏଚ୍ ପରିସରରେ ଦୀର୍ଘ ସମୟ ଧରି ଉତ୍ତେଜନା ଜାରି ରହିଥିଲା। ପରିବାରଲୋକେ ରେଳ ବିଭାଗକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। କୌଣସି ସତର୍କତା ଅବଲମ୍ବନ ନ କରି ଖୁଣ୍ଟି କିପରି କାଟୁଥିଲା। ଦୀର୍ଘ ସମୟର ଉତ୍ତେଜନା ପରେ ଡାକ୍ତରଖାନା ପରିସରରେ ଏଡିଆରଏମ ପହଞ୍ଚି ସ୍ଥିତି ପରଖିଥିଲେ। ମୃତ ଛାତ୍ରଙ୍କ ବଡ଼ଭାଇଙ୍କୁ ସରକାରୀ ଚାକିରୀ ଓ ଅନୁକମ୍ପା ରାଶି ୨୦ଲକ୍ଷ ଟଙ୍କା ଦେବା ପାଇଁ ଏଡିଆରଏମଙ୍କ ପାଖେ ଦାବି କରାଯାଇଛି। ରେଳବିଭାଗ ଏହାକୁ ନ ମାନିଲେ ଡିଆରଏମ ଓ ରେଳଲାଇନ ଉପରେ ବସି ଆନ୍ଦୋଳନ କରିବୁ ବୋଲି ପରିବାର ଓ ପଡ଼ାବାସୀ ଦାବି କରିଥିଲେ।

## ଖୁବ୍ ଶୀଘ୍ର ଆସିବ ନୂଆ ବିସ୍ଥାପନ ଓ ଥଇଥାନ ନୀତି

ଭୁବନେଶ୍ୱର,୧୧।୮ (ସମିସ): ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ନୂତନ ବିସ୍ଥାପନ ଓ ଥଇଥାନ ନୀତି ଆଣିବେ ରାଜ୍ୟ ସରକାର। ଏ ନେଇ ଏକ ନୂତନ ବ୍ୟବସ୍ଥା ପ୍ରଣୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ପ୍ରସ୍ତାବିତ ନୀତିର ଅଂଶ ଭାବରେ ବିସ୍ଥାପିତ ଲୋକଙ୍କୁ ବିଭିନ୍ନ ପ୍ରକାରର କ୍ଷତିପୂରଣ ମଧ୍ୟରୁ ଗୋଟିଏ ବାଛିବାର ଅଧିକାର ରହିବ। ଯଦି କୌଣସି ପ୍ରକଳ୍ପ ପାଇଁ ଜମି ଆବଶ୍ୟକ ହୁଏ, ତେବେ ସରକାର ଜମି ହରାଇଥିବା ଲୋକଙ୍କ ଉପରେ ଏହାର ଯୋଜନା ଜୋରଜବରଦସ୍ତ ଲଦି ଦେବେ ନାହିଁ। ପ୍ରଭାବିତ ଲୋକଙ୍କ ଦାବି ଏବଂ ସୁବିଧା ଆଧାରରେ ବିଭିନ୍ନ ବିକଳ୍ପ ଦିଆଯିବ। ଏଥିରେ ଆର୍ଥିକ କ୍ଷତିପୂରଣ ବ୍ୟତୀତ ଜମି ହରାଇଥିବା ଲୋକମାନେ ପ୍ରକଳ୍ପରେ ଅଂଶୀଦାର ମଧ୍ୟ ହୋଇପାରିବେ। ଏହା ବ୍ୟତୀତ ଜମି ବଦଳରେ ଜମି ପାଇଁ ମଧ୍ୟ ସରକାର ବ୍ୟବସ୍ଥା କରିବେ। ଯଦି ପ୍ରଭାବିତ ଲୋକମାନେ ଚାହାଁନ୍ତି, ତେବେ ସେମାନେ ଆର୍ଥିକ କ୍ଷତିପୂରଣ ବଦଳରେ ପ୍ରକଳ୍ପରେ ଏକ ଆନୁପାତିକ ଅଂଶଧନ ମଧ୍ୟ ନେଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ଏହା ବ୍ୟତୀତ କ୍ଷତିପୂରଣ ଭାବରେ ପ୍ରଦାନ କରାଯାଇଥିବା ଟଙ୍କା ଅନେକ କ୍ଷେତ୍ରରେ ତିନି ବର୍ଷରୁ

■ ପ୍ରାକୃତିକ ବିପର୍ଯ୍ୟୟରେ ଜମିହରାଙ୍କୁ ସରକାର ଦେବେ ଜମି
■ ରହିବ ଆର୍ଥିକ କ୍ଷତିପୂରଣ, ଅଂଶୀଦାର ଓ ଜମି ବଦଳରେ ଜମି

ଅଧିକ ସମୟ ପର୍ଯ୍ୟନ୍ତ ପାଖରେ ରହି ନ ଥାଏ। ସେହିପରି ଅନେକ ଲୋକ ବ୍ୟବସାୟ ଓ ନିବେଶ କିପରି କରିବେ ତାହା ଜାଣନ୍ତି ନାହିଁ। ଫଳରେ ସେମାନେ କ୍ଷତିପୂରଣ ଟଙ୍କା ହରାଇ ଦେଇଥାନ୍ତି। ପ୍ରଭାବିତ ପରିବାର ପାଇଁ ଦୀର୍ଘକାଳୀନ ଜୀବିକା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଏହି ପଦ୍ଧତି ଦ୍ୱାରା ପ୍ରକଳ୍ପରେ ଅଂଶଗ୍ରହଣ, ବିକଳ୍ପ ଜୀବିକା ସୁଯୋଗ ଏବଂ ଭୂମି ବିନିମୟ ସମେତ ବହୁବିଧ ଥଇଥାନର ବିକଳ୍ପ ପ୍ରଦାନ କରିବା ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହା ବ୍ୟତୀତ ପ୍ରାକୃତି ବିପର୍ଯ୍ୟୟରେ ଯେଉଁମାନେ ଜମି ହରାଇଥିବେ, ସେମାନଙ୍କୁ ସରକାର ଜମି ଦେବେ ବୋଲି ମଧ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏ ନେଇ ଖୁବଶୀଘ୍ର ସବୁ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମଗାଯିବ ବୋଲି ସେ କହିଛନ୍ତି। ତାଙ୍କ କହିବା ମୁତାବକ, ନିଆଳିରେ ୧୯୮୨ମସିହାରୁ ଏହି ସମସ୍ୟା ନଜରକୁ ଆସିଛି। ନିଆଳି ସହ ବଡମ୍ବାରେ ବି ବନ୍ୟା ସମୟରେ ନଦୀ ତା'ର ଗତିପଥ ବଦଳାଇବାରୁ ଅନେକ ଲୋକ ଜମି ହରାଇଛନ୍ତି। ସେମାନଙ୍କ ଜମି ନଦୀ ଭିତରକୁ ଚାଲି ଯାଇଥିବାରୁ ସେମାନେ ଏବେ ଜମିହୀନ ହୋଇଛନ୍ତି। ତେଣୁ ଜମି ହରାଇଥିବା ଲୋକଙ୍କୁ ସରକାର ଜମି ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲାପାଳମାନଙ୍କ ରିପୋର୍ଟ ଆସିବା ପରେ ଏହି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।


## ବାପ-ଝିଅଙ୍କ ଉପରେ ଚଢ଼ିଗଲା ଟ୍ରକ୍


କେନ୍ଦୁଝର,୧୧।୮ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଦେଇ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥରେ ଆଜି ଏକ ଦୁର୍ଘଟଣାରେ ବାପା-ଝିଅଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ରୁଗୁଡ଼ି ଥାନା ଲୋଇଡ଼ାପଦା ଅଞ୍ଚଳର ଦିଲୀପ ସିଙ୍କୁ ଓ ତାଙ୍କର ଦୁଇବର୍ଷର ଝିଅ ଜସ୍ମିନ ସିଙ୍କୁ। ଏହି ଘଟଣାରେ ଦିଲ୍ଲୀପଙ୍କ ସ୍ତ୍ରୀ ତୁଳସୀ ସିଙ୍କୁ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଆଜି ସଂଧ୍ୟାରେ ସ୍ତ୍ରୀ ଓ ଝିଅକୁ ଧରି ଦିଲ୍ଲୀପ ଏକ ସ୍କୁଟିରେ ଯାଉଥିବା ବେଳେ ଟୋପାଡ଼ିହି ଛକ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ପଛପଟୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଏଥିରେ ଘଟଣାସ୍ଥଳରେ ଦିଲ୍ଲୀପ ଓ ଝିଅ ଜସ୍ମିନର ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଚାଳକ ଫେରାର୍ ହୋଇଯାଇଥିବା ଜଣାଯାଇଛି। ରୁଗୁଡ଼ି ପୁଲିସ୍ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ତଦନ୍ତ ଆରମ୍ଭ କରିବା ସହ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ପାରିବାରିକ କଳହର କରୁଣ ପରିଣତି

## ସ୍ତ୍ରୀକୁ କାତିରେ ହାଣି ହତ୍ୟା

ମୋହନା, ୧୧।୮ (ସମିସ): ପାରିବାରିକ କଳହରୁ ସ୍ତ୍ରୀକୁ କାତିରେ ହାଣି ହତ୍ୟା। ଗଜପତି ଜିଲ୍ଲା ମୋହନା ଥାନା କୁଙ୍କୁଣୀ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ହେଲେ, ରେଶମା ବାଗସିଂ। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ସ୍ୱାମୀ ଅନନ୍ତ ବାଗସିଂଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି। ସୂଚନାନୁସାରେ, କୁଙ୍କୁଣୀ ଗ୍ରାମର ରେଶମା ୯ ବର୍ଷ ତଳେ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ପକେଲମା ଗ୍ରାମର ଅନନ୍ତଙ୍କୁ ବିବାହ କରିଥିଲେ। କିନ୍ତୁ ବିବାହ ପରଠାରୁ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଏଥିପାଇଁ ୪ ମାସ ହେଲା ରେଶମା ବାପଘରେ ଆସି ରହୁଥିଲେ। ଗତରାତିରେ ଅନନ୍ତ ମୋହନା ଆସିଥିଲେ। ଉଭୟ ସ୍ୱାମୀ, ସ୍ତ୍ରୀ ମୋହନା ବଜାର ବୁଲିବାକୁ ଯାଇ ରାତି ପ୍ରାୟ ୧୦ ଟାରେ କୁଙ୍କୁଣୀ ଗାଁକୁ ଫେରିଥିଲେ। ରାତ୍ରି ଭୋଜନ ପରେ ଅନନ୍ତ ରେଶମାଙ୍କୁ ପାଣି ଆଣିବା ପାଇଁ କହିଥିଲା। ଏହି ସମୟରେ ଅନନ୍ତ ତାଙ୍କ ବେକ ଏବଂ ମୁହଁକୁ କାତିରେ ଦୁଇ ଚୋଟ ପକାଇଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକେ ବିଳମ୍ବିତ ରାତିରେ ରେଶମାଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକଙ୍କ ଅଭିଯୋଗ ପରେ ପୁଲିସ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହତ୍ୟାରେ ବ୍ୟବହୃତ କାତିକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ସ୍ୱାମୀ ଅନନ୍ତକୁ କୋର୍ଟ ଚାଲାଣ କରାଯାଇଛି।





ଆଜି ବିଶ୍ୱ ହସ୍ତୀ ଦିବସ

## ଓଡ଼ିଶା ଦନ୍ତାଙ୍କୁ ପେଟ ଚିନ୍ତା

ଭୁବନେଶ୍ୱର,୧୧।୮ (ସମିସ): ରାଜ୍ୟରେ ଜଙ୍ଗଲ ଅନୁପାତରେ ହାତୀମାନଙ୍କ ସଂଖ୍ୟା ସମାନୁପାତିକ ରହିଛି। ମାତ୍ର ଦିନକୁ ଦିନ ହାତୀ-ମଣିଷ ଲଢ଼େଇ ଓ କ୍ଷୟକ୍ଷତି ବିଶେଷଜ୍ଞଙ୍କୁ ଅଧିକ ଚିନ୍ତିତ କରିଛି। ହାତୀ-ମଣିଷ ଲଢ଼େଇ ଯୋଗୁଁ ପ୍ରତି ବର୍ଷ ଶତାଧିକ ଲୋକଙ୍କ ଜୀବନ ଯାଉଛି। ବର୍ତ୍ତମାନ ରାଜ୍ୟର ପ୍ରାୟ ସବୁ ଜଙ୍ଗଲରେ ହାତୀଙ୍କ ଖାଦ୍ୟ ଉପଯୋଗୀ ସାମଗ୍ରୀର ଅଭାବ ରହିଥିବା ଜଣାପଡ଼ିଛି। ଯାହାଫଳରେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ଜନବସତୀ ମୁହାଁ ହେଉଛନ୍ତି ଓ ହାତୀ-ମଣିଷ ଲଢ଼େଇ ବୃଦ୍ଧି ପାଉଛି। ସାଧାରଣତଃ ଗୋଟିଏ ହାତୀ ଦିନକୁ ୧ କୁଇଣ୍ଟାଲରୁ ଦେଢ଼ କୁଇଣ୍ଟାଲର ଖାଦ୍ୟ ଓ ୨୦୦-୨୫୦ ଲିଟର ପାଣି ଆବଶ୍ୟକ କରିଥାଏ। ମାତ୍ର ଜଙ୍ଗଲରେ ହାତୀମାନଙ୍କୁ ଏତେ ପରିମାଣରେ ଆଉ ଖାଦ୍ୟ ପଦାର୍ଥ ମିଳିପାରୁ ନ ଥିବାରୁ ସେମାନେ ଜଙ୍ଗଲରୁ ବାହାରି ଆସୁଛନ୍ତି ଓ କ୍ଷେତ କିମ୍ବା ଜନବସତି ମୁହାଁ ହେଉଛନ୍ତି। ଏହି ସମୟରେ ହାତୀ-ମଣିଷଙ୍କ ମଧ୍ୟରେ ଘମାଘୋଟ୍ ଲଢ଼େଇ ହେଉଛି ଓ ଏଥିରେ ଲୋକଙ୍କ ଜୀବନ ଯାଉଛି। ହାତୀମାନେ ମୁଖ୍ୟତଃ ଶିଆଳି, ଡିମ୍ବିରି, କୁମ୍ଭୀ, ତାଳ, ଆମ୍ବ ଓ ପଣସ ଭଳି ଖାଦ୍ୟ ଖାଉଥିବା ବେଳେ ବାଉଁଶକୁ ପ୍ରମୁଖ ଖାଦ୍ୟ ଭାବେ ଖାଇଥାନ୍ତି। ପୂର୍ବରୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ବ୍ୟାପକ ବାଉଁଶ ମିଳୁଥିଲା। ହେଲେ ଏବେ ଜଙ୍ଗଲରେ ହାତୀଙ୍କୁ ଖାଇବା ପାଇଁ ଆବଶ୍ୟକୀୟ ପରିମାଣରେ ବାଉଁଶ ବି ମିଳୁ ନଥିବା ଅଭିଯୋଗ ହୋଇଛି। ଯାହାପାଇଁ ହାତୀଙ୍କ ପାଇଁ ଜଙ୍ଗଲରେ ଖାଦ୍ୟାଭାବ ସମସ୍ୟା ସୃଷ୍ଟି ହୋଇଛି।


■ ଖାଦ୍ୟ ସନ୍ଧାନରେ ଦିନକୁ ଚାଲୁଛନ୍ତି ୪୦ କିମି
■ ଓଡ଼ିଶା ଜଙ୍ଗଲରେ ଅଛନ୍ତି ଅଧିକ ୪୦୦ ହାତୀ
■ ଜନବସତି ମୁହାଁ ହେବା ପଛରେ ଖାଦ୍ୟାଭାବ

ଅନ୍ୟପଟେ ହାତୀଙ୍କ ଖାଦ୍ୟାଭାବ ନେଇ ମୁଖ୍ୟମନ୍ତ୍ରୀ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଯେହେତୁ ଧାନ ଚାଷ ସମୟରେ ହାତୀମାନେ କ୍ଷେତ ମୁହାଁ ହେଉଛନ୍ତି, ତେଣୁ ଜଙ୍ଗଲ ମଧ୍ୟରେ ଥିବା ଖାଲି ସ୍ଥାନଗୁଡ଼ିକରେ ଧାନ ଚାଷ କରିବାକୁ ମୁଖ୍ୟମନ୍ତ୍ରୀ ଜଙ୍ଗଲ ବିଭାଗକୁ ପରାମର୍ଶ ଦେଇଛନ୍ତି। ଏହା କେତେ ଫଳପ୍ରଦ ହେବ ତାହା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପଟେ ରାଜ୍ୟରେ ଯେତିକି ହାତୀ ରହିବା କଥା ସେହି ତୁଳନାରେ ହାତୀଙ୍କ ସଂଖ୍ୟା ଅଧିକ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୂର୍ବତନ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ଯେତିକି ହାତୀ ରହିବା କଥା, ତାହାର ସଂଖ୍ୟା ଅଧିକ ରହିଛି। ଏହାସହିତ ହାତୀମାନଙ୍କର ଯେଉଁ କରିଡ଼ର ଥିଲା, ତାହା ପ୍ରଭାବିତ ହୋଇଥିବାରୁ ହାତୀମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ହାତୀଙ୍କ ଜନ୍ମହାର ରୋକିବା ଉପରେ ବିଶେଷଜ୍ଞ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ଇଂଜେକ୍ସନ ସହିତ କିଛି କିଛି ସ୍ଥାନରେ କ୍ୟାମ୍ପ କରି ଯୁବ ହାତୀମାନଙ୍କୁ ରଖିଦେବା ଆବଶ୍ୟକ। ଏହା ବ୍ୟତୀତ କରିଡୋରର ପୁନରୁଦ୍ଧାର ପାଇଁ ଯଥାସମ୍ଭବ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଶ୍ରୀ ନନ୍ଦ କହିଛନ୍ତି। ସୂଚନା ଥାଉ କି ୨୦୨୪ ହାତୀ ଗଣନା ଅନୁଯାୟୀ ରାଜ୍ୟର ୨୮ଟି ଜିଲ୍ଲାର ୪୮ଟି ବନଖଣ୍ଡରେ ୨,୦୯୮ ହାତୀ ରହିଛନ୍ତି। ୨୦୧୭ରେ ଏହି ସଂଖ୍ୟା ୧,୯୩୮ ରହିଥିଲା। ନୂଆ ଗଣତିରେ ୧,୦୩୦ ମାଇ, ୪୭୪ ପୁରୁଷ ଏବଂ ୫୯୪ ଛୁଆ ହାତୀ ଚିହ୍ନଟ ହୋଇଛନ୍ତି। ଏନ୍‌ସିଏଫ୍ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଥିଲା ଯେ ଓଡ଼ିଶାର ଜଙ୍ଗଲର ୧୭୦୦-୧୮୦୦ ହାତୀ ରହି ପାରିବେ।


## ସାତକୋଶିଆ ରେଞ୍ଜରେ ଅସୁସ୍ଥ ମାଇହାତୀ ମୃତ

ଠାକୁରମୁଣ୍ଡା,୧୧।୮ (ସମିସ): କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ବେଣୁଆଦର ଜଙ୍ଗଲରେ ଗୋଟିଏ ମାଇହାତୀର ମୃତ୍ୟୁ ଘଟିଛି। ହାତୀଟି କିଛି ଦିନ ହେବ ଅସୁସ୍ଥ ଥିଲା। ତେବେ କେଉଁ କାରଣରୁ ତା'ର ମୃତ୍ୟୁ ହୋଇଛି, ତାହା ଜଣାପଡ଼ିନାହିଁ। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି। ମୃତ ହାତୀର ବୟସ ପ୍ରାୟ ୧୫ରୁ ୨୦ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ସୂଚନାନୁଯାୟୀ, ରବିବାର କମ୍ପାର୍ଟମେଣ୍ଟ ନମ୍ବର ୧୯ ଭାଲିଆଡାଳ ପଞ୍ଚାୟତ ବେଣୁଆଦର ସାହି ଜଙ୍ଗଲ ଭିତରେ ଏକ ହାତୀ ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ଛିଡ଼ା ହୋଇଥିବା ସ୍ଥାନୀୟ ଲୋକେ ଦେଖି ବନବିଭାଗକୁ ଖବର ଦେଇଥିଲେ। ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ହାତୀଟି ଅସୁସ୍ଥ ଥିବା ଜାଣିବାକୁ ପାଇଥିଲେ। କିନ୍ତୁ ତା'ର ଚିକିତ୍ସା ପାଇଁ ଉଦ୍ୟମ କରୁଥିବା ବେଳେ ହାତୀଟିର ମୃତ୍ୟୁ ହୋଇଯାଇଥିଲା।



## ମା'କୁ ଫୋନ୍ କରି ନିଜକୁ ଗୁଳି କଲେ ଯବାନ

କାମାକ୍ଷାନଗର,୧୧।୮ (ସମିସ): ମା' ସହ ଫୋନ୍‌ରେ କଥା ହେଉହେଉ ନିଜକୁ ଗୁଳି କରିଦେଲେ ଯବାନ। ମୃତ ଯବାନଜଣଙ୍କ ହେଲେ, ଜମ୍ମୁ କାଶ୍ମୀରରେ ବିଏସ୍ଏଫ୍ ଯବାନ ଭାବେ କାର୍ଯ୍ୟରତ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ମାଳପୁରା ଗ୍ରାମର ସୁରେଶ ବିଶ୍ୱାଳ। ତାଙ୍କ ପରିବାର କାମାକ୍ଷାନଗର ସହରର ଅନନ୍ତପୁର ସାହିରେ ରହୁଥିଲା। ସୁରେଶ ୧୫ ବର୍ଷ ହେବ, ବିଏସ୍ଏଫ୍ ଯବାନ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ଏବେ ଜାମ୍ମୁ କାଶ୍ମୀରରେ ନିୟୋଜିତ ଥିଲେ। ୯ଦିନ ତଳେ ସେ ଘରକୁ ଛୁଟିରେ ଆସି ପୁଣି ଫେରିଥିଲେ। ତେବେ ଆଜି ସଂଧ୍ୟାରେ ସେ ଡ୍ୟୁଟିରେ ଥିବା ବେଳେ ମା'ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଏହି ସମୟରେ ସେ ନିଜ ସର୍ଭିସ୍ ରିଭଲଭର୍‌ରୁ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ତେବେ ଏପରି ଚରମ ପଦକ୍ଷେପ ନେବାର କାରଣ ସଂପର୍କରେ ତାଙ୍କ ମା'ଙ୍କ ଫୋନ୍‌କୁ ମେସେଜ୍ କରିଥିବା ଜଣାଯାଇଛି।



# ଧାରଣାରେ ବସିଲେ ରାଜସ୍ୱ ଅମଲା, କାମ ଅଚଳ

ସମ୍ବଲପୁର,୧୧।୮ (ସମିସ)



ଜିଲ୍ଲାର ସମସ୍ତ ବ୍ଲକ, ସଦର ମହକୁମା, ଜିଲ୍ଲା ମହକୁମା କାର୍ଯ୍ୟାଳୟର ରାଜସ୍ୱ ଅମଲାମାନେ ଆଜି ସୋମବାରଠାରୁ ପ୍ରତିବାଦ ଧାରଣାରେ ବସିଛନ୍ତି। ଏହା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ। ଗତ ୮ ତାରିଖରୁ ସମୂହ ଛୁଟି ନେଇଥିବା ବେଳେ ସୋମବାରଠାରୁ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରି ସରକାରଙ୍କ କର୍ମଚାରୀଙ୍କ ବିରୋଧୀ ନୀତିକୁ ପ୍ରତିବାଦ ଜଣାଇଛନ୍ତି। ଏହାଦ୍ୱାରା ସରକାରୀ କାର୍ଯ୍ୟାଳୟ ମାନଙ୍କରେ କାମ୍ ଠପ୍ ହୋଇଯାଇଛି।

ସରକାର ୨୦୧୭ ମସିହାରେ କନିଷ୍ଠ ରାଜସ୍ୱ ସହାୟକଙ୍କ ଶିକ୍ଷାଗତ ଯୋଗ୍ୟତା +୩ (ଗ୍ରାଜୁଏସନ) ସହିତ ପିଜିଡିସିଏ କଲେ କିନ୍ତୁ ଦୀର୍ଘ ୮ ବର୍ଷ ବିତିଗଲାପରେ ବି ଏଯାବତ୍ ସରକାରଙ୍କ ପକ୍ଷରୁ ଜିଲ୍ଲାସ୍ତରୀୟ କନିଷ୍ଠ ରାଜସ୍ୱ ସହାୟକ, ବରିଷ୍ଠ ରାଜସ୍ୱ ସହାୟକ ଦରମା ବୃଦ୍ଧିରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ସରକାରଙ୍କ ଜିଲ୍ଲାସ୍ତରୀୟ କନିଷ୍ଠ ରାଜସ୍ୱ ସହାୟକ ଦରମା ଲେବୁଲ-୦୯ରେ ଧାର୍ଯ୍ୟକରି ତଦନୁଯାୟୀ ପ୍ରଦାନ କରିବା ପାଇଁ ରାଜସ୍ୱ ଅମଲା ସଂଘ ଦାବି କରିଛି। ଦାବି ଗୁଡ଼ିକ ମଧ୍ୟରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓ ଆର୍ଏସ୍‌ପି ୨୦୧୭ ମସିହା ନିୟମ ଅନୁଯାୟୀ ଲେଭେଲ୍-୯କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁନର୍ଗଠନ, କନିଷ୍ଠ ରାଜସ୍ୱ ଅମଲା ମାନଙ୍କ ରେସିଡେନ୍ସି ପିରିୟଡ ୬ ବର୍ଷ ଜାଗାରେ ୪ ବର୍ଷ କରାଯିବା, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏ.ଏସ୍.ଓ. ପଦବୀକୁ ଏକତ୍ରିକରଣ କରାଯାଇ କେବଳ ଏ.ଏସ୍.ଓ ରଖାଯିବା, ରାଜସ୍ୱ ସହାୟକରୁ ୪ ବର୍ଷ ରେସିଡେନ୍ସି ପିରିୟଡ୍ ରଖାଯାଇ ଏ.ଏସ୍.ଓ ପଦବୀକୁ ପଦୋନ୍ନତି, କାର୍ଯ୍ୟରତ ସରକାରୀ କର୍ମଚାରୀ ଏବଂ ପରିବାରବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ, ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ସଦସ୍ୟ / ସଦସ୍ୟାଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀ ମାନଙ୍କୁ ଓଡ଼ିଶା ରାଜସ୍ୱ ସେବା ପଦବୀରେ ଶତ ପ୍ରତିଶତ ପଦୋନ୍ନତି, ନୂତନ ପେନସନ୍ ଯୋଜନାକୁ ରଦ୍ଦକରି ପୁରାତନ ପେନ୍‌ସନ୍ ଯୋଜନା ଅନ୍ତର୍ଭୁକ୍ତ ଆଦି ରହିଛି।

## ଖୁଣ୍ଟା ସ୍କୁଲର ପ୍ରସ୍ତୁତି 'ଗାଁରେ ଗଙ୍ଗାଧର'



ସମ୍ବଲପୁର, ୧୧।୮ (ସମିସ): ବିଦ୍ୟାଳୟସହ ଗାଆଁକୁ ଯୋଡ଼ିବା ପାଇଁ, ପୂର୍ବ୍ୟପୁରୁଷରେ ସାଧାରଣ ଲୋକଙ୍କୁ ସାମିଲ କରିବାପାଇଁ ଖୁଣ୍ଟାସ୍ଥିତ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚବିଦ୍ୟାଳୟ ଦ୍ୱାରା ତଲାବିରା ଗ୍ରାମରେ "ଗାଁରେ ଗଙ୍ଗାଧର" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଙ୍ଗାଧରଙ୍କ ଚିତ୍ରପଟ ଓ ଗ୍ରନ୍ଥାବଳୀ ସହ ଗାଁ ପରିକ୍ରମା, ଗାଁ ମଣ୍ଡପଶାଳରେ ସଭା ଆୟୋଜନ, ଛାତ୍ରଛାତ୍ରୀଙ୍କ ଦ୍ୱାରା ଗଙ୍ଗାଧର ସଙ୍ଗୀତ ପରିବେଷଣ, ଜନ୍ମଦାତ୍ରୀ ମାତୃଭୂମି ପୂଣ୍ୟକାରୀ ଶାଳିନୀ ଗୀତରେ ମାସଡ୍ରିଲ, ଗଙ୍ଗାଧରୀୟ କୁଇଜ୍ ଆଦି ଆୟୋଜିତ ହୋଇଥିଲା। ଖୁଣ୍ଟା ସ୍କୁଲର ପ୍ରଧାନ ଶିକ୍ଷକ ଗୌରୀଦାସ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂସ୍କୃତିବିତ୍ ବସନ୍ତ କୁମାର ନାଥ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗଙ୍ଗାଧରଙ୍କ ଭଳି ବହିପ୍ରତି ଆଗ୍ରହୀ ହେଲେ ପିଲାଏ ନୂଆଁ ବାଟ ଦେଖିବେ ବୋଲି ବିଚାର ରଖିଥିଲେ। ସମ୍ମାନିତ ଅତିଥି ଅନ୍ତର୍ଯାମୀ ପାଣିଗ୍ରାହୀ ପିଲାଙ୍କୁ ମାତୃଭାଷାରେ ଦକ୍ଷ ହେବାକୁ ଆହ୍ୱାନ ଦେଇଥିଲେ। ସଙ୍ଗୀତ କାର୍ଯ୍ୟକ୍ରମକୁ ଶିକ୍ଷକ ସନତ କୁମାର ଭୋଇ ପରିଚାଳନା କରିଥିବା ବେଳେ ମାସଡ୍ରିଲକୁ ଖେଳଶିକ୍ଷକ ବାବୁଲୁ ପ୍ରଧାନ ପରିଚାଳନା କରିଥିଲେ। ଉପରୋକ୍ତ କାର୍ଯ୍ୟକ୍ରମ ଆୟୋଜନରେ ତଲାବିରା ଗ୍ରାମବାସୀ ସହଯୋଗ କରିଥିଲେ।

## ଆର୍ଟିଫିସିଆଲ୍ ବେବି ଫୁଡ୍ ବ୍ୟାନ୍ କରିବାକୁ ଦାବି

ସମ୍ବଲପୁର, ୧୧।୮ (ସମିସ): ଆର୍ଟିଫିସିଆଲ୍ ବେବି ଫୁଡ୍‌ର ଶିଶୁମାନଙ୍କ ଉପରେ କୁପ୍ରଭାବ ଏବଂ ଦୀର୍ଘ ସମୟ ପାଇଁ ପ୍ରଭାବକୁ ଦୃଷ୍ଟିରେ ରଖି ବହୁ ଦେଶ ଏହାକୁ ବ୍ୟାନ କରିଛନ୍ତି। ତେବେ, ଭାରତରେ ଆଇଏମ୍‌ଏସ୍ ଆକ୍ଟକୁ ଉଲ୍ଲଂଘନ କରି ଏହାର ବ୍ୟାପକ ପ୍ରଚାରପ୍ରସାର ଓ ମାର୍କେଟିଂ ହେଉଛି। ଏହାଦ୍ୱାରା ସ୍ତନ୍ୟପାନକୁ ପ୍ରୋତ୍ସାହନ କରିବା ପାଇଁ ଜାତୀୟସ୍ତରରେ ଉଦ୍ୟମ ପ୍ରଭାବିତ ହେବାସହ ଡବ୍ଲୁଏଚ୍‌ଓ ସୁପାରିଶ ଓ ନବଜାତକର ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି ଇଣ୍ଡିଆନ ପବ୍ଲିକ ହେଲ୍ଥ ଆସୋସିଏସନ୍ ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଅନୁଷ୍ଠାନର ସେକ୍ରେଟାରୀ ଜେନେରାଲ ଡ.ସଞ୍ଜିବ ମିଶ୍ର ଏକ ପତ୍ର ଜରିଆରେ ଶିଶୁମାନଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଆଇଏମ୍‌ଏସ୍ ଆକ୍ଟ, ୧୯୯୨କୁ ନର୍ସିଂହୋମ୍‌ମାନଙ୍କରେ କଡ଼ାକଡ଼ି ଭାବେ ଲାଗୁ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କଠାରେ ଦାବି ଜଣାଇଛନ୍ତି।ଏହି ପତ୍ର ଅନୁଯାୟୀ ଆଇଏମ୍‌ଏସ୍ ଆକ୍ଟରେ ଆଇନଗତ ନିଷେଧନାମା ଥିବା ବେଳେ ନର୍ସିଂହୋମ ଓ ହସପିଟାଲମାନଙ୍କରେ ବେବି ଫୁଡ୍‌କୁ କ୍ଷୀରର ବିକଳ୍ପ ଭାବେ ଦିଆଯାଉଛି।ଏହି ଆର୍ଟିଫିସିଆଲ୍ ବେବି ଫୁଡ୍ ଦ୍ୱାରା ଶିଶୁମାନଙ୍କଠାରେ ସଂକ୍ରମଣର ବିପଦ, ଆଲର୍ଜି, ମାଲ୍‌ନିଉଟ୍ରିସନ୍, ଡାଏବେଟିସ୍ ଓ ଓବେସିଟି ଆଦି ଦେଖାଦେବାର ଆଶଙ୍କା ରହିଛି।

## ବିଦ୍ୟୁତ୍ ଖୁଣ୍ଟ ପଡ଼ି ଛାତ୍ରଙ୍କ ମୃତ୍ୟୁ ଦୁଃଖଦାୟକ

ସମ୍ବଲପୁର,୧୧।୮ (ସମିସ): ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ବୁଢ଼ାରଜା ୟୁପି ସ୍କୁଲର ଛାତ୍ର ରାହୁଲ ଯାଦବଙ୍କ ରେଳବାଇର ବିଦ୍ୟୁତ୍ ପଡ଼ି ଦେହାନ୍ତ ଖବରରେ ଗଭୀର ଶୋକବ୍ୟକ୍ତ କରି ଅତ୍ୟନ୍ତ ଦୁଃଖଦାୟକ ଘଟଣା ବୋଲି ପ୍ରକାଶ କରିଛନ୍ତି। ଇଂ ପୂଜାରୀ କହିଛନ୍ତି ଯେ ରେଳବାଇର ଚରମ ଅବହେଳା ଯୋଗୁଁ ଆଜି ଗୋଟିଏ କୁନି ଭବିଷ୍ୟତକୁ ଆମେ ହରାଇଲେ, ରେଳବାଇ ପକ୍ଷରୁ ଯାହା ବି କାର୍ଯ୍ୟ କରାଯାଉଛି ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ କାର୍ଯ୍ୟକୁ ସମ୍ପାଦନ କରିବା ଆବଶ୍ୟକ, ଆଗାମୀ ଦିନରେ ଯେଭଳି ଏଭଳି ଘଟଣାର ପୁନରାବୃତ୍ତି ନ ହୁଏ ରେଳବାଇ ସେଥି ପ୍ରତି ବିଶେଷ ଦୃଷ୍ଟି ଦେଇ ନିଜର କାମ କରୁ। ମୃତ୍ୟୁ ବରଣ କରିଥିବା ଛାତ୍ରର ପରିବାର ବର୍ଗଙ୍କୁ ଏହି ଘଟଣା ପାଇଁ କ୍ଷତି ପୂରଣ ପ୍ରଦାନ କରାଯାଉ ବୋଲି ଇଂ ପୂଜାରୀ ଦାବି କରିଛନ୍ତି। ଏହା ସହ ଇଂ ପୂଜାରୀ ଛାତ୍ରର ଆତ୍ମାର ସଦଗତି ଓ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ଅସୀମ ଧର୍ଯ୍ୟ ଓ ସାହସ ନିମନ୍ତେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ଶୋକ ବ୍ୟକ୍ତ କଲେ ଧର୍ମେନ୍ଦ୍ର

ସମ୍ବଲପୁର,୧୧।୮ (ସମିସ):ସମ୍ବଲପୁର ଜିଲ୍ଲା ବୁଢ଼ାରାଜା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ରାହୁଲ ଯାଦବଙ୍କ ରେଳବାଇର ବିଦ୍ୟୁତ୍ ପଡ଼ି ଦେହାନ୍ତ ଖବର ଶୁଣି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଛାତ୍ରର ଆତ୍ମାର ସଦଗତି ଓ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ଅସୀମ ଧର୍ଯ୍ୟ ଓ ସାହସ ନିମନ୍ତେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ସିଆର୍‌ପିଏଫ୍ ଯବାନଙ୍କୁ ରାକ୍ଷୀ ବାନ୍ଧିଲେ

ସମ୍ବଲପୁର, ୧୧।୮ (ସମିସ): ସମ୍ବଲପୁରୀ ଭାଷା, ସାହିତ୍ୟ ସଂସ୍କୃତି, ପରମ୍ପରାକୁ ଆହୁରି ଋଦ୍ଧିମନ୍ତ ଓ ଶାଣିତ କରିବାର ପ୍ରଚେଷ୍ଟା କରି ଆସୁଥିବା ସାମାଜିକ ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଳ ଏକତା ମଞ୍ଚର ନାରୀଶକ୍ତି ନିଆରା ଢଙ୍ଗରେ ରକ୍ଷାବନ୍ଧନ ପାଳନ କରିଛନ୍ତି। ରକ୍ଷା ବନ୍ଧନ ଅବସରରେ ଗୋଶାଳାସ୍ଥିତ ସିଆର୍‌ପଏଫ ଗ୍ରୁପ ସେଣ୍ଟରକୁ ଯାଇ ନରୀଶକ୍ତି ସଦସ୍ୟାମାନେ ଅଧିକାରୀ ଓ ଯବାନଙ୍କ ହାତରେ ସମ୍ବଲପୁରୀ ରାକ୍ଷୀ ବାନ୍ଧିଛନ୍ତି। କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀର ସମ୍ବଲପୁର ଗ୍ରୁପ ସେଣ୍ଟର ମୁଖ୍ୟ ଡିଆଇଜି ସଞ୍ଜୟ କୁମାର ସିଂଙ୍କ ଅନୁମତି କ୍ରମେ ହୋଇଥିବା କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରାଜେନ୍ଦ୍ର ପରିଚାଳନା କରିଥିବା ବେଳେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜୋନ୍ ବେଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୋଟ୍ ଚୋରିକୁ ନେଇ ତଥ୍ୟ ରଖିଲା କଂଗ୍ରେସ



ସମ୍ବଲପୁର,୧୧।୮ (ସମିସ): ୨୦୧୪ରେ କେନ୍ଦ୍ରରେ ଶାସନକୁ ବିଜେପି ଆସିବା ପରଠାରୁ ଅନୁଷ୍ଠିତ ବିଭିନ୍ନ ନିର୍ବାଚନର ଫଳାଫଳ ଅତ୍ୟନ୍ତ ଅପ୍ରତ୍ୟାଶିତ ହେଉଥିବାରୁ ସମଗ୍ର ନିର୍ବାଚନ ପ୍ରକ୍ରିୟାରେ ହେରଫେର ହେଉଥିବା ଆଶଙ୍କା ପ୍ରକାଶ ପାଉଥିଲା। ତେବେ ଗତ ଅଗଷ୍ଟ ୭ ତାରିଖ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦୀର୍ଘ ୧ ଘଣ୍ଟା ୧୧ ମିନିଟର ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ପ୍ରମାଣ ରଖିଥିଲେ। ଦେଢ଼ମାସ ତଳେ ରାହୁଲ ଗାନ୍ଧୀ ନିର୍ବାଚନ ଆୟୋଗ ମହାରାଷ୍ଟ୍ର କିପରି କୋଟିଏ ଭୋଟର୍‌ଙ୍କୁ ୫ ମାସରେ ଯୋଡ଼ି ବିଧାନସଭା ନିର୍ବାଚନ ବିଜେପି ଜିତିବା ମାର୍ଗ ପ୍ରଶସ୍ତ କରିଥିଲା, ତା'ର ବିସ୍ତୃତ ବିବରଣୀ ଦେଇଥିଲେ। ପୂର୍ବ ପାଞ୍ଚବର୍ଷରେ ମଧ୍ୟ ଏତେସଂଖ୍ୟକ ନୂଆ ଭୋଟରଙ୍କ ନାମ ତାଲିକାରେ ଯୋଡ଼ା ହୋଇନଥିଲା, ଯେତେ ନୂଆ ଭୋଟର ବିଧାନସଭା ନିର୍ବାଚନର ୫ ମାସ ପୂର୍ବରୁ ଯୋଡ଼ି ହୋଇଥିଲେ। "ସ୍ପେସାଲ ଇଣ୍ଟେନ୍‌ସିଭ୍ ରିଭିଜନ" ନାମରେ ବିହାରରେ କିପରି ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଗଲା, କିଛିଦିନ ଉତ୍ତାରୁ ତାହା ଦେଖିବାପରେ ନିର୍ବାଚନୀ ପ୍ରକ୍ରିୟା ହେରଫେର ହେଉଥିବା ନେଇ ରାହୁଲ ଗାନ୍ଧୀଙ୍କ ଆଶଙ୍କା ଅଧିକ ଦୃଢ଼ୀଭୂତ ହୋଇଥିଲା। ମହାରାଷ୍ଟ୍ର ପରି ଗୋଟିଏ ରାଜ୍ୟରେ "ଆଡିସନ" ଯୋଗେ ବିଜେପିକୁ ଜିତେଇ ଦିଆଗଲା ଓ ଆଉ ଏକ ରାଜ୍ୟରେ "ଡିଲିସନ" ଯୋଗେ କଂଗ୍ରେସକୁ ହରାଇବାର ଚକ୍ରାନ୍ତ ହେଲା ବୋଲି ଏଆଇସିସି ପ୍ରବକ୍ତା ଡଃ ହମିଦ ହୁସେନ୍ ସାମ୍ବାଦିକ ସମ୍ମିଳନୀରେ 'ଭୋଟ ଚୋରି'କୁ ନେଇ ମତ ରଖିଛନ୍ତି। ସମ୍ବଲପୁର ଜିଲ୍ଲା ସଂଯୋଜକ ଦୁର୍ଗା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ସମ୍ପାଦକ ଆସଫ ଅଲି ଖାଁ ଓ ପିସିସି ସମ୍ପାଦକ ଦିଲୀପ ଦୁରିଆ ମଧ୍ୟ ମତବ୍ୟକ୍ତ କରିଥିଲେ। ପିସିସି ସଭ୍ୟ ଚନ୍ଦ୍ର ପୁରୋହିତ, ବରିଷ୍ଠ ନେତା ଗୋବିନ୍ଦ ମିଶ୍ର, ସୂତପା ମିତ୍ର, ସେବା ଦଳ ନେତ୍ରୀ ବିନୋଦିନୀ ଦୀପ, ନାରୀ ନେତ୍ରୀ ବିଜୟଲକ୍ଷ୍ମୀ ବେହେରା, କବିତା ପଟ୍ଟନାୟକ, ସଂଖ୍ୟା ଲଘୁ ଜିଲ୍ଲା ସଭାପତି ଏମଡି ମୁକ୍ତାର, ଓବିସି ଜିଲ୍ଲା ସଭାପତି ଶିବ ପ୍ରଧାନ, ରବି ରାଉତ, ଜିତେନ ମହାନନ୍ଦ, ଏସ୍‌ସି ରାଜ୍ୟ ସମ୍ପାଦକ ତାପସ କୁମାର, ଭୁବନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପିସିସି ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା କଂଗ୍ରେସ ପକ୍ଷରୁ ଓଡ଼ିଆରେ ପ୍ରସ୍ତୁତ 'ଭୋଟ ଚୋରି' ତଥ୍ୟ ଗଣମାଧ୍ୟମକୁ ଦିଆଯାଇଥିଲା।

● ଓଡ଼ିଶା ହସ୍ତତନ୍ତ ମାନଚିତ୍ରରେ ସମ୍ବଲପୁରୀ ନରହିବା ପ୍ରସଙ୍ଗ

## ଷଡ଼ଯନ୍ତ୍ରକାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ସମ୍ବଲପୁର, ୧୧।୮ (ସମିସ) : ଭୁବନେଶ୍ୱରରେ ଚାଲିଥିବା ହସ୍ତତନ୍ତ ମେଳାରେ ପ୍ରଦର୍ଶିତ ଓଡ଼ିଶାର ହସ୍ତତନ୍ତ ମାନଚିତ୍ରରୁ ସମ୍ବଲପୁରୀ ନିରୁଦ୍ଦିଷ୍ଟ ହେବା ତଥା ଅବାନ୍ତର ଭାବରେ କାଳ୍ପନିକ ନାମରେ ଉପଯୋଗ କରାଯିବା ଘଟଣାରେ ଓଡ଼ିଶା ସାଂସ୍କୃତିକ ସମାଜ ଦୃଢ଼ ଭାବରେ ଆପତ୍ତି କରିଛି। ଏନେଇ ଏକ ପ୍ରତିବାଦ ପତ୍ର ପଠାଇ ତୁରନ୍ତ ଦାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁଷ୍ଠାନ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି ଜଣାଇଛି। ନଚେତ୍ କଡ଼ା ପରିଣାମର ଚେତାବନୀ ଦେଇଛି। ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡାଙ୍କ ସ୍ୱାକ୍ଷରରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପଠାଯାଇଥିବା ପତ୍ର ଅନୁଯାୟୀ, ଭୁବନେଶ୍ୱରରେ ବର୍ତ୍ତମାନ ଚାଲୁଥିବା ହସ୍ତତନ୍ତ ମେଳା ଅବସରରେ ଓଡ଼ିଶାର ହସ୍ତତନ୍ତ ବିବିଧତାକୁ ଅଞ୍ଚଳ ଅନୁଯାୟୀ ପ୍ରଦର୍ଶନ ନିମିତ୍ତ ପ୍ରସ୍ତୁତ ଓଡ଼ିଶାର ଏକ ମାନଚିତ୍ର ସ୍ଥାନିତ ହୋଇଛି। ଏହା ଭ୍ରମାତ୍ମକ ତଥା ପଶ୍ଚିମ ଓଡ଼ିଶା ପାଇଁ, ଏହା ସାଙ୍ଗକୁ ସାରା ଓଡ଼ିଶା ରାଜ୍ୟ ସକାଶେ ଅପମାନଜନକ। ଏଥିରେ ସମ୍ବଲପୁରୀ ହସ୍ତତନ୍ତର ନାମଗନ୍ଧ ନାହିଁ। ସମ୍ବଲପୁରୀ ହସ୍ତତନ୍ତର ନାମ ନ ଥାଇ ଏଭଳି ମାନଚିତ୍ର ପ୍ରସ୍ତୁତି ଓ ପ୍ରଦର୍ଶନ ପଛରେ ଯେଉଁ ଅଧିକାରୀ ଅଛନ୍ତି ତୁରନ୍ତ ତାଙ୍କୁ ଚିହ୍ନଟ କରି ତାଙ୍କୁ ଚାକିରିରୁ ବହିଷ୍କାର କରାଯିବା ଆବଶ୍ୟକ। ବୟନ ଶିଳ୍ପ ସମ୍ପର୍କିତ ବିଭାଗର ଅଧିକାରୀ ଯଦି ସମ୍ବଲପୁରୀ ହସ୍ତତନ୍ତ ବାବଦରେ ଜାଣିନାହାନ୍ତି ତେବେ ଏହା ତାଙ୍କ ଅଯୋଗ୍ୟତା ବୋଲି ଧରାଯିବ। ଆଉ ଯଦି ଜାଣିଶୁଣି ଏପରି ଅପରାଧିକ କାର୍ଯ୍ୟ କରିଛନ୍ତି ତେବେ ଅଧିକ ସାଂଘାତିକ। ପଶ୍ଚିମ ଓଡ଼ିଶାବ୍ୟାପୀ ସମ୍ବଲପୁରୀ ଶାଢ଼ୀ ବୁଣାଯାଏ। ଶାଢ଼ୀର ଡିଜାଇନ ଅନୁଯାୟୀ, ଚିହ୍ନଟ ସକାଶେ ନାମକରଣର ପ୍ରକ୍ରିୟା ରହିଛି, ମାତ୍ର ସେସବୁ ସମ୍ବଲପୁରୀ ଶାଢ଼ୀ ରୂପେ ଶହଶହ ବର୍ଷ ଧରି ପରିଚୟ ଓ ଆଦୃତି ଲାଭ କରିଆସିଛି। ତେଣୁ ସମଗ୍ର ପଶ୍ଚିମ ଓଡ଼ିଶାର ହସ୍ତତନ୍ତ ମାନଚିତ୍ରରେ ସମ୍ବଲପୁରୀ ଶାଢ଼ୀ ପ୍ରଦର୍ଶିତ ହେବା ଉଚିତ। କେବଳ କଳାହାଣ୍ଡିରେ ସମ୍ବଲପୁରୀ ଶାଢ଼ୀ ସାଙ୍ଗକୁ ହବସପୁରୀ ଶାଢ଼ୀ ବୁଣାଯାଏ। ପଶାପାଲି ନାମରେ କୌଣସି ଶାଢ଼ୀ ନାହିଁ। ଯାହାକୁ ପଶାପାଲି ରୂପେ ଅଜ୍ଞାନୀ ମାନେ ଅଜାଣତରେ କିମ୍ବା ଉଦ୍ଦେଶ୍ୟମୂଳକ ଭାବରେ ପରିଚିତ କରାଉଛନ୍ତି ତାହା ପ୍ରକୃତରେ ସପ୍ତାପର ଶାଢ଼ୀ ଅଟେ। ଡବଲ ଇକଟ୍‌ର ଏହି ଶାଢ଼ୀ ଉଦ୍ଭାବନ କରିଥିବା ସ୍ୱର୍ଗତ ରାଧାଶ୍ୟାମ ମେହେର ସପ୍ତା ଆକୃତିରୁ ସପ୍ତାପର ଭାବରେ ଏହି ଶାଢ଼ୀର ନାମକରଣ କରିଛନ୍ତି। ସପ୍ତାପର ଭାବରେ ସଭିଏଁ ମୂଳରୁ ଏହି ଶାଢ଼ୀକୁ ଜାଣନ୍ତି। ତଥାପି ଭୁବନେଶ୍ୱରର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିନା ଅଧିକାରରେ ଏପରି ନାମ ପରିବର୍ତ୍ତନର ଅପଚେଷ୍ଟା କରିଚାଲିଛନ୍ତି। ଏଭଳି ହୀନ କାର୍ଯ୍ୟରେ ଅନ୍ତତଃପକ୍ଷେ ସରକାର, ସରକାରୀ ବିଭାଗ କିମ୍ବା ସରକାରୀ ଅଧିକାରୀ ଭାଗିଦାର ହେବା କିମ୍ବା ପ୍ରୋତ୍ସାହନ ଦେବା ଉଚିତ୍ ନୁହେଁ। ସମ୍ବଲପୁରୀ ଆମର ପରିଚୟ, ଆମର ଆମ ସମ୍ମାନ। ଏଥିରେ କୌଣସି ପ୍ରକାର ଅପମାନଜନକ କାର୍ଯ୍ୟକୁ ପଶ୍ଚିମ ଓଡ଼ିଶାର ଜନସାଧାରଣ ସହ୍ୟ କିମ୍ବା ବରଦାସ୍ତ କରିବେ ନାହିଁ। ଏହା ବିରୋଧରେ ଚରମ ନିଷ୍ପତ୍ତି ନେବାକୁ ସଦାପ୍ରସ୍ତୁତ ଅଛନ୍ତି।ଏ ପ୍ରକାର ଅପମାନଜନକ, ଚରମ ତ୍ରୁଟିପୂର୍ଣ୍ଣ ଷଡ଼ଯନ୍ତ୍ରମୂଳକ କାର୍ଯ୍ୟରୁ ଦୂରେଇ ରହିବା ପାଇଁ ମୁଖ୍ୟମନ୍ତ୍ରୀ ସହୃଦୟତାର ସହିତ ହସ୍ତତନ୍ତ ବିଭାଗକୁ ନିର୍ଦ୍ଦେଶଦେଇ ଉକ୍ତ ବିଭାଗ ଅଧିନରେ ଥିବା ସମସ୍ତ କାର୍ଯ୍ୟାଳୟକୁ ଚେତାବନୀ ଦେବାକୁ ପରାମର୍ଶ ଦେବେ ବୋଲି ସାଂସ୍କୃତିକ ସମାଜ ଆଶାପ୍ରକାଶ କରିଛି।

## ହୀରାକୁଦ ଜଳସ୍ତର ୬୧୩.୭୩ ଫୁଟ୍

ସମ୍ବଲପୁର, ୧୧।୮ (ସମିସ): ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୭୩ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୫,୭୫୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୧,୨୨୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୩୧୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧.୩୬ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୮.୮୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

## ମହିନ୍ଦ୍ରା ଜିଏନ୍ ଅଟୋନେସନ୍ ଖାଉଟି ଅଦାଲତରେ ଦଣ୍ଡିତ

ସମ୍ବଲପୁର,୧୧।୮ (ସମିସ): ସମ୍ବଲପୁର ରେମେଡ ସ୍ଥିତ ମହିନ୍ଦ୍ରା ଜିଏନ୍ ଅଟୋନେସନ ଏଲଏଲପିକୁ ସୁବର୍ଣ୍ଣପୁର ଖାଉଟି ଅଦାଲତ ଦଣ୍ଡିତ କରିଛନ୍ତି। ଗ୍ରାହକଙ୍କୁ ଠାରୁ ଅଧିକ ଟଙ୍କା ନେଇଥିବା ଅଭିଯୋଗରେ ଅଦାଲତ ଦେଢ ଲକ୍ଷରୁ ଅଧିକ ଟଙ୍କାର ଜରିମାନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ଚିନ୍ମୟ କୁମାର ରଥ ଗତ ୨୦୨୩ ମସିହା ଅଗଷ୍ଟ ମାସରେ ସ୍କୋର୍ପିଓ ଗାଡ଼ି ନେବା ପାଇଁ ୨୧ ହଜାର ଟଙ୍କା ଦେଇ ବୁକିଂ କରିଥିଲେ। ବୁକିଂ ପରେ ଗାଡ଼ି ଟ୍ରାଞ୍ଜିଟରେ ଥିବା ନେଇ ସୋ'ରୁମ ପକ୍ଷରୁ କହିଥିଲେ। ତେଣୁ ସମସ୍ତ ଟଙ୍କା ପୈଠ କରିବାକୁ ଅଭିଯୋଗକାରୀଙ୍କୁ କୁହାଯାଇଥିଲା।ସେ ମଧ୍ୟ ସୋ'ରୁମର କୋଟେସନ ଅନୁସାରେ ଅକ୍ଟୋବର ୧୫ରେ ସମସ୍ତ ଟଙ୍କା ପୈଠ କରିଥିଲେ। କିନ୍ତୁ ପରେ ଆସୁଥିବା ଗାଡ଼ିଟି ଅନ୍ୟ କାହାର ବୋଲି କହିଥିଲେ।୨/୪ ଦିନ ଭିତରେ ଅନ୍ୟ ଏକ ଗାଡ଼ି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ

### ଗ୍ରାହକଙ୍କୁ ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନ ନିର୍ଦ୍ଦେଶ

ସତ ଚେଷ୍ଟା ପରେ ଗାଡ଼ି ମିଳିନଥିଲା। ଶେଷରେ ଉକ୍ତ ମାସ ୨୯ ତାରିଖରେ ଗାଡ଼ି ଡେଲିଭରି କରିବା ନେଇ କହିଥିଲେ। ଅଭିଯୋଗକାରୀ ପରିବାର ବର୍ଗ ସହ ସୋ'ରୁମ ପହଞ୍ଚିଥିଲେ। କାଗଜପତ୍ର ଅନୁସାରେ ତାଙ୍କର ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା। ଗେଟ ପାସ ବେଳକୁ ଅଧିକ ୧ ଲକ୍ଷ ୧୦ ହଜାର ଟଙ୍କା ସୋ'ରୁମ ମାଗିଥିଲା। ସୋରୁମ କର୍ମଚାରୀଙ୍କ ଯୋଗୁଁ ଭୁଲ କୋଟେସନ ଦିଆଯାଇଥିବା ନେଇ ଅଭିଯୋଗକାରୀ ଚିନ୍ମୟଙ୍କୁ କହିଥିଲେ। ସେ ସଙ୍ଗେସଙ୍ଗେ ଏତେ ଟଙ୍କା କେଉଁଠୁ ଦେବେ ବୋଲି ପ୍ରଶ୍ନ କରିଥିଲେ। ସୋ'ରୁମରେ ଉତ୍ତେଜନା ସୃଷ୍ଟି ହେବାରୁ ମାଲିକ ମଧ୍ୟ ଆସିଥିଲେ। ସେ ସୋ'ରୁମର ଭୁଲ ବୋଲି ସ୍ୱିକାର କରିଥିଲେ, କିନ୍ତୁ ଟଙ୍କା ନ ଦେଲେ ଗାଡ଼ି ଛାଡିବେନି ବୋଲି କହିଥିଲେ। ବିଭିନ୍ନ ସ୍ଥାନରୁ ଟଙ୍କା ଯୋଗାଡି ସେ ପୈଠ କରିଥିଲେ। ପ୍ରାୟ ରାତି ୯.୩୦ବେଳକୁ ସେ ଗାଡ଼ି ନେଇ ଯାଇଥିଲେ, ହେଲେ ଗାଡ଼ିରେ ୨ କିଲୋମିଟର ଯିବା ଭଳି ତେଲ ରହିନଥିଲା। ତେଣୁ ସେ ସୁବର୍ଣ୍ଣପୁର ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ଘଟଣାର ବିଚାର କରି ଶୁଣାଣି କରିଛି। ଅଧିକ ନେଇଥିବା ୧ ଲକ୍ଷ ଟଙ୍କା ଆଜି ପର୍ଯ୍ୟନ୍ତ ୧୦ ପ୍ରତିଶତ ସୁଦ୍ଧ ହାରରେ ଅଭିଯୋଗକାରୀଙ୍କୁ ଦେବା ପାଇଁ କୋର୍ଟ ଆଦେଶ ଦେଇଛି। ଏହା ସହ ୫୦ ହଜାର କ୍ଷତିପୂରଣ ଓ କୋର୍ଟ ଖର୍ଚ୍ଚ ବାବାଦକୁ ୧୦ ହଜାର ଟଙ୍କା ୨ ମାସ ଭିତରେ ଦେବାକୁ ନିର୍ଦ୍ଦେଶ ହୋଇଛି।

## ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ରକ୍ଷା ବନ୍ଧନ



ସମ୍ବଲପୁର,୧୧।୮ (ସମିସ):ଶାସନ ପାବପାଲି ସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ରକ୍ଷାବନ୍ଧନ ପାଳିତ ହୋଇଛି। ଉତ୍ସବର ଗୋଟିଏ ଦିନ ପୂର୍ବରୁ, ସ୍କୁଲରେ ମେହେନ୍ଦି ଏବଂ ରାକ୍ଷୀ ତିଆରି ପ୍ରତିଯୋଗିତା ହୋଇଥିଲା। ଛାତ୍ରୀମାନେ ସମସ୍ତ ବସ୍ କର୍ମଚାରୀ, ସୁରକ୍ଷା କର୍ମଚାରୀ ଏବଂ ଶିକ୍ଷକମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏହାପରେ ଛାତ୍ରୀମାନେ ସ୍ଥାନୀୟ ପୋଲିସ ଷ୍ଟେସନ, ହସ୍ପିଟାଲ ଏବଂ ଏକ ଅନାଥାଶ୍ରମ ମଧ୍ୟ ପରିଦର୍ଶନ କରି ରାକ୍ଷୀ ମଧ୍ୟ ବାନ୍ଧିଥିଲେ।

## ୪୨୦ ବୋତଲ କଫ ସିରପ୍ ଓ ଗଞ୍ଜେଇ ଜବତ, ୪ ଗିରଫ



ସମ୍ବଲପୁର, ୧୧।୮ (ସମିସ) : ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଓ ପୁଲିସର ଚଢ଼ଉ ଜାରିରହିଛି। ଗତ ୮ ତାରିଖରେ ୯୮୦ ବୋତଲ ନିଶା କଫସିରପ୍ ଜବତ ସହ ୬ ଜଣ ଗିରଫ ହୋଇଥିବାବେଳେ ପୁଣି ୯ ତାରିଖରେ ୧୭୮୦ ବୋତଲ ନିଶା କଫସିରପ ଜବତ କରାଯାଇ ୭ ଜଣଙ୍କୁ ଗିରଫ କରାଯାଇଥିଲା। ଯୁବପିଢ଼ିଙ୍କ ମଧ୍ୟରେ ନିଶା କଫସିରପ୍ ଏବେ ବହୁଳ ଭାବେ ବ୍ୟବହାର ହେଉଛି। ବାରମ୍ବାର ଚଢ଼ଉ କରି ବ୍ୟାପକ ମାତ୍ରାରେ ଜବତ ସତ୍ତ୍ୱେ ଏଥିରେ ଅଙ୍କୁଶ ଲାଗି ପାରୁନାହିଁ। ସୋମବାର ପୁଣି ସମ୍ବଲପୁରର ରେଙ୍ଗାଲିରେ ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ଦ୍ୱାରା ଚଢ଼ଉ କରି ୪୨୦ ବୋତଲ ନିଶା କଫ୍‌ସିରପ୍ ଜବତ କରାଯାଇଛି। ଏନେଇ ସମ୍ବଲପୁର ଧନୁପାଲି ଥାନା ମୋତିଝରଣର ତନବିର ଖାନ୍ (୧୯) ଓ ସୁନାପାଲିର ଅବଦୁଲ ହାସିମ (୧୯)କୁ ଗିରଫ କରାଯାଇଛି। ସେହିପରି ଅନ୍ୟ ଏକ ମାମଲାରେ ମୋଟର ସାଇକଲରେ ଗଞ୍ଜେଇ ଚାଲାଣ କରୁଥିବାବେଳେ ଅବକାରୀ ବିଭାଗ ଚଢ଼ଉ କରି ୫ କିଲୋ ଗଞ୍ଜେଇ ଓ ବାଇକ୍ ଜବତ କରିଛି। ଗଞ୍ଜେଇ ଚାଲାଣ କରୁଥିବା ଛତିଶଗଡ଼ କୋରବା ଜିଲ୍ଲା ବାଲକୋ ଥାନା ଅନ୍ତର୍ଗ ୱାର୍ଡ ନଂ.୩୪ ଶାନ୍ତିନଗରର ଯୋଗେଶ କୁମାର ସାହୁ (୨୩) ଓ ରୁମ୍‌ଗାରାର ସାହେତ୍ରୁ କୁମାର ଚୌହାନ (୩୫)କୁ ପୁଲିସ ଗିରଫ କରିଛି। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ସମ୍ବଲପୁରରେ ଓଡ଼ିଶା ଶିଳ୍ପୀ ମହାସଂଘର ଜିଲ୍ଲାସ୍ତରୀୟ ବିକ୍ଷୋଭ

ସମ୍ବଲପୁର,୧୧।୮ (ସମିସ)




### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକୀପତ୍ର

ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେବି ହସ୍ତଶିଳ୍ପୀ ଯୋଜନାରୁ ଉପକୃତ ହୋଇନାହାନ୍ତି। କିନ୍ତୁ ଯୋଜନାରେ କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି। ଠିକ ସେହିଭଳି ଓଡିଶା ଶିଳ୍ପୀ ମହାସଂଘର ପ୍ରଗାଢ ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି।ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବା ବେଳେ ବୋର୍ଡ ଗଠନ ହୋଇନଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡିରହିଛି। ଇତି ମଧ୍ୟରେ ନୂତନ ସରକାରକୁ ବର୍ଷେ ପୁରି ସାରିଥିବା ବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟୁ ସାଜିଛି। ଓଡିଶା ଶିଳ୍ପୀ ମହାସଂଘର ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତକରୁ ନାହାନ୍ତି। ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡିଶା ଶିଳ୍ପୀ ମହାସଂଘ ନିଷ୍ପତି ନେଇଛି।ଏହିକ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ୫ହଜାର କୋଟି କରିବା ଦାବୀରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ସମ୍ବଲପୁର ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହାସଂଘର ସ୍ମାରକ ପତ୍ରରେ ତିନି ଗୋଟି ଦାବି ରହିଛି। ପ୍ରଥମ ହେଲା ପୂର୍ବ ସରକାର ସମୟରୁ ଲାଗୁ କରା ଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା। ମାସିକ ସହାୟତା ରାଶିକୁ ଦୁଇ ହଜାରରୁ ବୃଦ୍ଧି କରି ୫ ହଜାର କରିବା। ତତସହିତ କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଉ। ପରିଷଦର କାର୍ଯ୍ୟକାରୀ ବୋର୍ଡକୁ ପୁର୍ନଗଠନ ପୂର୍ବକ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଉ। ପୂର୍ବ ପାଳିରେ ନିପୁଣ ଶିଳ୍ପୀ ,ବୁଣାକାରଙ୍କ ଦରମା ବୃଦ୍ଧି, ପ୍ରଶିକ୍ଷାର୍ଥୀଙ୍କ ଭତ୍ତା ବୃଦ୍ଧି, ଦେଢଶହରୁ ଉର୍ଦ୍ଧ୍ୱ ହସ୍ତଶିଳ୍ପ ଗ୍ରାମ ବା ପୁଞ୍ଜିର ଚିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା, ଶିଳ୍ପୀ ଓ ବୁଣାକାରଙ୍କ ପାଇଁ କର୍ମଶାଳା, ଉତ୍କଳିକା ମାଧ୍ୟମରେ ସାହାଣ ପଥର ଯୋଗାଣ ଓ ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଅନେକ ନିଷ୍ପତ୍ତି ନିଆଯାଇ ପାରିଥିଲା। ଦିନକୁ ଦିନ ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସମସ୍ୟା ବଢି ଚାଲିଥିବାରୁ , ଏହି ବିକାଶ ପରିଷଦ ସକ୍ରିୟ ହେବା ଅତ୍ୟନ୍ତ ଜରୁରୀ ଅଟେ। ରାଜ୍ୟ ସରକାର କାରିଗର ଓ ବୁଣାକାରଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ସତ, ହେଲେ ଆନ୍ତରିକତା ଅଭାବରୁ ଏହି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଁଚି ପାରୁନି। ପୂର୍ବ ସରକାର କରିଥିବା ଅନେକ ଯୋଜନା ଏବେର ସରକାର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ବୈମାତୃକ ଭାବକୁ ଓଡିଶା ଶିଳ୍ପୀ ମହାସଂଘ ଦୃଢ ନିନ୍ଦା କରିଛି। ଏହା ରାଜ୍ୟର ଲକ୍ଷ ଲକ୍ଷ କାରିଗର ଓ ବୁଣାକାରଙ୍କମନରେ ତୀବ୍ର ଅସନ୍ତୋଷ ଭରି ଦେଇଛି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାର ଶହଶହ କାରିଗର ଓ ବୁଣାକାର ସାମିଲ ହୋଇଥିବା ବେଳେ ଲକ୍ଷ୍ମୀ ଟକିଜ ଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଏକ ଶୋଭାଯାତ୍ରା ବାହାରିଥିଲା। ମହାସଂଘର ରାଜ୍ୟ ଉପ ସଭାପତି ସଂଜୟ ମୁଦୁଲି, ସମ୍ବଲପୁର ଜିଲ୍ଲା ସଭାପତି ବିଶ୍ୱ ରଣା, ସୁନାମଣି ରଣା, କ୍ଷୀରେଶ୍ୱର ରଣା, ବିନୋଦ ରଣା,ବଲବିନ୍ଦର କୁଅଁର ପ୍ରମୁଖ ନେତୃତ୍ୱ ନେଇଥିଲେ।

## ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ




ଦେବଗଡ଼,୧୧।୮ (ସମିସ): ଦେବଗଡ଼ ଜିଲ୍ଲା ରାଜସ୍ୱ ଅମଲା ସଂଘ ତରଫରୁ ୧୦ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ରାଜ୍ୟ ରାଜସ୍ୱ ଅମଲା ସଂଘର ନିର୍ଦ୍ଦେଶକ୍ରମେ ଜିଲ୍ଲା ସଂଘ କାର୍ଯ୍ୟକାରୀ ସଭାପତି କମଳା ପତି ସାହୁ, ସମ୍ପାଦକ ହେରମ୍ବ ନାରାୟଣ ସାହୁ ଏବଂ ରାଜ୍ୟ ପରିଷଦ ଉପଦେଷ୍ଟା ଗିରିଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଅମଲା ମାନଙ୍କ ଚାକିରି ପ୍ରବେଶ ମୂଳ ଦରମା ଲେବୁଲ ୯ ଅନୁଯାୟୀ ପ୍ରଦାନ, ରାଜସ୍ୱ ଅମଲା ମାନଙ୍କ କ୍ୟାଡର ଗଠନ, ପ୍ରତି ଅମଲାଙ୍କ ପରିବାରର ପ୍ରତି ସଦସ୍ୟଙ୍କ ବୀମା ପ୍ରଦାନ, ୨୦୨୦ ପୂର୍ବରୁ ଥିବା ନିୟମାନୁସାରେ ପୁନଃ ଥଇଥାନ ନିୟମ ଲାଗୁ କରିବା, ପୁରୁଣା ପେନସନ ଲାଗୁ କରିବା ଆଦି ବିଭିନ୍ନ ଦାବି ସରକାର ଯଥାଶୀଘ୍ର ପୂରଣ କରିବା ଦାବିରେ ଆନ୍ଦୋଳନ ହୋଇଛି। ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଫଳରେ ଜିଲ୍ଲାର ବ୍ଲକ୍, ତହସିଲ, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଦିରେ କୌଣସି କାର୍ଯ୍ୟ ହୋଇନଥିବା ଦେଖିବାକୁ ମିଳିଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ଶିଳ୍ପୀ ମହାସଂଘର ଦାବିପତ୍ର

ଝାରସୁଗୁଡ଼ା,୧୧।୮ (ସମିସ)




ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଆଦି ବିଭିନ୍ନ ଦାବିରେ ଝାରସୁଗୁଡ଼ା ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବ ବିଜେଡି ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ୧୫୦୦ ପାଖାପାଖି ବରିଷ୍ଠ ବୁଣାକାର ମାସିକ ୨ ହଜାର ଟଙ୍କା ପାଉଛନ୍ତି। ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ସେହିଭଳି ଓଡ଼ିଶା ଶିଳ୍ପୀ ମହାସଂଘର ଉଦ୍ୟମରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବା ବେଳେ ବୋର୍ଡ ଗଠନ ହୋଇ ନଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡି ରହିଛି। ଇତି ମଧ୍ୟରେ ନୂତନ ସରକାରଙ୍କୁ ବର୍ଷେ ପୁରି ସାରିଥିବା ବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟୁ ସାଜିଥିବା ଅଭିଯୋଗ କରାଯାଇଛି। ଓଡ଼ିଶା ଶିଳ୍ପୀ ମହାସଂଘର ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢ଼ି ତୋଳିବାକୁ ଓଡ଼ିଶା ଶିଳ୍ପୀ ମହାସଂଘ ନିଷ୍ପତ୍ତି ନେଇଛି। ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା, ହସ୍ତଶିଳ୍ପ ଓ ହସ୍ତତନ୍ତ୍ର କ୍ଷେତ୍ରର ବଜେଟକୁ ୫ ହଜାର କୋଟି କରିବା ଆଦି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଝାରସୁଗୁଡ଼ା ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବ ସରକାର ସମୟରୁ ଲାଗୁ କରା ଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା, ମାସିକ ସହାୟତା ରାଶିକୁ ୨ ହଜାରରୁ ବୃଦ୍ଧି କରି ୫ ହଜାର କରିବା, ତତ୍ସହିତ କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରିବା ଭଳି ତିନି ଗୋଟି ଦାବି ମହାସଂଘ ଦାବିପତ୍ରରେ ଉଲ୍ଲେଖ କରିଛି।

ସୂଚନା ଥାଉକି, ଏହି ଯୋଜନାରେ କଳାକାରଙ୍କ ଭଳି ୪୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ବୁଣାକାର ଏବଂ କାରିଗରଙ୍କୁ ମାସିକ ମାତ୍ର ୨ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି। ଉତ୍କର୍ଷ କଳାର ରାଜ୍ୟ ଆମ ଓଡ଼ିଶା। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ଓଡ଼ିଶା ଅସ୍ମିତାର ପରିଚୟ ଆମ ଶିଳ୍ପୀ ଓ ବୁଣାକାର ଜାତି ଆମ ପାରମ୍ପରିକ କଳାକାରିଗରୀକୁ ବଞ୍ଚାଇ ଆସିବା ସହ ଆମ ରାଜ୍ୟକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ପୂର୍ବ ସରକାର କରିଥିବା ଅନେକ ଯୋଜନା ଏବେର ସରକାର ଜାରି ରଖିଥିବା ବେଳେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ବୈମାତୃକ ଭାବକୁ ଓଡ଼ିଶା ଶିଳ୍ପୀ ମହାସଂଘ ଦୃଢ଼ ନିନ୍ଦା କରିଛି। ଦାବିପତ୍ର ପ୍ରଦାନ ବେଳେ ଝାରସୁଗୁଡ଼ା ଜିଲ୍ଲାର ଶହଶହ କାରିଗର ଓ ବୁଣାକାର ସାମିଲ ହୋଇଥିଲେ।

କାର୍ଯ୍ୟକ୍ରମରେ ମହାସଂଘର ରାଜ୍ୟ ସମ୍ପାଦକ ପ୍ରିୟରଞ୍ଜନ କର, ଜିଲ୍ଲା ସଭାପତି କଳ୍ପନା ରଣା, ରୋହିତ ରଣା, ବିକାଶ ରଣା, ପରିକ୍ଷିତ ପଟେଲ, ଜୋସ୍ନା ଭୋଇ, ତନୁଳା ମିଶ୍ର, ଟଙ୍କଧର ରଣା, ଦିଲେଶ୍ୱର ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବନ୍ଧବାହାଲ ହାଇସ୍କୁଲରେ ସଂସ୍କୃତ ସପ୍ତାହ




ଇବଥର୍ମାଲ,୧୧।୮ (ସମିସ): ଲଖନପୁର ଶିକ୍ଷା ବ୍ଲକ୍ ଅଧୀନ ବନ୍ଧବାହାଲ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଦିବସ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ ବଳିୟାରସିଂହ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ସଂସ୍କୃତ ଶିକ୍ଷକ ନିରଞ୍ଜନ ପତି ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସଂସ୍କୃତ ଭାଷାର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଅତିଥି ଭାବେ ଗୀତାଞ୍ଜଳୀ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶେଷରେ ଶିକ୍ଷକ ଭୀଷ୍ମଦେବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଷ୍ଟମ, ନବମ, ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ସ୍କୁଲ କର୍ମଚାରୀ ରବୀନ୍ଦ୍ରନାଥ ପଣ୍ଡା ଓ ଦୁର୍ଯ୍ୟୋଧନ ସାହୁ ସହଯୋଗ କରିଥିଲେ।

## ବନ୍ଧବାହାଲରେ ସଙ୍କୁଳସ୍ତରୀୟ ବିଜ୍ଞାନମେଳା

ଇବଥର୍ମାଲ,୧୧।୮ (ସମିସ): ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ବନ୍ଧବାହାଲ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଲଖନପୁର ରାଜେନ୍ଦ୍ର ସାହୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରମୁଖ ବିଜୟ ଦାସ ଉପସ୍ଥିତ ଥିଲେ। ସଙ୍କୁଳ ପ୍ରମୁଖ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଅଚାର୍ଯ୍ୟ ଅରୁଣ ସାହୁ ଅତିଥି ପରିଚୟ କରିଥିଲେ। ସଂସ୍କୃତିବୋଧ ପରିଯୋଜନାର ୩ଟି ଇଭେଣ୍ଟ, ଗଣିତ ବିଭାଗରେ ୧୧ ଟି ଏବଂ ବିଜ୍ଞାନ ବିଭାଗରେ ୧୫ଟି ଇଭେଣ୍ଟରେ ୨୬୩ ଜଣ ଭାଇ ଭଉଣୀ ଭାଗ ନେଇଥିଲେ। ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରୟୋଗ, ପତ୍ରବାଚନ, ମୂର୍ତ୍ତୀ କଳା, କଥା କଥନ, ତତ୍କାଳୀକ ଭାଷଣ, ଦେଶଭକ୍ତି ଗୀତ, ପ୍ରଶ୍ନମଞ୍ଚ ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ପରିଚାଳନା କରିବା ନିମନ୍ତେ ବିଭିନ୍ନ ବିଭିନ୍ନ



ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗଣ ଉପସ୍ଥିତ ଥିଲେ। ପରମାନନ୍ଦ ବାରିକ, ଶିବ ଶଙ୍କର ମେହେର, ସୁଶାନ୍ତ ପ୍ରଧାନ, ପ୍ରମୋଦ ପ୍ରଧାନ, ଶୁକଦେବ ପ୍ରଧାନ, ପ୍ରଭାତ ସାହୁ, ନିତେଶ ବାରିକ, ସୁସ୍ମିତା ଦାସ, ଲୋପାମୁଦ୍ରା ମହାନ୍ତ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇ ଥିଲେ। ସଂସ୍କୃତି ବୋଧର ପ୍ରତିଯୋଗିତା ଗୁଡିକୁ ବିଚାରକ ଭାବେ ଉମାକାନ୍ତ ପଣ୍ଡା, ଫକିର ସାହୁ, ନବୀନ ଭୋଇ, ସନ୍ତୋଷ ପ୍ରଧାନ, ରବୀନ୍ଦ୍ର ଗିରି ଦାୟିତ୍ୱ ତୁଲାଇ ଥିଲେ। ସେହିପରି ସମାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପବିତ୍ର ନାୟକ ସିନୟର ମ୍ୟାନେଜର ସିଏସ୍ଆର୍, ଲଖନପୁର ଏରିଆ, ଏମସିଏଲ୍, ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଯଶୋବନ୍ତ ପାଳ, ଆଦିତ୍ୟ ସିଂହ ଦେଓ, ମଞ୍ଜୁଲତା ଭୂମିଜ, ପୁଷ୍ପାଞ୍ଜଳି ବାରିକ ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୁମୁଦ ଚନ୍ଦ୍ର ସାମଲ, ଯୋଗେନ୍ଦ୍ର ଠାକୁର, ସନ୍ତୋଷରଥ, ପ୍ରଦୀପଖମାରୀ, ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁଜୀ ରାକେଶ ପଣ୍ଡା ଇଭେଣ୍ଟ ଗୁଡିକୁ ପରିଚାଳନା କରିଥିଲେ। ଏହି ସଙ୍କୁଳ ଜ୍ଞାନ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭାଇ ଭଉଣୀ ମାନେ ଆଗାମୀ ବିଭାଗ ଏବଂ ସମ୍ଭାଗ ଜ୍ଞାନ ବିଜ୍ଞାନ ମେଳରେ ଭାଗ ନେଇପାରିବେ। ପ୍ରଶ୍ନମଞ୍ଚ ପ୍ରତିଯୋଗିତା ଗୁଡିକୁ ପରିଚାଳନା କରିବା ପାଇଁ ୨୦ଜଣ ଗୁରୁଜୀ ଗୁରୁମା ବିଭିନ୍ନ ଶିଶୁ ମନ୍ଦିରରୁ ଆସିଥିଲେ। ପରିଚାଳନା ପାଣ୍ଡବ ସା ଗୁରୁଜୀ କରିଥିବାବେଳେ ଧନ୍ୟବାଦ ଅର୍ପଣ ସମ୍ପାଦକ ଅଭିନ ରାଉତ କରିଥିଲେ।

## ଦାଦାବଟି ମାଗି ୨ ଗିରଫ

ଝାରସୁଗୁଡ଼ା,୧୧।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅଧୀନ ମଣ୍ଡାଲିଆରେ ଜଣେ ଫର୍ଣ୍ଣିଚର ଦୋକାନୀଙ୍କୁ ଦାଦାବଟି ମାଗିବା ସହ ମାରପିଟ କରି ୨ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ଅଭିନନ୍ଦନ ସୋନି(୩୦), ରଘୁନନ୍ଦନ ରଜକ(୨୪) ବୋଲି ଓରିଏଣ୍ଟ ପୁଲିସ ସୂଚନା ଦେଇଛି। ଗତ ୧୦ ତାରିଖ ପପୁ ଶର୍ମାଙ୍କ ମଣ୍ଡଲିଆ ସ୍ଥିତ ଫର୍ଣ୍ଣିଚର ଦୋକାନକୁ ରାତି ପ୍ରାୟ ୯ ଟାରେ ଏକ ସ୍କୁଟିରେ ଅଭିନନ୍ଦନ, ରଘୁନନ୍ଦନ ଏବଂ ପିଣ୍ଟୁ ରଜକ ଆସି ଦୋକାନକୁ ଭଲ ଭାବେ ଚଳାଇବା ପାଇଁ ପ୍ରତି ମାସରେ ଦାଦା ବଟି



ଭାବେ ୧୦,୦୦୦ ଟଙ୍କା ଦାବି କରିଥିଲେ। ପପୁ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତ ମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ ମାରିବା ସହ ହତ୍ୟା କରିବାକୁ ଧମକ ଦେଇଥିଲେ। ଏନେଇ ପପୁ ଓରିଏଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୁଲିସ ସ୍କୁଟି ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାସହ ଅଧିକ ତଦନ୍ତ ଜାରି ରଖିଥିବା ନେଇ ଓରିଏଣ୍ଟ ପୁଲିସ ସୂଚନା ଦେଇଛି।

## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୧୧।୮ (ସମିସ): ଝାରସୁଗୁଡ଼ାରେ ସୋମବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ ମନମୋହନ ଏମଇ ସ୍କୁଲ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ରାଲି ଆୟୋଜିତ କରାଯାଇଥିଲା। ରାଲିରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ଝାରସୁଗୁଡ଼ା ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଲ, ଅରବିନ୍ଦ ପାଠକ, ବରିଷ୍ଠ ନେତା ସୁନୀଲ ପଣ୍ଡା, ସନ୍ତୋଷ ଯାଦବ, ପୁରୁଷୋତ୍ତମ ଥିରାଣୀ, ଯୁବ ମୋର୍ଚ୍ଚା ସଭାପତି ବିବେକ ଶ୍ରୀବାସ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରେମସେନ ରାୟ, ବିଜୟ ଶର୍ମା ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଓ ଜନସାଧାରଣ ରାଲିରେ ଯୋଗ ଦେଇଥିଲେ।

## ଡିଏଭି ପବ୍ଲିକ ସ୍କୁଲରେ ସ୍ୱଭାବ କବିଙ୍କ ଜୟନ୍ତୀ

ବନ୍ଧବାହାଲ/ଝାରସୁଗୁଡ଼ା,୧୧।୮ (ସମିସ): ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୩ତମ ଜୟନ୍ତୀ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ହୋତା ନିଜ ବକ୍ତବ୍ୟରେ ସ୍ୱଭାବ କବିଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ ଓ ତାଙ୍କ ସାହିତ୍ୟର ମୌଳିକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ସ୍ୱଭାବ କବିଙ୍କ ଜୀବନୀ ଉପରେ ଆଧାରିତ ବକ୍ତବ୍ୟ ଉପସ୍ଥାପନା କରାଯାଇଥିଲା। ମଞ୍ଚ ପରିଚାଳନା ସାଙ୍ଗକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।



## ସାର ଦୋକାନ ସିଲ୍ କଲା ଜିଲ୍ଲା ପ୍ରଶାସନ



ଦେବଗଡ଼,୧୧।୮ (ସମିସ): ଦେବଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ରାସାୟନିକ ସାରର କଳାବଜାର ଅଭିଯୋଗ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ଏହାପରେ ସୋମବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାରକୋଟ ବ୍ଲକ୍ ଅତିରିକ୍ତ ତହସିଲଦାର ଶିବବ୍ରତ ନାୟକ, ସହକାରୀ କୃଷି ଅଧିକାରୀ ଦିପ୍ତିମୟୀ ଗଡନାୟକଙ୍କ ଏକ ସ୍କ୍ୱାର୍ଡ ଗଠନ ହୋଇଥିଲା। ଅତିରିକ୍ତ ଟେକ୍ନିସିଆନ ମ୍ୟାନେଜର ସଦାନନ ଦେହୁରୀ ଓ ଅତିରିକ୍ତ ତହସିଲଦାର ୱାସିମ୍ ଅହମ୍ମଦ ମିଳିତ ଭାବେ ବାରକୋଟ ବ୍ଲକ୍‌ର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ଅଣସ୍ୱୀକୃତିପ୍ରାପ୍ତ ସାର ଗୋଦାମର ତଦାରଖ କରିଥିଲେ। ଦଣ୍ଡାସିଂହା ଗାଁର ନିରଞ୍ଜନ ଦେହୁରୀଙ୍କ ସାର ଦୋକାନ ଯାଞ୍ଚ ବେଳେ ତାଙ୍କର ଅନିୟମିତତା ଥିବା ହେତୁ ତାଙ୍କର ଦୋକାନଟିକୁ ସିଲ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସାମ୍ବାଦିକ ସମ୍ମିଳନୀରେ ଭୋଟ ଚୋରି ଅଭିଯୋଗ ଆଣିଲା କଂଗ୍ରେସ

ଦେବଗଡ଼,୧୧।୮ (ସମିସ): ସାରା ଦେଶରେ ଜନ ସଚେତନତା କରିବା ଲକ୍ଷ୍ୟରେ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଜିଲ୍ଲାରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଛି। ଦେବଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଂଯୋଜକ ସେମ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦେଶରେ ଭୋଟ ଚୋରି ହେଉଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଭୋଟ ଚୋରି ପଛରେ କେନ୍ଦ୍ରର ବିଜେପି ସରକାର ଓ ଭାରତୀୟ ନିର୍ବାଚନ କମିଶନ ସମ୍ପୃକ୍ତ ଥିବା କଂଗ୍ରେସ ଖୋଲା ଅଭିଯୋଗ କରିଛି। ଏଥିସହ ସଂସଦରେ ବିରୋଧୀ ଦଳ




ନେତା ରାହୁଲ ଗାନ୍ଧୀ ଭାରତୀୟ ନିର୍ବାଚନ କମିଶନଙ୍କ ଠାରୁ ଡିଜିଟାଲ ଡାଟା ବାରମ୍ବାର ମାଗିଥିଲେ ମଧ୍ୟ ନିର୍ବାଚନ କମିଶନ ଦେବାକୁ ମନା କରିବା ଏବଂ ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଭୋଟ ପ୍ରକ୍ରିୟାରେ ଅସାମାନତା ଭୋଟ ଚୋରିର ପ୍ରମାଣ କରୁଥିବା କଂଗ୍ରେସ ଅଭିଯୋଗ କରିବା ସହ ଭାରତୀୟ ନିର୍ବାଚନ କମିଶନ କେନ୍ଦ୍ର ସରକାରଙ୍କ ହାତ ବାରିସୀ ସାଜି ଦେଶରେ ଗଣତନ୍ତ୍ରକୁ ହତ୍ୟା କରୁଥିବା ଅଭିଯୋଗ କରିଛନ୍ତି। କେନ୍ଦ୍ର ବିଜେପି ସରକାର କ୍ଷମତା ଲାଳସାରେ ହୀନ ରାଜନୀତି କରୁଥିବା ବେଳେ ଜନସାଧାରଣ ଗଣତନ୍ତ୍ରର ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଛି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼,୧୧।୮ (ସମିସ): ବାରକୋଟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୨୨ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୬ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ଶିକ୍ଷକ ନିଯୁକ୍ତି, ନଳକୂପ, ଜମିବାଡି ବିବାଦ, ଅନ୍ତୋଦ୍ୟ ଚାଉଳ, ଚାଷୀ ନାମ ପଞ୍ଜୀକରଣ, ବାରକୋଟ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକାରୀତା, ଚିନାବାଦାମ ବିକ୍ରି, କଳା ମାର୍କେଟ କମ୍ପ୍ଲେକ୍ସରେ ଏଟିଏମ୍ ଭଡା ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ଅତିରିକ୍ତ ତହସିଲଦାର ଶିବବ୍ରତ ନାୟକ, ଡେପୁଟି କଲେକ୍ଟର ଏଜଲୀନ ବାରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ରାସ୍ତା କଡ଼ରୁ ଦୁଇ ନାବାଳିକା ଉଦ୍ଧାର

ଦେବଗଡ଼,୧୧।୮ (ସମିସ)

ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ସୋମବାର ନିଜ ଗାଡି ଯୋଗେ ବାରକୋଟରୁ ଦେବଗଡ଼ ଅଭିମୁଖେ ଆସୁଥିବା ବେଳେ ଚନ୍ଦନଖୁଣ୍ଟି ଗାଁ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ କଡ଼ରୁ ଅସହାୟ ଅବସ୍ଥାରେ ଦୁଇ ଜଣ ନାବାଳିକାଙ୍କୁ ଉଦ୍ଧାର କରିଥିବା ଜଣାପଡିଛି। ଚନ୍ଦନଖୁଣ୍ଟି ଗାଁ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ୨ ଜଣ ନାବାଳିକା ଭଉଣୀ ଅସହାୟ ଅବସ୍ଥାରେ ବ୍ୟାଗ ଖଣ୍ଡିଏ ଧରି ଚାଲିଚାଲି ଯାଉଥିଲେ। ସାନ ଭଉଣୀ ଚାଲି ପାରୁ ନଥିବାରୁ ବଡ଼ ଭଉଣୀ ଗୋଟିଏ ହାତରେ ବ୍ୟାଗ ଓ ଗୋଟିଏ ହାତରେ ସାନ ଭଉଣୀକୁ କାଖେଇ ଧୀରେ ଧୀରେ ଚାଲି ଯାଉଥିଲା। ଏହା ଦେଖି ବିଧାୟକ ଶ୍ରୀ ବିଶ୍ୱାଳ ନିଜ ଗାଡି ଅଟକାଇ ନାବାଳିକା ଭଉଣୀ ଦ୍ୱୟଙ୍କ ସହ କଥାବାର୍ତ୍ତା କରିଥିଲେ। କଥାବାର୍ତ୍ତା ପରେ ସେମାନେ



ଉଟୁଣିଆମୁଣ୍ଡା ଗାଁର ଏବଂ ମଦ୍ୟପ ବାପା ଓ ମାଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଘର ଛାଡି ଉଟୁଣିଆମୁଣ୍ଡା ଠାରୁ ଚାଲିଚାଲି ବଣେଇ ସ୍ଥିତ ନିଜ ମାମୁଁ ଘର ଅଭିମୁଖେ ଯାଉଥିବା ପ୍ରକାଶ କରିଥିଲେ। ବିଧାୟକଙ୍କ ସହ ଥିବା କିଛି ଯୁବ ନେତା ନାବାଳିକା ଦ୍ୱୟଙ୍କୁ ନିକଟସ୍ଥ ଏକ ଢାବାରେ ଖୁଆଇଥିଲେ। ପରେ ବାରକୋଟ ପଞ୍ଚାୟତ ସମିତିରେ ଚାଲିଥିବା ଜିଲ୍ଲାପାଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କୁ ସୂଚନା ଦେଇଥିଲେ।

ଶ୍ରୀ ମହାପାତ୍ର ଓ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ ଢାବାରେ ପହଞ୍ଚି ନାବାଳିକା ଦ୍ୱୟଙ୍କୁ ଉଦ୍ଧାର କରି ତଦନ୍ତ ପାଇଁ ଚାଇଲ୍ଡ ହେଲ୍ପ ଲାଇନ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଇଲ୍ଡ ହେଲ୍ପ ଲାଇନ କର୍ମକର୍ତ୍ତା ନାବାଳିକା ଦ୍ୱୟଙ୍କୁ ଶିଶୁ ମଙ୍ଗଳ କମିଟି ପାଖରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଉପସ୍ଥାପିତ କରିଥିଲେ।

## ଶିଶୁକୁ ରକ୍ଷା କରିବାକୁ ଯାଇ ଓଲଟିଲା କାର୍

ଝାରସୁଗୁଡ଼ା,୧୧।୮ (ସମିସ): ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ଜିଲ୍ଲା ବଞ୍ଜାରୀ ଛକ ନିକଟରେ ଏକ ମାରୁତି ଭ୍ୟାନ ଦୁର୍ଘଟଣା ଗ୍ରସ୍ତ ହୋଇଛି। ରାସ୍ତା ପାରି ହେଉଥିବା ଏକ ଶିଶୁକୁ ବଞ୍ଚାଇବାକୁ ଚେଷ୍ଟା କରି ଗାଡିଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ସୋମବାର ଲଖନପୁର ପଟୁ ବେଲପାହାଡ ପଟକୁ କିଛି ସାମଗ୍ରୀ ନେଇ ମାରୁତି ଭ୍ୟାନଟି ଯାଉଥିଲା। ତେବେ ହଠାତ ଏକ ଶିଶୁ ରାସ୍ତା ଉପରକୁ ଆସି ଯାଇଥିଲା। ଶିଶୁକୁ ରକ୍ଷା କରିବା ପାଇଁ ଡ୍ରାଇଭର ଜଣକ ଚେଷ୍ଟା କରିବାରୁ ଗାଡିଟି ରାସ୍ତା ତଳକୁ ଖସି ପଡିଥିଲା। ଫଳରେ ଉଭୟ ଭ୍ୟାନ୍ ନ୍ଲକ ଏବଂ ଶିଶୁ



ସାମାନ୍ୟ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଚିକିତ୍ସାଳୟ ପଠାଇଛନ୍ତି।

# ସମ୍ପାଦକୀୟ



ପାଠାଗାର ଏକ ଅଭିବୃଦ୍ଧିଶୀଳ ସଂଗଠନ।
-ଏସ୍ ଆର ରଙ୍ଗନାଥନ୍

ସକାଳ THE SAKALA

## ଆତ୍ମଘାତୀ ଗୋଲ

ଆନ୍ତର୍ଜାତିକ ସ୍ତରରେ ଭୂରାଜନୈତିକ ଆବଶ୍ୟକତା ଦୃଷ୍ଟିରୁ ନୂଆ ସଂପର୍କ ଯୋଡ଼ିବାର ବାଧ୍ୟବାଧକତା ଯେମିତି ଅଛି ସେମିତି ପୁରୁଣା ସଂପର୍କକୁ ସୁଦୃଢ଼ ବା ପୁନର୍ବିନ୍ୟାସ କରିବାର ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏକ୍ଷେତ୍ରରେ ଆର୍ଥିକ ଲାଭ – କ୍ଷତିର ଅଙ୍କକଷା ଅପେକ୍ଷା ପ୍ରତିପକ୍ଷର ଶକ୍ତି ଓ ସାମର୍ଥ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ରଣନୀତି ପ୍ରସ୍ତୁତି କରିବା ଯେ ଜରୁରୀ ଏକଥା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବୁଝିବାକୁ ସମୟ ଲାଗିବ। ଶୀତଳ ଯୁଦ୍ଧର ଅବସାନ ପରେ ଭାରତର ରୁଷ ଅନୁଗାମୀ କୂଟନୀତିରେ ପରିବର୍ତ୍ତନ ଆଣି ଦୁଇଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ସଂପର୍କର ଯେଉଁ ନୂଆ ଭିତ୍ତିଭୂମି ବର୍ଷ ବର୍ଷର ପ୍ରୟାସ ମାଧ୍ୟମରେ ଆମେରିକା ସୁଦୃଢ଼ କରିଥିଲା ତାହାକୁ ଟ୍ରମ୍ପ ମାତ୍ର ମାସ କେଇଟାରେ ଧ୍ୱଂସ କରିଛନ୍ତି। ଏହା ତାଙ୍କର ଆତ୍ମଘାତୀ ଗୋଲ୍ ବୋଲି ଉଲ୍ଲେଖ କରିଛନ୍ତି ଆମେରିକାର ଜାତୀୟ ନିରାପତ୍ତା ପରାମର୍ଶଦାତା ଜନ୍ ବୋଲ୍ଟନ୍। ସୂଚନା ଯୋଗ୍ୟ କି ଟ୍ରମ୍ପଙ୍କ ପୂର୍ବ କାର୍ଯ୍ୟକାଳରେ ତାଙ୍କର ନିକଟତମ ବ୍ୟକ୍ତି ଭାବେ ବୋଲ୍ଟନ୍ ଏହି ଦାୟିତ୍ୱ ତୁଲାଉଥିଲେ। ସେହିଭଳି ଅନ୍ୟତମ ବରିଷ୍ଠ ବିଦେଶ ନୀତି ବିଶେଷଜ୍ଞ କ୍ରିଷ୍ଟୋଫର ପାଡିଲା ମଧ୍ୟ ଟ୍ରମ୍ପ ପ୍ରଶାସନକୁ ଏ ନେଇ ବଡ଼ ଚେତାବନୀ ଶୁଣାଇଛନ୍ତି। ଭାରତ-ଆମେରିକା ସଂପର୍କ ଉପରେ ଏହି ଶୁଳ୍କ ନୀତିର ଦୀର୍ଘ ମିଆଦୀ ପ୍ରଭାବ ପଡ଼ିବ। ଆମେରିକାର ଦକ୍ଷିଣ-ଏସିଆ କୂଟନୀତିରେ ନୂଆଦିଲ୍ଲୀକୁ ଅଂଶୀଦାର କରିବା ଆଗାମୀ ଦିନରେ ଏତେ ସହଜ ହେବନାହିଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ଆମେରିକାର ରିପବ୍ଲିକାନ ପାର୍ଟି କ୍ଷମତାକୁ ଆସିଲେ ଭାରତ ବିରୋଧୀ ଆଭିମୁଖ୍ୟ ଜୋର ଧରିଥାଏ। ଏକ୍ଷେତ୍ରରେ ଟ୍ରମ୍ପଙ୍କ ପୂର୍ବଶାସନକାଳକୁ କେବଳ ଏକ ବ୍ୟତିକ୍ରମ ଭାବେ ଗ୍ରହଣ କରାଯାଇପାରେ।

ଟ୍ରମ୍ପ ବେପରାଏ ଭାବରେ ଶତ୍ରୁମିତ୍ର ନିର୍ବିଶେଷରେ ଅତିରିକ୍ତ ବାଣିଜ୍ୟ ଶୁଳ୍କ ଲାଗୁ କରିଥିବାରୁ ସମଗ୍ର ବିଶ୍ୱଜନମତ ତାଙ୍କ ବିରୋଧରେ ଦାନା ବାନ୍ଧୁଥିବାରୁ ଲକ୍ଷ୍ୟ କରାଯାଇଛି। ଆମେରିକାର ଏକଚାଟିଆ କାରବାର କ୍ରମେ ଗତି ହରାଇଥିବାର ପରିଲକ୍ଷିତ ହେଉଛି। ମୁଣ୍ଡ ଟେକୁଥିବା ନୂଆ ସମୀକରଣ ପ୍ରାଧାନ୍ୟ ହାସଲ କରିବାକୁ ସମୟ ଲାଗିପାରେ, ହେଲେ ମୁହଁ ଖୋଲି ଆମେରିକାକୁ ଜବାବ ଦେବା ଭଳି ନେତୃତ୍ୱ ସାମ୍ନାକୁ ଆସୁଥିବାର ପରିଲକ୍ଷିତ ହେଉଛି। ସିଲିକନ୍ ଭ୍ୟାଲି ଓ ହ୍ୱାଇଟ ହାଉସର ଆଧିପତ୍ୟ ସତ୍ତ୍ୱେ ଡଲାରର ପ୍ରାଧାନ୍ୟ ହ୍ରାସ ପାଇଁ ଆରମ୍ଭ ହୋଇଥିବା ଉଦ୍ୟମ ଟ୍ରମ୍ପଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଭାରତ ସମେତ ଅନ୍ୟ କେତେକ ରାଷ୍ଟ୍ର ଡଲାର ବଦଳରେ ନିଜ ମୁଦ୍ରାରେ ଦ୍ୱିପାକ୍ଷିକ କାରବାର ଆରମ୍ଭ କଲେଣି। ଆମେରିକାର ନାଲିଆଖି ଏହାକୁ ରୋକି ପାରିନି। ଏଠାରେ ମନେ ରଖିବାକୁ ହେବ ଯେ ୧୦ ବର୍ଷ ତଳର ଭାରତ ସଂପ୍ରତି ବିଶ୍ୱ ଅର୍ଥନୀତିର ଅନ୍ୟତମ ଅଗ୍ରଣୀ ସାରଥି। ସେହିଭଳି ଭାରତ 'ବ୍ରିକ୍ସ'ର ଅନ୍ୟତମ ପ୍ରଭାବୀ ସଦସ୍ୟ। ପରିବର୍ତ୍ତିତ ବହୁଧ୍ରୁବୀୟ ଭୂ-ରାଜନୀତିରେ ଆମେରିକାକୁ ମଧ୍ୟ ସାଲିସ କରିବାକୁ ପଡୁଛି। ଜାନୁଆରୀ ୨୦ ରେ କ୍ଷମତାସୀନ ହେବା ପରେ ବାଣିଜ୍ୟ ଶୁଳ୍କକୁ ନେଇ ଟ୍ରମ୍ପ ଯେଉଁ ଚଢ଼ଉ ଆରମ୍ଭ କରିଥିଲେ ତାହାକୁ କ'ଣ ବଳବତ୍ତର ରଖିବା ସମ୍ଭବ ହେଲା? ସବୁଠାରୁ ବଡ଼କଥା ହେଲା, ପ୍ରତିଦ୍ୱନ୍ଦ୍ୱୀ ଚୀନ ସହ ସେ ସାଲିସ କରିବାକୁ ବାଧ୍ୟ ହୋଇଛନ୍ତି।

ସମସ୍ତ ଧମକଚମକର ଭାରତ ରୋକଠୋକ ଉତ୍ତର ଦେଇ ନ ଥିଲେ ମଧ୍ୟ ରୁଷ ସହ ବାଣିଜ୍ୟିକ ସଂପର୍କ ଅତୁଟ ରଖିଛି। ଗୋଟିଏ ପରେ ଗୋଟିଏ ପାଲଟା ପଦକ୍ଷେପ ବା ନିଷ୍ପତ୍ତି ନେଇ ଆମେରିକାର ପ୍ରଭୂତ ଆର୍ଥିକ କ୍ଷତି ଘଟାଇ ଚାଲିଛି ଭାରତ। ଏଥିମଧ୍ୟରେ ୩୧,୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତିକୁ ମଧ୍ୟ ରଦ୍ଦ କରିଛି। କେବଳ ସେତିକି ନୁହେଁ ନୌସେନା ସକାଶେ ପି-୮ ସାମୁଦ୍ରିକ ବିମାନ କ୍ରୟ ଚୁକ୍ତି ବାତିଲ କରିବା ସହ ଆମେରିକାଠାରୁ ଏଫ-୩୫ ଯୁଦ୍ଧ ବିମାନ ନ କିଣିବାକୁ ସ୍ଥିର କରିଛି ଭାରତ। ଏଥିରୁ ସ୍ପଷ୍ଟ ଯେ ଭାରତ ସାଲିସ ନ କରି ୫୦% ଶୁଳ୍କ ପାଇଁ ଆମେରିକାରେ ଭାରତ ଯେଉଁ ବାଣିଜ୍ୟିକ କ୍ଷତି ସହିବ, ତାହାର ଭରଣା ସକାଶେ ବିକଳ୍ପ ବଜାର ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବ। କାହାଠୁ କ'ଣ କିଣିବ ଓ କାହାକୁ କ'ଣ ବିକିବ, ତାହା ଭାରତର ନିଜସ୍ୱ ବ୍ୟାପାର। ଶୁଳ୍କ ସିନା ଆମେରିକା ଲାଗୁ କରିଛି, କିନ୍ତୁ ଅନ୍ୟ ରାଷ୍ଟ୍ରଙ୍କୁ କମ ଶୁଳ୍କରେ ରପ୍ତାନି କରିବାର ସୁଯୋଗ ବା ବାଟ ଯେ ବନ୍ଦ ହୋଇଯାଇଛି ଏକଥା ନୁହେଁ। କିନ୍ତୁ ଭାରତ ପଛକୁ ଚୀନ ଉପରେ ୩୦% ଭିଏତନାମ ଉପରେ ୨୦%, ବାଂଲାଦେଶ ଉପରେ ୧୮ % ଏବଂ ଇଣ୍ଡୋନେସିଆ, ମାଲେସିଆ ଓ ଫିଲିପାଇନ୍ସ ଉପରେ ୧୯ % ଜାପାନ ଓ ଦକ୍ଷିଣକୋରିଆ ଉପରେ ଆମେରିକା ୧୫ ପ୍ରତିଶତ ଶୁଳ୍କ ଲାଗୁକରିଛି। ଏଠାରେ ଏହି ତଥ୍ୟ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା, ଶୁଳ୍କ କ୍ଷେତ୍ରରେ ଏହି ତାରତମ୍ୟ ଯୋଗୁଁ ଆମେରିକା ବଜାରରେ ଅନ୍ୟମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଭାରତ ସକାଶେ ସହଜ ହେବନାହିଁ। କିନ୍ତୁ ବିଶେଷଜ୍ଞଙ୍କ ମତାମତ ଅନୁଯାୟୀ ଭାରତର ଫାର୍ମା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ଭଳି ଗୁରୁତ୍ୱପୂର୍ଣ୍ଣ ରପ୍ତାନି କ୍ଷେତ୍ର ଅତିରିକ୍ତ ଶୁଳ୍କ ସତ୍ତ୍ୱେ ବିଶେଷ ପ୍ରଭାବିତ ହେବ ନାହିଁ। ଆମେରିକୀୟ ବଜାରରେ ଭାରତତୀୟ ଔଷଧ ଓ ଇଲେକ୍ଟ୍ରୋନିକ୍ସ ଚାହିଦା ଅପରିବର୍ତ୍ତିତ ରହିଛି।

କପଡ଼ା ଓ ପୋଷାକ ଶିଳ୍ପ ଉପରେ ବାଣିଜ୍ୟ ଶୁଳ୍କର ତୁରନ୍ତ ପ୍ରଭାବ ପଡ଼ିଛି। ତାମିଲନାଡୁର ତିରିପୁର ଦେଶର ପ୍ରମୁଖ କପଡ଼ା ଉତ୍ପାଦନ କେନ୍ଦ୍ର। ଏହି ଅଞ୍ଚଳରୁ ୪୫ ହଜାର କୋଟି ଟଙ୍କାର ପୋଷାକ ରପ୍ତାନି ହୋଇଥାଏ। ଏହି ରପ୍ତାନି ମଧ୍ୟରେ ଆମେରିକା ଯାଉଥିବା ୧୨ ହଜାର କୋଟି ଟଙ୍କାର ପୋଷାକ ଅନ୍ତର୍ଭୁକ୍ତ। ସେହିଭଳି ଅଟୋପାର୍ଟସ୍, ଅଳଙ୍କାର, ଚମଡ଼ାରୁ ପ୍ରସ୍ତୁତ ସାମଗ୍ରୀ ରପ୍ତାନି ବାଧାପ୍ରାପ୍ତ ହେବ। ତେଣୁ ଏକ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ଛଟେଇ କରାଯିବାର ସମ୍ଭାବନା ଅଛି। ଏସବୁ ସତ୍ତ୍ୱେ ସମଗ୍ର ବିଶ୍ୱର ବୃହତ୍ତମ ବଜାର ହେଉଛି ଭାରତ। ଆଭ୍ୟନ୍ତରୀଣ ବଜାରରେ ଚାହିଦା ବୃଦ୍ଧି ଘଟାଇ ପରିସ୍ଥିତିରେ କିଛିଟା ସୁଧାର ଆଣାଯାଇପାରିବ। ସରକାର ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ରପ୍ତାନୀକାରୀଙ୍କ ପାଇଁ ୨୨୫୦ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ମିସନ୍‌ରେ ଏମ୍‌ଏସ୍‌ଏମ୍‌ଇ ଓ ଇ-କମର୍ସ ରପ୍ତାନିକାରୀଙ୍କ ପାଇଁ ସହଜ ଋଣ ଯୋଜନା, ବିଦେଶରେ ଗୋଦାମ ପ୍ରତିଷ୍ଠା ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ଭଳି ପଦକ୍ଷେପ ଗ୍ରହଣ କରାଯାଇପାରେ।

ଚୀନ ପ୍ରତି କୋହଳ ଓ ଭାରତ ପ୍ରତି କଠୋର ଆଭିମୁଖ୍ୟକୁ ଆମେରିକୀୟ ବିଶେଷଜ୍ଞମାନେ କଠୋର ସମାଲୋଚନା କରିଛନ୍ତି। ରୁଷ ଓ ଚୀନଠାରୁ ଭାରତକୁ ଦୂରେଇ ରଖିବା ସକାଶେ ଦଶନ୍ଧି ଧରି ସକାରାତ୍ମକ କୂଟନୀତି ମାଧ୍ୟମରେ ଆମେରିକା ଯେଉଁ ସଫଳ ପ୍ରୟାସ କରିଥିଲା ତାହା ଏବେ ଧୂଳିସାତ ହୋଇଯାଇଛି। ତେଣୁ ବୋଲ୍ଟନ୍ କହିଛନ୍ତି ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଭୟଙ୍କର ତ୍ରୁଟିପୂର୍ଣ୍ଣ ଏବଂ ଆମେରିକା ଉପରେ ତାହାର ପ୍ରତିକୂଳ ପ୍ରଭାବ ପକାଇବ। ଦକ୍ଷିଣ ଏସୀୟ ବଜାରରେ ଆମେରିକାର ସ୍ଥିତି ବିପନ୍ନ। ରୁଷ ଓ ଚୀନ ସହ ଭାରତର ବର୍ଦ୍ଧିତ ସଂପର୍କ ଭବିଷ୍ୟତରେ ଆମେରିକା ପାଇଁ କ୍ଷତିକାରକ ହେବ।

## ଭାଗ୍ୟ ହାତେ ବନ୍ଧା ଦାଦନ ଡୋରି

**ସୌଭାଗ୍ୟ ସୁନ୍ଦରରାୟ**

ଅଗଷ୍ଟ ୩ ତାରିଖରେ ଆନ୍ଧ୍ରପ୍ରଦେଶର ବାପତଲାସ୍ଥିତ ଏକ ଗ୍ରାନାଇଟ ଖଣିରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟରେ ଖଣିର କିଛିଅଂଶ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଫଳରେ ଗ୍ରାନାଇଟ ଧ୍ୱଂସାବଶେଷ ତଳେ ଚାପି ହୋଇ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ଗଞ୍ଜାମ ଓ ନୂଆପଡ଼ା ଜିଲ୍ଲା ବାସିନ୍ଦା। ବାପତଲା ପୁଲିସ ଏସ୍‌ପିଙ୍କ କହିବା ଅନୁଯାୟୀ ଆବଶ୍ୟକ ଖଣି ନିରାପତ୍ତା ବ୍ୟବସ୍ଥା ଅଭାବରୁ ଏହି ଦୁର୍ଘଟଣା ଘଟିଛି। ଏଭଳି ଦୁର୍ଘଟଣା ପ୍ରଥମ ଥର ପାଇଁ ଘଟିନାହିଁ। ଗତ ଜୁଲାଇ ମାସରେ ତେଲେଙ୍ଗାନାର ସିଗାଚିଠାରେ ଏକ ରାସାୟନିକ କାରଖାନାରେ ବିସ୍ଫୋରଣ ଘଟି ଗଞ୍ଜାମ, ବାଲେଶ୍ୱର, କଟକ ଓ ଯାଜପୁର ଜିଲ୍ଲାରୁ ଯାଇଥିବା ୪ ଜଣ ଓଡ଼ିଆ ଶ୍ରମିକଙ୍କୁ ମୃତ୍ୟୁ ଘଟିଥିଲା। ଗତ ଜାନୁୟାରୀ ମାସରେ କେରଳକୁ କାମଧନ୍ଦା ଉଦ୍ଦେଶ୍ୟରେ ଯାଉଥିବା ଯାଉଥିବା ଦୁଇ ଓଡ଼ିଆ ଶ୍ରମିକ ଟ୍ରେନରୁ ଖସିପଡ଼ି ପ୍ରାଣ ହରାଇଥିଲେ। ବଲାଙ୍ଗୀର ଜିଲ୍ଲା ହାତୀଶାଳପଡ଼ା ନିବାସୀ ଉମେଶ ପାଣ୍ଡେ ଓ କୁନୁ ବନ୍‌ଛୋର ଟ୍ରେନର ପାହାଚ ନିକଟରେ ବସି ଯାତ୍ରା କରୁଥିଲେ। ଉଭୟେ ଘୁମେଇ ପଡ଼ିଥିବା କାରଣରୁ ଟ୍ରେନରୁ ଖସିପଡ଼ି ପ୍ରାଣ ହରାଇଥିବା କୁହାଯାଇଥିଲା। ଚେନ୍ନାଇ ନିକଟବର୍ତ୍ତୀ ପେରାମ୍ବୁର ରେଳ ଧାରଣାରୁ ସେମାନଙ୍କ ମୃତ ଦେହ ଉଦ୍ଧାର କରାଯାଇଥିଲା।

କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ କୁମୁନିଆ ଗ୍ରାମ ନିବାସୀ ମଧୁସୂଦନ ନାୟକ (୩୦)ଙ୍କୁ ଗତ ମେ' ମାସରେ ଚେନ୍ନାଇଠାରେ ବାନ୍ଧି ମାଡ଼ ମରାଯିବା କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ମଧୁସୂଦନଙ୍କ କ୍ଷତାକ୍ତ ମୃତଦେହ ଏକ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରାଯାଇଥିଲା। ଦୁଃଖର ବିଷୟ ଅର୍ଥାଭାବରୁ ତାଙ୍କ ପରିବାର ଲୋକେ ମୃତଦେହ ଗ୍ରାମକୁ ଆଣିପାରି ନ ଥିଲେ କି ଏଥିପାଇଁ ରାଜ୍ୟ ପ୍ରଶାସନ ମଧ୍ୟ କୌଣସି ସାହାଯ୍ୟ କରି ନ ଥିଲା। ଫଳରେ ତାଙ୍କ ମୃତ ଦେହ ଚେନ୍ନାଇରେ ହିଁ ସତ୍କାର କରାଯାଇଥିଲା।

ଏପ୍ରକାରେ ପ୍ରବାସୀ ଶ୍ରମିକଙ୍କ ଦୁଃଖ ଦୁର୍ଦ୍ଦଶାର ତାଲିକା ବେଶ ଲମ୍ବା। ଗତ ଡିସେମ୍ବର ମାସରେ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ରାଜ୍ୟ ଶ୍ରମମନ୍ତ୍ରୀ କହିଥିଲେ ଯେ, ଗତ ୯ ବର୍ଷ ମଧ୍ୟରେ ପ୍ରାୟ ୪୦୦ ଦାଦନ ଶ୍ରମିକ ରାଜ୍ୟ ବାହାରେ ପ୍ରାଣ ହରାଇଛନ୍ତି। ନୂଆଁଖାଇ ପର୍ବକୁ ମାତ୍ର ଆଉ କିଛିଦିନ ରହିଲା। ପଶ୍ଚିମ ଓଡ଼ିଶାର ଏହା ଗଣପର୍ବ। ଏହି ପର୍ବ ପରେ ହାତରେ ଆଉ କାମଧନ୍ଦା ନାହିଁ। ଏଣୁ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳଷ୍ଟେସନରେ ଲାଗିବ ଶ୍ରମିକଙ୍କ ଲମ୍ବାଧାଡ଼ି। ଟିକେଟ ମିଳିବ ନାହିଁ। ଠେଲାପେଲା, ଦଳାଚକଟା ହୋଇ ଶ୍ରମିକମାନେ ଯାତ୍ରା କରିବେ ପ୍ରବାସୀ ବା ଦାଦନ ହୋଇ। ଏ ଯାତ୍ରରେ ଯେତିକି ଭରି ରହିଥାଏ ସ୍ୱପ୍ନ, ତା'ଠାରୁ ଅଧିକ ଅନିଶ୍ଚିତତା। ଆଜିକୁ ୪୦ ବର୍ଷ ତଳେ ଏହି ଲେଖକ କଣ୍ଟାବାଞ୍ଜି ଷ୍ଟେସନରେ ନୂଆଁଖାଇ ପରବର୍ତ୍ତୀ ସମୟରେ ଯେଉଁ ଚିତ୍ର ଦେଖିଥିଲେ ତାହା ଅଦ୍ୟାବଧି ଦେଖିବାକୁ ମିଳୁଛି। ଏହି ଦାଦନ ଶ୍ରମିକଙ୍କ ସମସ୍ୟାର ଅବସାନ କେବେ ଏବଂ କିପରି ହୋଇପାରିବ ତାହା ଏକ ଅଯୁତ ଟଙ୍କାର ପ୍ରଶ୍ନ।

ରାଜ୍ୟର ପ୍ରବାସୀ ବା ଦାଦନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ଅଂଶ ସର୍ବାଧିକ। ତା' ପରକୁ ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ଗଜପତି ଜିଲ୍ଲାରୁ ବହୁସଂଖ୍ୟକ ଶ୍ରମିକ ଦେଶାନ୍ତରୀ ହୋଇଥା'ନ୍ତି। ଦେଶାନ୍ତରୀଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ଶ୍ରେଣୀ ସ୍ଥାୟୀ ପ୍ରବାସୀ, ଅନ୍ୟଟି ଦାଦନ। ସ୍ଥାୟୀ ପ୍ରବାସୀ ବର୍ଷର ଅଧିକାଂଶ ଦିନ ଗୋଟିଏ ସଂସ୍ଥାରେ କାର୍ଯ୍ୟ କରିଥା'ନ୍ତି। ସୁରଟର ବୟନ ଶିଳ୍ପ ଓ ରଙ୍ଗ ଶିଳ୍ପ କାମଧନ୍ଦା କରୁଥିବା ଶ୍ରମିକଙ୍କୁ ଏହି ଶ୍ରେଣୀରେ ଗ୍ରହଣ କରଯାଇପାରେ। ଯଦି ଆମେ କେନ୍ଦ୍ରପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକକୁ ଦେଖିବା, ତା'ହେଲେ ଏଠାକାର ଶ୍ରମିକଙ୍କୁ ପ୍ରବାସୀ ବୋଲି ବିବେଚନା କରିପାରିବା। ପାଇପ କାରିଗର ଭାବେ ଏହି ଶ୍ରମିକଙ୍କ ଦକ୍ଷତା ରହିଛି। କେବଳ ଭାରତର ବିଭିନ୍ନ ସ୍ଥାନ ନୁହେଁ, ଭାରତ ବାହାରେ ମଧ୍ୟ ଏମାନଙ୍କ ଉପସ୍ଥିତି ରହିଛି। କୋଭିଡ୍ ସମୟରେ ଏହି ବର୍ଗର ଶ୍ରମିକ ମଧ୍ୟ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଅନ୍ୟ ଶ୍ରେଣୀଟି ହେଉଛି ଅସ୍ଥାୟୀ, ଯାହାକୁ ଆମେ ଦାଦନ ବୋଲି କହିପାରିବା। ଅର୍ଥାତ ଏମାନେ ଋତୁକାଳୀନ। ଏହି ଶ୍ରମିକମାନେ ଇଟାଭାଟି, ପଥର ଖାଦାନ, ବାଣ ତିଆରି କାରଖାନା ଆଦିରେ କାର୍ଯ୍ୟ କରିଥା'ନ୍ତି। କହିବାକୁ ଗଲେ କୌଣସି ନିରାପତ୍ତା ବ୍ୟବସ୍ଥା ନଥାଇ ଦାଦନ ଶ୍ରମିକ ବିପଦସଙ୍କୁଳ ଅବସ୍ଥରେ କାର୍ଯ୍ୟ କରିଥା'ନ୍ତି।

ଗତ ମାର୍ଚ୍ଚ ମାସରେ ତେଲେଙ୍ଗାନାର ଏକ ଇଟାଭାଟିରେ କାମ କରୁଥିବା ସମୟରେ କ୍ରେନ ଭାଙ୍ଗି ଜଣେ ଓଡ଼ିଆ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା। ବରଗଡ଼ ଜିଲ୍ଲାର ହୀରା ମୁଣ୍ଡା ନାମକ ସଂପୃକ୍ତ ମହିଳା ଶ୍ରମିକ ନିଜ ସ୍ୱାମୀଙ୍କ ସହ କରିମନଗର ଜିଲ୍ଲାର ଏକ ଇଟାଭାଟିରେ କାମ କରୁଥିଲେ। ତାଙ୍କୁ କ୍ରେନ ଚଳାଇବାକୁ ଦିଆଯାଇଥିଲା। ସଂପୃକ୍ତ ମହିଳାଙ୍କ ପାଇଁ ତାହା ନିଶ୍ଚିତ ଏକ ବିପଦସଙ୍କୁଳ କାର୍ଯ୍ୟ ଥିଲା।

ସାଧାରଣତଃ ଦଲାଲମାନେ କମିଶନ ନେଇ ଅସ୍ଥାୟୀ ଶ୍ରମିକଙ୍କୁ ଯୋଗାଡ଼ କରି ବିଭିନ୍ନ ରାଜ୍ୟକୁ ପ୍ରେରଣ କରିଥା'ନ୍ତି। ପଠାଇ ସାରିଲା ପରେ ଦଲାଲର ଆଉ କୌଣସି ଭୂମିକା ରହି ନ ଥାଏ। ତା'ପରେ ଶ୍ରମିକ ନିଜ ଭାଗ୍ୟ ନେଇ ଚାଲିଥାଏ। ବଲାଙ୍ଗୀର ଜିଲ୍ଲାରେ ଏହି ଦଲାଲମାନେ ନୂଆଁଖାଇ ଅବ୍ୟବହିତ ପୂର୍ବରୁ ସକ୍ରିୟ ହୋଇଥା'ନ୍ତି। ପୂର୍ବରୁ ବଲାଙ୍ଗୀର ଶ୍ରମିକ ମୁଖ୍ୟତଃ ଛତିଶଗଡ଼ର ରାୟପୁର ଅଞ୍ଚଳକୁ ରିକ୍ସା ଚଳାଇବାକୁ ବା ଅନ୍ୟ କାମଧନ୍ଦା ପାଇଁ ଯାଉଥିବା ବେଳେ ଏବେ ଅନ୍ୟାନ୍ୟ ରାଜ୍ୟକୁ ଯିବା ଆରମ୍ଭ କଲେଣି। ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ପଥରଖାଦାନ, ଚାଷ ଓ ଉଦ୍ୟାନ ଏବଂ ଇଟାଭାଟି କାମ ନିମନ୍ତେ ସେଠାକାର ମାଲିକ କନ୍ଧମାଳ, କଳାହାଣ୍ଡି ଅଞ୍ଚଳକୁ ସିଧାସଳଖ ବସ ପଠାଇ ଯାତ୍ରୀମାନଙ୍କୁ ନେଉଛନ୍ତି। ନେବା ସମୟରେ ସେମାନଙ୍କୁ କିଛି ଅଗ୍ରୀମ ଅର୍ଥ ଦେଇ ପ୍ରଲୋଭିତ କରିଥା'ନ୍ତି।

ଓଡ଼ିଶାରୁ ଦାଦନ ଓ ସେମାନଙ୍କ ମୃତାହତ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବା ଦେଖାଯାଉଛି। ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନ(ଏଫଏଓ) ଏବଂ 'ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ ଫର ମାଇଗ୍ରେସନ'ର ଏକ ମିଳିତ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୨୦୨୩ ମସିହାରେ ଓଡ଼ିଶାରୁ ୧.୭୫ ନିୟୁତ ଶ୍ରମିକ ଦେଶାନ୍ତରୀ ହୋଇଛନ୍ତି। ଓଡ଼ିଶାରୁ ଏତେ ସଂଖ୍ୟକ ଶ୍ରମିକଙ୍କ ଅନ୍ୟ ରାଜ୍ୟକୁ ପ୍ରବାସୀ ଘଟଣାକୁ ବିଶ୍ୱବ୍ୟାଙ୍କ ମଧ୍ୟ ନକାରାତ୍ମକ ଦୃଷ୍ଟିରେ ଦେଖିଛନ୍ତି। ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ଏହି ସଂଖ୍ୟକ ଶ୍ରମିକଙ୍କ ରାଜ୍ୟ ବାହାରକୁ କାମ ଧନ୍ଦା ପାଇଁ ଯିବା ଇଚ୍ଛାକୃତ ନୁହେଁ। ଅର୍ଥାତ ଅଭାବ, ଅନଟନ, ପରିବାର ପ୍ରତିପୋଷଣର ଚାପ ଓ ରାଜ୍ୟରେ କାମଧନ୍ଦା ଅଭାବରୁ ସେମାନେ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି ଏବଂ ଯେକୌଣସି ପରିସ୍ଥିତିକୁ ଆଦରି ନେଉଛନ୍ତି। 'ଇଣ୍ଟରନ୍ୟାସନାଲ ରାଇସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍' ସହାୟତାରେ କେରଳର 'ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଇଗ୍ରେସ୍ ଆଣ୍ଡ ଡେଭେଲପମେଣ୍ଟ'ର ରିପୋର୍ଟ ଅନୁଯାୟୀ ଦାଦନ ଭାବେ ଯାଉଥିବା ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୩୦% କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ ଏବଂ ୩୩% ଭୂମିହୀନ। ଏଣୁ ଭୂମିହୀନ କାମଧନ୍ଦା ପାଇପାରୁ ନାହାନ୍ତି କି କୃଷି ପରିବାର ପ୍ରତିପୋଷଣକୁ ସୁନିଶ୍ଚିତ କରିପାରୁ ନାହିଁ। ଏ ପ୍ରକାର ପରିସ୍ଥିତିରେ ଜନସାଧାରଣ ରାଜ୍ୟ ବାହାରକୁ କାମଧନ୍ଦା କରିବା ଉଦ୍ଦେଶ୍ୟରେ ଯାଉଛନ୍ତି।

ଗଞ୍ଜାମ-ସୁରଟକୁ ଏକ ଦେଶାନ୍ତରୀ ପଥ ବୋଲି ବିବେଚନା କରାଯାଇଥାଏ। ଏହା ପରକୁ ଗତ କିଛିବର୍ଷ ହେଲା ତାମିଲନାଡୁ ଓ କେରଳକୁ ଶ୍ରମିକ ଗମନ ସଂଖ୍ୟା ବୃଦ୍ଧି ପାଇଛି। ଏହି ରାଜ୍ୟରେ ଆବଶ୍ୟକ କାମଧନ୍ଦା ମିଳିବା ସହ ମୂଲମଜୁରୀ ଦର ଅଧିକ ରହୁଛି। ଓଡ଼ିଶାରେ ଜଳସେଚନ ବ୍ୟବସ୍ଥାରେ ସେପରି ଆଖିଦୃଶିଆ ଉନ୍ନତି ଘଟିପାରୁ ନାହିଁ। ପୁରୁଣା କେନାଲ ବ୍ୟବସ୍ଥାରେ ପାଣି କିପରି ତଳମୁଣ୍ଡ ପର୍ଯ୍ୟନ୍ତ ଯାଇପାରିବ ତାହାର ବ୍ୟବସ୍ଥା କରାଯାଉ ନାହିଁ। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଉଥିବା ଦେଖାଯାଉଛି। ଫଳରେ ଉପକୂଳଠାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ କୃଷି ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଅନ୍ୟପକ୍ଷରେ ସରକାରୀ ମନରେଗା ଯୋଜନାର କାର୍ଯ୍ୟଦିବସ ହ୍ରାସ ପାଇଛି ଏବଂ ମଜୁରୀ ମଧ୍ୟ ଉତ୍ସାହଜନକ ନୁହେଁ।

ଦାଦନ ଶ୍ରମିକ ଚାଲାଣର ପ୍ରତିକାର ପାଇଁ ଗତବର୍ଷ ଅକ୍ଟୋବର ମାସରେ ସରକାର ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଏଥିରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନର ସଦସ୍ୟ ଅଛନ୍ତି। ଇତିମଧ୍ୟରେ ୧୦ ମାସ ବିତିଲାଣି। ଟାସ୍କଫୋର୍ସର ସୁପାରିସ ରାଜ୍ୟବାସୀଙ୍କୁ ଜଣାପଡ଼ିନାହିଁ। ତେଣେ ଅପଞ୍ଜିକୃତ ଶ୍ରମିକ ଚାଲାଣ ନିମନ୍ତେ ଶ୍ରମ ଆଇନରେ ଯେଉଁ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ତାହା ବିଭାଗ ପକ୍ଷରୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ତେଣୁ ମୋଟାମୋଟି ଭାବେ ଦେଖିବାକୁ ଗଲେ ଦାଦନ ଶ୍ରମିକଙ୍କ ନିମନ୍ତେ ସରକାରଙ୍କ କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ କି ଏଥିପ୍ରତି ଆନ୍ତରିକତା ନାହିଁ। ଏହି ଧାରା ଯେତେଦିନ ପର୍ଯ୍ୟନ୍ତ ଜାରି ରହିଥିବା ସେତେଦିନ ପର୍ଯ୍ୟନ୍ତ ଦାଦନ ମାନେ ଭାଗ୍ୟକୁ ଆଦରି ରହିଥିବେ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## କାହିଁକି ବଢୁଛି ଦୁଷ୍କର୍ମ

**ଶ୍ରୀକାନ୍ତ କୁମାର ମହାଳିକ**

ଦୁଷ୍କର୍ମ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। କୁନିକୁନି ଝିଅଙ୍କଠାରୁ ଆରମ୍ଭ କରି ବୟସ୍କା ମହିଳାଙ୍କ ପର୍ଯ୍ୟନ୍ତ ଏଥିରୁ ବାଦ୍ ପଡୁ ନାହାନ୍ତି। ଦୁଷ୍କର୍ମ ପରେ ଅତ୍ୟନ୍ତ ନିର୍ମମ ଓ ବୀଭତ୍ସ ଭାବେ ହତ୍ୟା କରାଯାଉଥିବା ଘଟଣା ସମସ୍ତଙ୍କୁ ଆଜି ବ୍ୟଥିତ ଓ ବିବ୍ରତ କରିଛି। ଘରଦ୍ୱାର, ରାସ୍ତାଘାଟ, ହାଟବଜାର, କର୍ମକ୍ଷେତ୍ର କେଉଁଠି ବି ଝିଅ ବା ମହିଳାଟିଏ ଆଜି ନିଜକୁ ସୁରକ୍ଷିତ ମଣି ପାରୁନାହିଁ। ପିତା, ମାତା, ଅଭିଭାବକମାନେ ମଧ୍ୟ ଅହରହ ଭୟ ଓ ଆଶଙ୍କା ମଧ୍ୟରେ ରହୁଛନ୍ତି। ଯୋଗାଯୋଗର ସମସ୍ତ ବ୍ୟବସ୍ଥା ଥିଲେ ମଧ୍ୟ ଝିଅଟିଏ ବା ବୋହୂଟିଏ ଘରୁ ଗୋଡ଼ କାଢ଼ିଲେ ନିରାପଦରେ ଫେରିବ ବୋଲି ଭରସି ପାରୁ ନାହାନ୍ତି। ତେବେ ଏମିତି ଦୁଃଖ ଓ ଯନ୍ତ୍ରଣାଦାୟକ ଘଟଣାମାନ କାହିଁକି ଘଟି ଚାଲିଛି ଏବଂ ଏହାର କାରଣ କ'ଣ ତାହାର ଆଲୋଚନା ଅତ୍ୟନ୍ତ ଜରୁରୀ ମନେହୁଏ।

ବଡ଼ କାରଣ ହେଉଛି ମୋବାଇଲ ଫୋନ୍‌ର ଅସଦ୍ ବ୍ୟବହାର। ମୋବାଇଲ ବର୍ତ୍ତମାନ ଯୁବକମାନଙ୍କୁ ଜଣେ ଜଣେ ଯୌନ ବିକାରଗ୍ରସ୍ତ ରୋଗୀରେ ପରିଣତ କରିଦେଇ ସାରିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ଇଣ୍ଟନେଟରୁ ଅଶ୍ଳୀଳ, ନଗ୍ନ ଓ ଯୌନ ଉଦ୍ଦୀପକ ଦୃଶ୍ୟ ସବୁ ଡାଉନଲୋଡ୍ କରି ଅହରହ ଦେଖିବା ଏବଂ ନିଜକୁ ସଂଯତ କରି ନପାରିବା ଯୋଗୁଁ ହିଁ ଏପରି କାଣ୍ଡ ସେମାନେ ଘଟାଇ ଚାଲିଛନ୍ତି। ଯୁବକମାନେ ଏପରି ଉଚ୍ଛୃଙ୍ଖଳିତ ଓ ବିପଥଗାମୀ ହେବା ପଛରେ ସେମାନଙ୍କର ପିତା, ମାତା ଓ ଅଭିଭାବକମାନଙ୍କୁ ଦାୟୀ କରାଯାଇପାରେ। ମୂଳରୁ ପିଲାମାନଙ୍କୁ ଯେଉଁପରି ସଂସ୍କାର ଓ ମାର୍ଗଦର୍ଶନ ଦେବା କଥା, ସେଥିପ୍ରତି ପିତାମାତାମାନେ ଯତ୍ନବାନ୍ ହେଉନାହାନ୍ତି। କେବଳ ଅନୈତିକ ଉପାୟରେ ଅର୍ଥ ଉପାର୍ଜନ କରି କେମିତି ନିଜର ଘର ପୂରଣ କରିବେ, ବିଳାସରେ ରହିବେ, ମଉଜ ମଜଲିସରେ ଜୀବନ ବିତେଇବେ ସେଥିପାଇଁ ସେମାନେ ବ୍ୟସ୍ତ। ନିଜେ ଭୋଗବିଳାସରେ ବୁଡ଼ିରହିବା ସଂଗେସଂଗେ ପିଲାମାନଙ୍କୁ ମଧ୍ୟ ସେଥିରେ ବୁଡ଼ାଇ ରଖୁଛନ୍ତି। ଏପରି ଜୀବନଚର୍ଯ୍ୟା ପିଲାମାନଙ୍କୁ ଉଚ୍ଛୃଙ୍ଖଳିତ କରୁଛି ଏବଂ ଅନୈତିକ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରୁଛି।

ସେହିପରି ପୁଲିସ ପ୍ରଶାସନର ଅବହେଳା ଯୋଗୁଁ ଅନେକ କ୍ଷେତ୍ରରେ ଅପରାଧୀ ଖସି ଯାଉଛନ୍ତି ଏବଂ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛି। ତଦନ୍ତରେ ଅବହେଳା ବା ଜାଣିଶୁଣି ବିଳମ୍ବ କରିବା, ତଦନ୍ତ ରିପୋର୍ଟକୁ ଜାଲିଆତି କରିବା, ସାକ୍ଷ୍ୟ ପ୍ରମାଣକୁ ନଷ୍ଟ କରିବା, ସାକ୍ଷୀକୁ ଉପଯୁକ୍ତ ସୁରକ୍ଷା ଯୋଗାଇ ନଦେବା ଆଦି ଘଟଣା ଦୁଷ୍କର୍ମକାରୀଙ୍କୁ ଖସାଇ ଦେବାରେ ସହାୟକ ହେଉଛି ଏବଂ ଅଧିକ ପ୍ରୋତ୍ସାହିତ କରୁଛି। କେକେତ ଅସାଧୁ ନେତା ନିଜର ସ୍ୱାର୍ଥ ପାଇଁ ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇବା, ସେମାନଙ୍କ ପାଇଁ ଅଯଥା ଓକିଲାତି କରିବା, ପ୍ରଶାସନିକ କଳ ଉପରେ ଚାପ ପ୍ରୟୋଗ କରି ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଆଦି ଘଟଣା ଦୁଷ୍କର୍ମକାରୀଙ୍କ ପାଇଁ ଆଶୀର୍ବାଦ ସ୍ୱରୂପ କାର୍ଯ୍ୟ କରୁଛି।

ଏଭଳି ସାମାଜିକ ବ୍ୟତିକ୍ରମରେ ନାରୀ ନିଜ ପାଇଁ ନିଜେ କିଛି ପରିମାଣରେ ଦାୟୀ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଭୁଲି ପାଶ୍ଚାତ୍ୟ ସଂସ୍କୃତି ଓ ଜୀବନଶୈଳୀକୁ ଆପଣେଇବା ଦ୍ୱାରା ସମାଜରେ ଉଚ୍ଛୃଙ୍ଖଳତା ବଢୁଛି। ଏହା ବାଦ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତିକୁ ମଧ୍ୟ ଅନେକ ପରିମାଣରେ ଦାୟୀ କରାଯାଇ ପାରେ। ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ତଥା ଚରିତ୍ର ଗଠନ। କିନ୍ତୁ ବର୍ତ୍ତମାନର ଏ ବ୍ୟବସାୟଭିତ୍ତିକ ଶିକ୍ଷା ବ୍ୟବସ୍ଥା ଯୋଗୁଁ ତାହା ସମ୍ଭବ ହୋଇପାରୁ ନାହିଁ। ନୀତି, ଆଦର୍ଶ ଓ ଚରିତ୍ରବାନ୍ ନାଗରିକ ସୃଷ୍ଟି ହେବା ପରିବର୍ତ୍ତେ ଗୁଡ଼ାଏ ନୀତି- ଆଦର୍ଶ ବିବର୍ଜିତ ଏବଂ ଚରିତ୍ର ହୀନ ନାଗରିକ ସୃଷ୍ଟି ହେଉଛନ୍ତି। ଦୁଷ୍କର୍ମ ପରି ଅନୈତିକ କାର୍ଯ୍ୟ କରିବା ଏମାନଙ୍କ ପକ୍ଷେ ଆଦୌ ଅସମ୍ଭବ ନୁହେଁ।

ଏସବୁ ବ୍ୟତୀତ ଦୁଷ୍କର୍ମ ଘଟଣା ପଛରେ ଅନ୍ୟ କେତେକ କାରଣ ମଧ୍ୟ ରହିଛି। ଯଥା-ମାଦକ ଦ୍ରବ୍ୟ ସେବନ, ପାରିବାରିକ ଅଶାନ୍ତି, ନିଃସଂଗତା, ସାମୟିକ ଉତ୍ତେଜନା, ପ୍ରେମଜନିତ ଅସଫଳତା, ଭଗବତ୍ ବିଶ୍ୱାସର ଅଭାବ ଇତ୍ୟାଦି। ଏଣୁ ଏ ସମସ୍ୟାର ସମାଧାନ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା। ବିଶେଷକରି ଏପରି ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବା ଉଚିତ୍। ଏଥିପାଇଁ ପ୍ରଶାସନ ଓ ପୁଲିସର ନିଷ୍ଠାପର ଉଦ୍ୟମର ଆବଶ୍ୟକତା ରହିଛି। ଦ୍ୱିତୀୟରେ ରାଜନୈତିକ ନେତାମାନେ ପୀଡ଼ିତାମାନେ କିପରି ଉପଯୁକ୍ତ ନ୍ୟାୟ ପାଇବ ସେ ଦିଗରେ ଯତ୍ନବାନ୍ ହେବା ଉଚିତ୍। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନାରୀ ଆଧୁନିକତା ନାଁରେ କୌଣସି ପ୍ରକାର ଅଶ୍ଳୀଳତାକୁ ପ୍ରଶ୍ରୟ ନଦେବା ତା'ପାଇଁ ଶୁଭଙ୍କର ହେବ। ନିଜର ପୋଷାକ ପରିଚ୍ଛଦ, ଚାଲିଚଳଣି ଆଦି ଆମ ସଂସ୍କୃତିର ମର୍ଯ୍ୟାଦା ଭିତରେ ରହିଲେ ନିଜ ପାଇଁ ଏବଂ ସମାଜ ପାଇଁ ମଙ୍ଗଳକର ହେବ। ପିତାମାତା ଓ ଅଭିଭାବକମାନେ ମଧ୍ୟ ଅଧିକ ସଚେତନ ହୋଇ ନିଜେ ସଂସ୍କାରିତ ହେବା ସଂଗେ ସଂଗେ ପିଲାମାନଙ୍କୁ ସଂସ୍କାରିତ କରି ଗଢ଼ିତୋଳିବା ଆବଶ୍ୟକ। ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ମଧ୍ୟ ନିହାତି ଲୋଡ଼ା। ବିଶେଷକରି ନୈତିକ ଶିକ୍ଷାକୁ ଅନିବାର୍ଯ୍ୟ କରାଯିବା ଉଚିତ୍। ଜଣେ ନୀତିବାନ୍ ମଣିଷ କେବେ ବି ଅନ୍ୟର ଅମଙ୍ଗଳ ଚିନ୍ତା କରି ନପାରେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୃଷ୍ଟିକୋଣର ପରିବର୍ତ୍ତନ। ଆମେ ନିଜର ମା', ଝିଅ, ବୋହୂ, ସ୍ତ୍ରୀ ବା ଭଉଣୀମାନଙ୍କ ପ୍ରତି ଯେଉଁ ମନୋଭାବ ପୋଷଣ କରିଥାଉ ଏବଂ ସେମାନଙ୍କର ସୁରକ୍ଷା କାମନା କରିଥାଉ ଯଦି ଠିକ୍ ସେହି ମନୋଭାବ ଅନ୍ୟମାନଙ୍କ ପ୍ରତି ପୋଷଣ କରିବା ତେବେ ଛାଏଁ ଛାଏଁ ଏ ସମସ୍ୟା ଯେ ନିଶ୍ଚୟ ଦୂର ହୋଇଯିବ ଏଥିରେ ସନ୍ଦେହ ନାହିଁ।

ଚରଦିଆ(ଭଦ୍ରକ), ମୋ: ୮୭୫୮୪୩୯୭୦୨

## ବିଲୁପ୍ତି ପଥେ ବିଶ୍ୱବ୍ରହ୍ମାଣ୍ଡ!

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ମନେକରାଯାଏ ଯେ ଆଜକୁ ପ୍ରାୟ ୧୩.୮ ବିଲିୟନ୍ ବର୍ଷ ପୂର୍ବେ ଘଟିଥିବା ବ୍ରହ୍ମବିସ୍ଫୋଟ୍ ବା 'ବିଗ୍‌ବ୍ୟାଙ୍ଗ' ଫଳରେ ବିଶ୍ୱବ୍ରହ୍ମାଣ୍ଡ ଉତ୍ପତ୍ତି ହେଲା। ସେଥି ସମୟରୁ ଏହା ସଂପ୍ରସାରିତ ହୋଇଚାଲିଛି। ଏଥିରେ ସହାୟତା କରୁଛି କୃଷ୍ଣଶକ୍ତି (ଡାର୍କ ଏନର୍ଜି) ନାମକ ଏକ ବିସ୍ମୟକର ଶକ୍ତି। ଅନ୍ୟପକ୍ଷରେ, ବିଶ୍ୱ ବ୍ରହ୍ମାଣ୍ଡର ଅନ୍ୟଏକ ଉପାଂଶ କୃଷ୍ଣବସ୍ତୁ ବା 'ଡାର୍କ ମାଟର୍' ଏଥିରେ ଥିବା ବସ୍ତୁଗୁଡ଼ିକୁ ପରସ୍ପରକୁ ଆକର୍ଷିତ କରିବାର ସାହାଯ୍ୟ କରେ।

ଏବେ କେତେଜଣ ଖଗୋଳ ବିଜ୍ଞାନୀ ମନେ କରୁଛନ୍ତି ଯେ ସମ୍ଭବତଃ କୃଷ୍ଣଶକ୍ତି ସୁସ୍ଥିର ନୁହେଁ। ସମୟକ୍ରମେ ଏହା କମ/ବେଶି ହୋଇଥାଏ। ସେମାନଙ୍କ ମତରେ ଏହା ଦୁର୍ବଳ ହେବାର ସମ୍ଭାବନା ମଧ୍ୟ ରହିଛି। ଯଦି ତାହା ହୁଏ, ତେବେ ବସ୍ତୁ-ବସ୍ତୁ ମଧ୍ୟରେ ଆକର୍ଷଣ ଅଧିକ ହୋଇ ଯାଇପାରେ ଏବଂ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରସାରଣ ବନ୍ଦ ହୋଇପାରେ। ନଚେତ୍ ତାହା ପ୍ରତ୍ୟାବର୍ତ୍ତୀ ହୋଇ ମହାସଂକୋଚନ ବା 'ବିଗ୍ କ୍ରୋଞ୍ଚ'ର କାରଣ ହୋଇପାରେ। ସେମାନେ ଅନୁମାନ କରନ୍ତି ଯେ ଆଗାମୀ ପ୍ରାୟ ୧୦ ବିଲିୟନ୍ ବର୍ଷ ପରେ ଏହି କାରଣରୁ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରସାରଣ ହୁଏତ ବନ୍ଦ ହୋଇଯିବ ଏବଂ ତପ୍ରରେ ତାହା ପତିତ ହେବାକୁ ଲାଗି ପ୍ରାୟ ୩୩ ବିଲିୟନ ବର୍ଷ ପରେ ମହାସଂକୋଚନ ଘଟି ବିଲୁପ୍ତ ହୋଇଯିବ।

ବିଗତ କିଛି ବର୍ଷ ଧରି 'ଡାର୍କ ଏନର୍ଜି ସର୍ଭେ' ଏବଂ ଡାର୍କଏନର୍ଜି ସ୍ପେକ୍ଟ୍ରୋସ୍କୋପି ଇନଷ୍ଟିଚ୍ୟୁଟ୍'ରେ କାର୍ଯ୍ୟରତ ଖଗୋଳ ବିଜ୍ଞାନୀମାନେ ଦେଖିବାକୁ ପାଇଛନ୍ତି ଯେ କୃଷ୍ଣଶକ୍ତି ଏବେ ବିଶ୍ୱବ୍ରହ୍ମାଣ୍ଡକୁ ଦ୍ରୁତ ସଂପ୍ରସାରିତ କରିବାକୁ ଲାଗିଛି। ଏହା ସୂଚାଇ ଦେଇଛି ଯେ ଏହା ଏକ ସ୍ଥିରାଙ୍କ ନୁହେଁ। ଅନ୍ୟପକ୍ଷରେ ତାହା ସମୟକ୍ରମେ ପରିବର୍ତ୍ତିତ ହୋଇପାରେ। ତାହା ଯଦି ସତ୍ୟ ହୁଏ ତା'ହେଲେ କୃଷ୍ଣଶକ୍ତି ଦୁର୍ବଳ ହୋଇ ଏବର ସଂପ୍ରସାରଣର ବେଗ ହ୍ରାସ କରିବାର ସମ୍ଭାବନା ରହିଛି। ସେମାନଙ୍କ ଦ୍ୱାରା ଜୁନ୍ ୨୦୨୫ରେ ପ୍ରକାଶିତ ଏକ ଗବେଷଣା ପତ୍ର 'ଦ ଲାଇଫ୍-ସ୍ପାନ୍ ଅଫ୍ ଆୱାର ୟୁନିଭର୍ସ'ରେ ଗୋଟିଏ ଜଟିଳ ଚିନ୍ତାଧାରା ସୂଚୀତ କରିଛନ୍ତି। ସେଥିରେ ସେମାନେ ପ୍ରସ୍ତାବ ରଖିଛନ୍ତି ଯେ କୃଷ୍ଣଶକ୍ତି ଦୁଇଟି ଉପାଂଶରେ ତିଆରି। ତହିଁରୁ ପ୍ରଥମଟି ହେଲା 'ଅକ୍ସିଅନ୍', ଯାହାକି ଏକ ବିସ୍ମୟକର କଳ୍ପନିକ କଣିକା। ଏହା ଏତେ ହାଲୁକା ଏବଂ ସହଜରେ ଧରା ପଡୁନଥିବା ବସ୍ତୁ ଯେ ତାହା ପ୍ରାୟତଃ ଅନ୍ୟକାହାରି ସହିତ ଆନ୍ତର୍କ୍ରିୟା କରେ ନାହିଁ। କଳ୍ପନା କରାଯାଇପାରେ ଯେ ଏବର 'ଅକ୍ସିଅନ' ହେଉଛି ଏକ ମୃଦୁ ଶକ୍ତିର କୁଝଟିକା ଯାହାକି ନୀରବରେ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରାସାରଣ ଲାଗି ଶକ୍ତି ଯୋଗଉଛି।

ଦ୍ୱିତୀୟଟି ହେଲା ଏକ ବିଶ୍ୱବ୍ରହ୍ମାଣ୍ଡୀୟ ସ୍ଥିରାଙ୍କ। କିନ୍ତୁ ଏହି ମଡେଲ୍‌ରେ ଏହା ନକାରାତ୍ମକ। ଏଣୁ ଏହା ପ୍ରସର ବା ସ୍ପେସ୍ କୁ ବାହାର ଆଡ଼କୁ ଠେଲୁଥିବା ସକାରାତ୍ମକ ସ୍ଥିରାଙ୍କ ଭଳି ନୁହେଁ। ବରଂ ଏହା ତାହାକୁ ପଛ ଆଡ଼କୁ ଠେଲିଥାଏ। ବର୍ତ୍ତମାନ 'ଆକ୍ସିଅନ୍'ମାନେ ଅଧିକାଂଶ ସଂପ୍ରାସାରଣ କାର୍ଯ୍ୟ କରୁଛନ୍ତି। ତେବେ ଆଶା କରାଯାଏ ଯେ ସମୟକ୍ରମେ ତାହା ଦୁର୍ବଳ ହୋଇଚାଲିବେ, ଯେତେବେଳେ ନକାରାତ୍ମକ ଖଗୋଳୀୟ ସ୍ଥିରାଙ୍କ ଅଧିକ ପ୍ରଭାବଶାଳୀ ହେବାକୁ ଆରମ୍ଭ କରିବେ। ଫଳରେ ବିଶ୍ୱବ୍ରହ୍ମାଣ୍ଡର ସଂପ୍ରସାରଣ ମନ୍ଥର ଏବଂ ତତ୍‌ପରେ ବିପରୀତ ପଥଗାମୀ ହୋଇଯାଇପାରେ।

ପରିମାଣ ସ୍ୱରୂପ, ନାଟକୀୟ ଭାବେ ମହାସଂକୋଚନ (ବିଗକ୍ରଂଚ) କୁହାଯାଉଥିବା ଏକ ନୂତନ ପ୍ରକିୟାର ଆରମ୍ଭ ହୋଇଯିବ। ତାହା ହେଲେ ତାରକାପୁଞ୍ଜଗୁଡ଼ିକ ପରସ୍ପର ସହିତ ଧକ୍କା ଖାଇବେ। ବିଶ୍ୱବ୍ରହ୍ମାଣ୍ଡ ସଙ୍କୁଚିତ ହେବାକୁ ଲାଗିବ। ତାହା ଉତ୍ତପ୍ତ ଏବଂ ଅତ୍ୟଧିକ ଘନ ହୋଇ ଶୋଷରେ 'ସିଙ୍ଗୁଲାରିଟି' ଅବସ୍ଥାକୁ ଆସିଯିବ, ଯେପରି ତାହା ଥିଲା ବ୍ରହ୍ମବିସ୍ଫୋଟ ଆରମ୍ଭ ପୂର୍ବରୁ।

ଯମପଡ଼ା(କେନ୍ଦ୍ରାପଡ଼ା),
ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗାଁ ଦାଣ୍ଡରେ ପ୍ରେମୀଯୁଗଳଙ୍କୁ ହଳ ବୁଲାଇଲେ

ବନ୍ଧୁଗାଁ,୧୧।୮ (ସମିସ): ପୁଣି ଗାଁ ଦାଣ୍ଡରେ ହଳ ବୁଲିଲେ ପ୍ରେମୀଯୁଗଳ। କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ଅଲମଣ୍ଡା ପଞ୍ଚାୟତ ଅନ୍ତର୍ଗତ ସୀମାନ୍ତ ଚିଡ଼ିବାଲସା ଗାଁରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ଆଦିବାସୀ ପରମ୍ପରା ଅନୁଯାୟୀ ଏଭଳି ଦଣ୍ଡବିଧାନର ଶିକାର ହୋଇଥିବା ପ୍ରେମୀଯୁଗଳ ହେଲେ, ପେଦାୱାଲଡ଼ା ଗାଁର ପାଲେକା ମେରୀ (୨୨) ଓ ଚିଡ଼ିବାଲସା ଗ୍ରାମର ସୀତାରାମ କଲେକା (୨୫)। ପାଲେକା ଓ ସୀତାରାମ ସଂପର୍କୀୟ ଭାଇ-ଭଉଣୀ। କିନ୍ତୁ ଦୁହିଁଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା ଏବଂ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଘରେ କାହାକୁ ନ ଜଣାଇ ସୀତାରାମଙ୍କ ସହ ଘରୁ ପଳାଇ ଆସିଥିଲେ ପାଲେକା। ଆଦିବାସୀ ପରମ୍ପରା ଅନୁଯାୟୀ, ଏକବଂଶର ସମ୍ପର୍କୀୟ ପ୍ରେମ ବିବାହ କଲେ ସେମାନଙ୍କୁ ଦଣ୍ଡବିଧାନ ସ୍ୱରୂପ ଗାଁ ଦାଣ୍ଡରେ ହଳ ବୁଲାଯାଇଥାଏ। ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ପକାଇ ପ୍ରତୀକାତ୍ମକ ଭାବେ ହଳ କରାଯାଇଥାଏ। ତଦନୁଯାୟୀ ଗତକାଲି ଗାଁ ଦାଣ୍ଡରେ ଦୁହିଁଙ୍କୁ ହଳ ବୁଲାଯାଇଥିଲା। ସକାଳ ପ୍ରାୟ ୯ଟାରେ ଗ୍ରାମବାସୀଙ୍କ ଉପସ୍ଥିତିରେ ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ପଡ଼ିଥିଲା ଓ ଦୁହେଁ ଗାଁ ଦାଣ୍ଡରେ ହଳ ବୁଲିଥିଲେ। ଏହା ପରଠାରୁ ପ୍ରେମୀଯୁଗଳ ଘରେ ସ୍ୱାମୀ-ସ୍ତ୍ରୀ ଭାବେ ବିନା ବାଧାବିଘ୍ନରେ ରହିପାରିବେ ବୋଲି ଜଣାଯାଇଛି।



ତେବେ ଖବର ପାଇ ସ୍ଥାନୀୟ ତହସିଲଦାର ସୋମାଲି ପାତ୍ର, ଆଇଆଇସି ପ୍ରସନ୍ନ କୁମାର ମିଶ୍ର, ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀ ମିନିଆକା, ବିଡିଓ ମିନତି ଜଗଦେବ, ସିଡିପିଓ ଗୀତାଞ୍ଜଳି ମହାରଣା ଓ ସରପଞ୍ଚ ଗୌରୀ ମେଲେକା ଗାଁରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପ୍ରେମୀଯୁଗଳଙ୍କୁ ଏପରି ଦଣ୍ଡ ଦେବାଆଇନଅନୁସାରେଦଣ୍ଡନୀୟଅପରାଧ। ଭବିଷ୍ୟତ କେବେ ଏ ପ୍ରକାର ଗାଁ ରେ କିମ୍ବା ଆଖପାଖରେ ଯେପରି ଘଟଣାର ପୁନରାବୃତ୍ତି ନ ହୁଏ, ସେଥିପ୍ରତି ସଚେତନ କରାଇଥିଲେ।

# ଦୁଇ ଛୁଆଙ୍କ ସାମ୍ନାରେ ମାଆକୁ ଗଳାକାଟି ହତ୍ୟା

■ ପରକୀୟା ପ୍ରୀତିରୁ ହତ୍ୟାକାଣ୍ଡ!
■ ବୈଦେଶ୍ୱରରୁ ଦୁଇ ଅଭିଯୁକ୍ତ ଗିରଫ

ଭାପୁର,୧୧।୮ (ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଭାପୁର ପଞ୍ଚାୟତ ଭାପୁର ମହୋତ୍ସବ ପଡ଼ିଆ ନିକଟରେ ରବିବାର ରାତି ୧୧ଟାରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦୁଇ ଛୁଆଙ୍କ ଆଖି ସାମ୍ନାରେ ଦୁର୍ବୃତ୍ତମାନେ ତାଙ୍କ ମା'କୁ ଗଳାକାଟି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ, ଭାପୁର ଗ୍ରାମର ସ୍ୱର୍ଗତ ମିଟୁ ବେହେରାଙ୍କ ସ୍ତ୍ରୀ ଜୟନ୍ତୀ ବେହେରା (୩୩)। ସେ ଭାପୁର ଉଚ୍ଚ ବିଦ୍ୟାଳୟରେ ପାଚିକା ଭାବେ ୪ ମାସ ହେଲା କାମ କରୁଥିଲେ। ଜୟନ୍ତୀଙ୍କ ଜଣେ ଦୂର ସଂପର୍କୀୟ ଦିଅର ଓ ତା'ର ଜଣେ ସହଯୋଗୀ ଏହି କାଣ୍ଡ ଘଟାଇଥିବା କୁହାଯାଉଛି।



ଏହି ଘଟଣାରେ ଫତେଗଡ଼ ପୁଲିସ ତ୍ୱରିତ ପଦକ୍ଷେପ ନେଇ ମାତ୍ର ୩ ଘଣ୍ଟା ଭିତରେ ଦୁଇ ଅଭିଯୁକ୍ତଙ୍କୁ କଟକ ବୈଦେଶ୍ୱର ଅଞ୍ଚଳରୁ ଗିରଫ କରିଛି। ସେମାନେ ହେଲେ, ମନୋଜ ବେହେରା ଓ ରାଜା।

ମିଟୁ ପାଣି ପାଇପ୍ ମିସ୍ତ୍ରି ଭାବେ ଭାପୁର ଗ୍ରାମ୍ୟ ଜଳଯୋଗାଣ ବିଭାଗରେ କାର୍ଯ୍ୟ କରୁଥିଲେ। ବିଦ୍ୟୁତ୍ ଆଘାତରେ ୨ବର୍ଷ ତଳେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପାଖରେ ରହି କଟକ ଜିଲ୍ଲା ବୈଦେଶ୍ୱର ଥାନା ବୈଦେଶ୍ୱର ଗ୍ରାମର ତାଙ୍କର ମାଉସୀ ପୁଅ ମନୋଜ ପାଇପ୍ କାମ ଶିଖୁଥିଲେ। ମିଟୁଙ୍କ ମୃତ୍ୟୁ ପରେ ମନୋଜ ଓ ଜୟନ୍ତୀଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା। ଜୟନ୍ତୀ ଶାଶୂ-ଶଶୁର ଓ ଦିଅର-ଦେଢ଼ଶୁରଙ୍କଠାରୁ ଅଲଗା ହୋଇ ନିଜର ଭାପୁର ମହୋତ୍ସବ ପଡ଼ିଆ ନିକଟ ଏକ ଦୁଇ ମହଲା କୋଠାଘରେ ରହୁଥିଲେ। ପାଖରେ ତାଙ୍କର ୧୧ବର୍ଷର ଝିଅ ଓ ୫ ବର୍ଷର ପୁଅ ରହୁଥିଲେ। ରବିବାର ମିଟୁଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଥିଲା। ରାତି ୧୦ଟା ସମୟରେ ମନୋଜ ଓ ତା'ର ସହଯୋଗୀ ରାଜା ଜୟନ୍ତୀଙ୍କ ଘରକୁ ଆସିଥିଲେ। କୌଣସି କାରଣକୁ ନେଇ ରାତି ୧୧ଟାରେ ଜୟନ୍ତୀଙ୍କ ଗଳାକାଟି ଦୁଇଜଣଯାକ ପଳାଇଥିଲେ। ମାଆଙ୍କ ଏପରି ଅବସ୍ଥା ଦେଖି ଦୁଇ କୁନି ପୁଅ-ଝିଅ ପଡ଼ୋଶୀଙ୍କୁ ଡାକି ସମସ୍ତ ଘଟଣା କହିଥିଲେ। ପଡ଼ୋଶୀମାନେ ଘରକୁ ଯାଇ ଜୟନ୍ତୀଙ୍କ ମୃତ୍ୟୁ ହୋଇଥିବା ଦେଖି ତାଙ୍କ ଶଶୁର ଓ ଦିଅରଙ୍କୁ ଫୋନ୍ କରି ଜଣାଇଥିଲେ। ଖବର ପାଇ ସଙ୍ଗେସଙ୍ଗେ ଶିକ୍ଷକ ଥିବା ଦିଅର ଆସି ଭାଉଜଙ୍କ ମୃତ୍ୟୁ ଖବର ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୁଅ-ଝିଅଙ୍କଠାରୁ ସମସ୍ତ କଥା ବୁଝି ସଙ୍ଗେସଙ୍ଗେ ବୈଦେଶ୍ୱର ଥାନା ସହାୟତାରେ ଏକ କୋଠରେ ଶୋଇଥିବା ଦୁଇ ଅଭିଯୁକ୍ତ ମନୋଜ ଓ ରାଜାଙ୍କୁ କାବୁ କରି ଫତେଗଡ଼ ଥାନାରେ ଅଟକ ରଖିଛି। ସୋମବାର ସକାଳେ ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ତଦନ୍ତ କରିବା ସହ ନୟାଗଡ଼ରୁ ସାଇଣ୍ଟିଫିକ୍ ଟିମ୍ ଡକାଇଥିଲେ। ୩ ଜଣିଆ ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ପଠାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଜୟନ୍ତୀଙ୍କ ମୃତ୍ୟୁକୁ ନେଇ ସୋମବାର ଭାପୁର ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ନେତୃତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

## ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ମାମଲା

# ଜବାବ ଦାଖଲ ପାଇଁ ସମୟ ନେଲେ ସରକାର

କଟକ,୧୧।୮ (ସମିସ): ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ପେନସନ୍ ପ୍ରଦାନ ସପକ୍ଷରେ ଜଣିକିଆ ବିଚାରପତିଙ୍କ ଗତ ୨୦୨୪, ଜାନୁଆରି ୧୨ରାୟକୁ ବିରୋଧ କରି ରାଜ୍ୟ ସରକାର ଦାୟର କରିଥିବା ରିଟ ଆବେଦନର ଶୁଣାଣି କରୁଛନ୍ତି ହାଇକୋର୍ଟ। ମାମଲାରେ ଜବାବ ଦାଖଲ ପାଇଁ ସରକାର ସମୟ ନେଇଥିବା ବେଳେ ଜଷ୍ଟିସ ମାନସ ରଂଜନ ପାଠକ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୫କୁ ଧାର୍ଯ୍ୟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ବ୍ଲକ୍ ଗ୍ରାଣ୍ଟ ଓ ଏବେର ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ସପକ୍ଷରେ ଗତ ୨୦୧୫ରେ ରାୟ ପ୍ରଦାନ କରିଥିଲେ ହାଇକୋର୍ଟ। ଏହି ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ସୁପ୍ରିମକୋର୍ଟରେ ହାଇକୋର୍ଟଙ୍କ ରାୟ କାଏମ ରହିଥିଲା। ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ଅବସର ପରଦିନଠାରୁ ପ୍ରଦାନ କରାଯାଉ ବୋଲି ଦର୍ଶାଇ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀମାନେ ସରକାରଙ୍କ ନିକଟରେ ଦରଖାସ୍ତ କରିଥିଲେ। କିନ୍ତୁ ସରକାର ସେମାନଙ୍କ ଦରଖାସ୍ତ ଖାରଜ କରିବା ପରେ ଅବସରପ୍ରାପ୍ତ କର୍ମଚାରୀମାନେ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାର ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟଙ୍କ ଜଣିକିଆ ବିଚାରପତି ରଦ୍ଦ କରିବା ସହ ତିନି ମାସ ଭିତରେ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୨୪, ଜାନୁଆରି ୧୨ର ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଛନ୍ତି ସରକାର।

## ■ ୨୭ ବର୍ଷ ପରେ କେନ୍ଦ୍ରାପଡା ଡବଲ ମର୍ଡର ମାମଲାର ରାୟ ପ୍ରକାଶ

# ୬ ଅଭିଯୁକ୍ତଙ୍କ ଆଜୀବନ ଜେଲ୍ ଦଣ୍ଡ ହାଇକୋର୍ଟରେ କାଏମ୍

କଟକ,୧୧।୮ (ସମିସ): କେନ୍ଦ୍ରାପଡା ଥାନା ଇନ୍ଦୁପୁର ଅଞ୍ଚଳରେ ଗତ ୨୯ବର୍ଷ ପୂର୍ବରୁ ହୋଇଥିବା ଏକ ଡବଲ ମର୍ଡର ଘଟଣାରେ ୬ଜଣ ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ଅଭିଯୁକ୍ତମାନଙ୍କ ତରଫରୁ ଦାୟର ଆବେଦନକୁ ଖାରଜ କରି ଦୀର୍ଘ ୨୭ବର୍ଷ ପରେ ମାମଲାର ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତ ରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଘଟଣାରେ ୨୦୧୦ମସିହାରୁ ଜାମିନରେ ଥିବା ଅଭିଯୁକ୍ତ ଚଣ୍ଡିଆ ସେଠୀ, କରୁଣାକର ସେଠୀ,ବୁଲୁ ସେଠୀ,ପ୍ରେମାନନ୍ଦ ସେଠୀ, ସୁରଥ ସେଠୀ ଓ ବସନ୍ତ ସେଠୀଙ୍କୁ ବାକି ଜେଲ ଦଣ୍ଡ ଭୋଗ କରିବା ପାଇଁ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ।

୧୯୯୬ ଜୁନ ୧୯ ରାତିରେ ଉଧାର ଟଙ୍କା ପରିଶୋଧ ନ ହେବାକୁ କେନ୍ଦ୍ର କରି ଶଙ୍କର୍ଷଣ ସେଠୀ ଓ ତାଙ୍କ ଭିଣୋଇ ବାବୁଲି ସେଠୀଙ୍କୁ ଉପରୋକ୍ତ ଅଭିଯୁକ୍ତମାନେ ଠେଙ୍ଗା ଓ ଭୁଜାଲିରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତ ଶଙ୍କର୍ଷଣଙ୍କଠାରୁ ଅଭିଯୁକ୍ତ କରୁଣାକର ଏକ ହଜାର ଟଙ୍କା ଉଧାର ନେଇ ଫେରସ୍ତ ଦେଉନଥିଲେ। ଏହାକୁ କେନ୍ଦ୍ର କରି ଉଭୟ ଶଙ୍କର୍ଷଣ ଓ ବାବୁଲିଙ୍କୁ ଡାକି ନେଇ ଅଭିଯୁକ୍ତମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ଥିତି ସାଂଘାତିକ...

ଜୀବନ ନିଆଁର ଆଁରେ ଚାଲିଗଲାଣି। ମାତ୍ର ଏହାକୁ ରୋକିବାକୁ ଯେପରି ସରକାର ସମ୍ପୂର୍ଣ୍ଣ ଅସମର୍ଥ ଏବଂ ଉପାୟଶୂନ୍ୟ ହୋଇ ପଡ଼ିଥିବା ପରି ମନେ ହେଉଛି। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ପଛରେ ବୁଦ୍ଧିଜୀବି ମହଲ ସରକାରଙ୍କୁ ଦାୟୀ କରୁଛନ୍ତି। ଗତ ୩ଟି ସ୍ୱର୍ଶକାତର ଘଟଣାରେ ସରକାର ପ୍ରକୃତ ଦୋଷୀଙ୍କୁ ସାମ୍ନାକୁ ଆଣୁନାହାନ୍ତି। ରାଜନୈତିକ ବାଧବାଧକତା ହେଉ ବା କୌଣସି ଅଦୃଶ୍ୟ ଚାପ ପୁଲିସ ତଥା କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟାକୁ ବାଟବଣା କରୁଥିବା ଅଭିଯୋଗ ହୋଇଛି। ବାରମ୍ବାର ପ୍ରଶାସନର ତଳସ୍ତରରୁ କେନ୍ଦ୍ରମନ୍ତ୍ରୀଙ୍କ ଯାଏଁ ନିଜ ଗୁହାରି ଜଣାଇ ନିରାଶ ହେବା ପରେ ନିଜ ଦେହରେ ପେଟ୍ରୋଲ ଢାଳି ଜୀବନ ହାରିଥିଲେ ବାଲେଶ୍ୱରର ସୌମ୍ୟାଶ୍ରୀ। ଘଟଣାକୁ ନେଇ ବିରୋଧୀ ଦଳ ଆନ୍ଦୋଳଠାରୁ ଓଡ଼ିଶା ବନ୍ଦ କରିଥିଲେ। ବିରୋଧୀ ଦଳଙ୍କ ପ୍ରବଳ ହଲ୍ଲାବୋଲ ପରେ ସୌମ୍ୟାଶ୍ରୀଙ୍କ ଆତ୍ମାହୂତି ପଛରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ର ନେତାଙ୍କ ସଂପୃକ୍ତି ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଏହାପରେ ଆଶ୍ଚର୍ଯ୍ୟଜନକ ଭାବେ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଆଇଜି ସାଇନ. ଏସ୍ ରାତିଅଧିଆ ଛୁଟିରେ ଚାଲିଗଲେ। ତଦନ୍ତ ପ୍ରକ୍ରିୟାକୁ ବାଟବଣା କରିବା ପାଇଁ ଏବଂ ନିଜ ଛାତ୍ର ସଂଗଠନର କର୍ମକର୍ତ୍ତାଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଏପରି ପଦକ୍ଷେପ ନେଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି।

ସେହିପରି ବଳଙ୍ଗା ଘଟଣାରେ ମଧ୍ୟ ପୁଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ଏବଂ ସାଧାରଣ ଲୋକେ। ଅଭିଯୁକ୍ତଙ୍କୁ ଖସାଇ ଦେବା ପାଇଁ ପୁଲିସ ସୁଇସାଇଡ ଥିଓରୀ ରଚିଥିବା ନେଇ ବିଜେଡି ସାଂଘାତିକ ଅଭିଯୋଗ ଆଣିଥିଲା। କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇରେ ମଧ୍ୟ ଜଣେ ଛାତ୍ରୀ ଆତ୍ମାହୂତି ଦେଇଥିବା ବେଳେ ପୁଲିସ ଏହାର କାରଣ ଖୋଜି ବାହାର କରିପାରି ନାହିଁ। ପୁଲିସ ସତରେ କୌଣସି କାରଣ ପାଉନାହିଁ, ନାଁ ଏହା ପଛରେ ଅନ୍ୟ କୌଣସି ଭିତିର ମନ୍ଦ ଉଦ୍ଦେଶ୍ୟ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ଯଦି ପ୍ରଥମ ଘଟଣାରୁ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତେ, ତାହେଲେ ଏପରି ଘଟଣା ବାରମ୍ବାର ଘଟନ୍ତା ନାହିଁ। ସରକାର ଏବଂ ପୁଲିସର ନିଷ୍କ୍ରିୟତା ହିଁ ରାଜ୍ୟରେ ନାବାଳିକାଙ୍କ ସୁରକ୍ଷାକୁ ବିପନ୍ନ କରୁଛି ବୋଲି ବିରୋଧୀ ତଥା ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି।

## ରାସ୍ତାରେ ବିରୋଧୀ...

କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ସମାଜବାଦୀ ପାର୍ଟି ମୁଖ୍ୟ ଅଖୀଲେଶ ଯାଦବ, ମହୁଆ ମୈତ୍ର, ମିତାଲି ବାଗ, ସୁଶ୍ମିତା ଦେବ, ସଂଜନା ଏବଂ ଜ୍ୟୋତିମଣି। ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରୁଥିବା ବେଳେ ମହୁଆ ଓ ମିତାଲି ଅଚେତ ହୋଇପଡ଼ିଥିଲେ। ତେବେ ପୁଲିସ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ମଲିକାର୍ଜୁନ ଖଡ଼ଗେ, ଜୟରାମ ରମେଶଙ୍କ ସମତ ଅନେକ ସାଂସଦଙ୍କୁ ପାର୍ଲାମେଣ୍ଟ ଷ୍ଟ୍ରୀଟ୍ ଥାନାକୁ ନେଇ ଅଟକ ରଖିଥିଲା। କିଛି ସମୟ ପରେ ପୁଲିସ ସମସ୍ତଙ୍କୁ ଛାଡ଼ିଦେଇଥିଲା। ଡିଏମ୍‌କେର ଟିଆର ବାଲୁ, ଶିବ ସେନାର ସଂଜୟ ରାଉତଙ୍କ ସମେତ ବାମପନ୍ଥୀ ଦଳର ନେତାମାନେ ମଧ୍ୟ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

ସେମାନେ ଅଭିଯୋଗ କରିଥିଲେ ଯେ ନିର୍ବାଚନ କମିସନ ଏବଂ ଶାସକ ଦଳ ହାତ ମିଳାଇ ଲୋକମାନଙ୍କୁ ସେମାନଙ୍କ ଭୋଟ୍ ଦେବାର ଅଧିକାରରୁ ବଞ୍ଚିତ କରୁଛନ୍ତି। ନିର୍ବାଚନ ଜିତିବା ଲାଗି କମିସନ ଓ ବିଜେପି ମିଳିମିଶି ଜାଲିଆତି କରୁଛନ୍ତି। ରାହୁଲ ଗାନ୍ଧୀ କହିଥିଲେ ଯେ ଏହା ରାଜନୈତିକ ଲଢ଼େଇ ନୁହେଁ। ଏହା ହେଉଛି ସମ୍ବିଧାନର ସୁରକ୍ଷା ପାଇଁ ସଂଘର୍ଷ। ଇତିମଧ୍ୟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଏମ୍‌କେ ଷ୍ଟାଲିନ 'ଭୋଟ ଚୋରି' ବିରୋଧରେ ରାହୁଲ ଗାନ୍ଧୀ ଚଳାଇଥିବା ଅଭିଯାନକୁ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ କମିସନ ହେଉଛି ଏକ ସ୍ୱୟଂଶାସିତ ସଂସ୍ଥା। କିନ୍ତୁ ବିଜେପି ଏହାକୁ ଭୋଟ ଜାଲିଆତି ମେସିନରେ ପରିଣତ କରିଦେଇଛି। ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏହା ବିରୋଧରେ ସଂଘର୍ଷ ଜାରି ରହିବ। ସେ କହିଲେ ଯେ କର୍ଣ୍ଣାଟକର ମହାଦେବପୁରାରେ ଯାହା ହୋଇଛି, ତାହା ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଲୋକମତ ଚୋରି କରିବାକୁ ଏକ ବିରାଟ ଷଡ଼ଯନ୍ତ୍ର।

## ଝିଅ ଆଖି ଆଗରେ...

ଆରମ୍ଭ କରିଛି। ଅପରପକ୍ଷେ, ଗୁରୁତର ନାବାଳିକାକୁ ପ୍ରଥମେ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏହି ହତ୍ୟାକାଣ୍ଡ ପଛରେ ଗାୟତ୍ରୀଙ୍କ ପୁରୁଷବନ୍ଧୁ ସୁନୀଲର ହାତ ଥିବା ପୁଲିସ୍ ସନ୍ଦେହ କରୁଛି। ସୁନୀଲ ସହ ଯୋଗାଯୋଗ କରିବାକୁ ପୁଲିସ୍ ଚେଷ୍ଟା କରି ବିଫଳ ହୋଇଛି। ଘଟଣା ପରଠାରୁ ସୁନୀଲ ଏବଂ ଗାୟତ୍ରୀଙ୍କ ମୋବାଇଲ ଏକାସଙ୍ଗେ ବନ୍ଦ ରହିବା ପୁଲିସ୍‌ର ସନ୍ଦେହକୁ ଅଧିକ ଘନୀଭୂତ କରିଛି। ପୁଲିସ ହାତରେ ସୁନୀଲର ଫଟୋ ଲାଗିଛି। ତାକୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଛି। ଏହାସହ ଘର ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ପୁଲିସ ଯାଞ୍ଚ କରୁଥିବା ଜଣାପଡ଼ିଛି। ଗାୟତ୍ରୀଙ୍କ ହତ୍ୟାକାଣ୍ଡର ଏକମାତ୍ର ସାକ୍ଷୀ ତାଙ୍କ ନାବାଳିକା ଝିଅ। ତେଣୁ ତା' ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ତାକୁ ପଚରାଉଚରା କରି ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ କହିଛନ୍ତି।

ସୂଚନାଯୋଗ୍ୟ, ଶ୍ରୀମାନଗର ଦ୍ୱିତୀୟ ଲାଇନରେ ରମେଶ ପାତ୍ରଙ୍କ ଘରେ ଗତ ୩ ତାରିଖରୁ ଗାୟତ୍ରୀ ଓ ତାଙ୍କ ଝିଅ ଭଡ଼ାରେ ରହିଥିଲେ। ତାଙ୍କ ସ୍ୱାମୀ ସାଧୁଚରଣ ସ୍ୱାଇଁ ଭୁବନେଶ୍ୱରରେ ରହନ୍ତି। ଶନିବାର ରକ୍ଷାବନ୍ଧନ ଅବସରରେ ଗାୟତ୍ରୀ ହିଞ୍ଜିଳିରେ ରହୁଥିବା ତାଙ୍କ ଭାଇ ଚିତ୍ରସେନ ସ୍ୱାଇଁଙ୍କ ଘରକୁ ଯାଇଥିଲେ ଏବଂ ରବିବାର ସନ୍ଧ୍ୟାରେ ଫେରି ଆସିଥିଲେ। ସେଦିନ ରାତି ପ୍ରାୟ ୧୦ଟାରେ ସେ ସାଧୁଙ୍କ ସହ ଫୋନ୍‌ରେ ମଧ୍ୟ କଥା ହୋଇଥିଲେ। ତେବେ ଆଜି ସକାଳ ପ୍ରାୟ ୭ଟା ପର୍ଯ୍ୟନ୍ତ ଗାୟତ୍ରୀ କିମ୍ବା ତାଙ୍କ ଝିଅ ଘରୁ ନବାହାରିବାରୁ ଘର ମାଲିକ ରମେଶଙ୍କ ସନ୍ଦେହ ହୋଇଥିଲା। ଘର ଭିତରେ ଫ୍ୟାନ୍ ଓ ଲାଇଟ୍ ଲାଗିଥିବା ବେଳେ ବାହାରପଟୁ ତାଲା ପଡ଼ିଥିବା ଦେଖି ରମେଶଙ୍କ ସନ୍ଦେହ ବଢ଼ିଥିଲା। ଏ ସଂପର୍କରେ ସେ ଗାୟତ୍ରୀଙ୍କ ସ୍ୱାମୀ ସାଧୁଙ୍କୁ ଫୋନ ଯୋଗେ ଜଣାଇଥିଲେ। ପରେ ସାଧୁ ତାଙ୍କ ଶଳା ଚିତ୍ରସେନଙ୍କୁ ଜଣାଇଥିଲେ। ଚିତ୍ରସେନ ସେଠାରେ ପହଞ୍ଚି ତାଲା ଭାଙ୍ଗି ଘର ଭିତରକୁ ଯିବା ବେଳକୁ ରକ୍ତ ଜୁଡୁବୁଡୁ ଗାୟତ୍ରୀ ଓ ଭାଣିଜୀ ତଳେ ନିଶ୍ଚଳ ଅବସ୍ଥାରେ ପଡ଼ି ରହିଥିଲେ। ସେତେବେଳକୁ ଗାୟତ୍ରୀଙ୍କ ମୃତ୍ୟୁ ହୋଇସାରିଥିଲା।

ଖବର ପାଇ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ଓ ନିମଖଣ୍ଡି ଥାନା ଆଇଆଇସି କୃଷ୍ଣ ଶାହା ଏବଂ ପରେ ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହତ୍ୟାକାରୀକୁ ଗାୟତ୍ରୀଙ୍କ ଝିଅ ଚିହ୍ନିଥିବା ମାମୁ ଚିତ୍ରସେନ ପୁଲିସ୍‌କୁ କହିଛନ୍ତି।

## ବିଭ୍ରାନ୍ତ କରୁଛନ୍ତି...

ନେତା ରାହୁଲ ଗାନ୍ଧୀ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ସପକ୍ଷରେ ଯୁକ୍ତି କରିବାକୁ ଯାଇ ସେ କହିଛନ୍ତି ଯେ ଏଭଳି ପ୍ରକ୍ରିୟା ନୂଆ ନୁହେଁ। ଆଗରୁ ମଧ୍ୟ ହୋଇଛି। ଏହା ଏକ ନିୟମିତ ପ୍ରକ୍ରିୟା। ବିରୋଧୀ ଦଳମାନେ ଦେଶରେ ଅସ୍ଥିରତା ସୃଷ୍ଟି କରିବା ଲାଗି ଷଡ଼ଯନ୍ତ୍ର ଚଳାଇଛନ୍ତି। ଇଭିଏମ୍, ରାଫେଲ୍, ଭାରତୀୟ ସେନା ସମେତ ବିଭିନ୍ନ ପ୍ରସଙ୍ଗରେ ସେମାନେ ମିଥ୍ୟା ପ୍ରଚାର କରୁଛନ୍ତି। ନିର୍ବାଚନ ଜିତିଲେ ସବୁ ଠିକ୍, ହାରିଲା ପରେ ନିର୍ବାଚନ କମିସନଙ୍କୁ ସେମାନେ ଦୋଷ ଦେଉଛନ୍ତି। ଏଭଳି ଅରାଜକତା ସୃଷ୍ଟି କରିବା ବଦଳରେ ବିରୋଧୀ ଦଳମାନେ ସତ୍ୟପାଠ ମାଧ୍ୟମରେ ଅଭିଯୋଗ ଓ ଏହାର ପ୍ରମାଣ ଉପସ୍ଥାପନ କରନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ନୂଆ ଆୟକର ବିଲ୍...

ଉପସ୍ଥାପନ କରିଛନ୍ତି। ଏଥିରେ ସିଲେକ୍ଟ କମିଟିର ଅଧିକାଂଶ ସୁପାରିସ ସାମିଲ କରାଯାଇଛି। ସରକାର ଗତ ସପ୍ତାହରେ ଆୟକର ବିଲ୍- ୨୦୨୫କୁ ପ୍ରତ୍ୟାହାର କରିନେଇଥିଲେ। ଏହି ବିଲ୍ ଚଳିତବର୍ଷ ଫେବୃଆରୀ ୧୩ ରେ ଆଗତ କରାଯାଇଥିଲା। ଏହି ନୂଆ ବିଲ୍ ୬୦ ବର୍ଷ ପୁରୁଣା ଆୟକର ଆଇନ ୧୯୬୧ରେ ପରିବର୍ତ୍ତନ ଆଣିଛି। ବିଲ୍ ପ୍ରତ୍ୟାହାର କରିବାର କାରଣ ଦର୍ଶାଇ ସୀତାରମଣ କହିଥିଲେ ଯେ କିଛି ପରାମର୍ଶ ମିଳିଛି ଯାହାକୁ ସାମିଲ କରାଯିବା ଆବଶ୍ୟକ, ଯାହା ଦ୍ୱାରା ଆଇନର ପ୍ରକୃତ ଅର୍ଥ ବୁଝି ହେବ। ବିଲ୍‌ର ଡିଠାରେ କିଛି ତ୍ରୁଟି ଅଛି, ବାକ୍ୟ ସଂଶୋଧନ କରିବାକୁ ପଡିବ ଏବଂ କିଛି ପରିବର୍ତ୍ତନ କରିବାକୁ ପଡିବ। ସେ ଏହା ମଧ୍ୟ କହିଛନ୍ତି ଯେ ପୂର୍ବ ବିଲ୍‌କୁ ପ୍ରତ୍ୟାହାର କରାଯାଇଥିଲା ଯାହା ଦ୍ୱାରା କୌଣସି ଦ୍ୱନ୍ଦ୍ୱ ନ ଉପଜୁଜେ। ଅପଡେଟ୍ ହୋଇଥିବା ଆୟକର ବିଲ୍ ୨୦୨୫ରେ ସିଲେକ୍ଟ କମିଟିର ୨୮୫ଟି ସୁପାରିସକୁ ସାମିଲ କରାଯାଇଛି।

## ୪୮ ଘଣ୍ଟାରେ ଲଘୁଚାପ...

ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା ଏବଂ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ନେଇ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଲଘୁଚାପ ଯୋଗୁଁ ୧୩ ତାରିଖ ବେଳକୁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିବା ସହ ସମୁଦ୍ର ଅଶାନ୍ତ ରହିବ। ତେଣୁ ଏହି ସମୟରେ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

## ସାରା ରାଜ୍ୟରେ...

ସେହି ଶିକ୍ଷାଗତ ଯୋଗ୍ୟତା ଥାଇ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅନ୍ୟାନ୍ୟ କ୍ୟାଡରଭୁକ୍ତ କର୍ମଚାରୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତାକୁ ନେଇ ବେତନରେ ଅଭିବୃଦ୍ଧି କରାଯାଇଛି। ଏହି ମର୍ମରେ ବିଗତ ଦିନରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କ ପ୍ରବେଶ କାଳୀନ ବେତନ ୨୦୧୭ ମସିହା ବେତନ କମିଶନଙ୍କ ସୁପାରିଶ ଅନୁଯାୟୀ ଲେଭଲ-୯ କରାଯିବାକୁ ଦାବି ହୋଇ ଆସୁଛି; କିନ୍ତୁ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ସେହିଭଳି ୨୦୨୪ ମସିହା ଜାନୁଆରୀ ମାସଠାରୁ ରାଜ୍ୟ ସରକାର ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କୁ କ୍ୟାଡରଭୁକ୍ତ କରିଥିଲେ ମଧ୍ୟ ଆଜି ଯାଏଁ ସେମାନଙ୍କର ପଦବୀ ପୁନର୍ଗଠନ, ନୂତନ ପଦବୀ ସୃଷ୍ଟି ଉପରେ କୌଣସି ପ୍ରକାରର ପଦକ୍ଷେପ ନେଇ ନାହାନ୍ତି। ଓଲଟି ପଦବୀ ପୁନର୍ଗଠନ ଆଳରେ ସମସ୍ତ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କର ପଦୋନ୍ନତି ବନ୍ଦ ରହିଛି। ଏଥିସହିତ ରାଜ୍ୟ ସରକାର ବିଗତ କିଛି ଦିନ ତଳେ ଓଡିଶା ରାଜସ୍ୱ ସେବା - ୨୦୧୧ ନିୟମାବଳୀର ସଂଶୋଧନ କରିବାକୁ ଯାଇ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ମାନଙ୍କର ଓଡ଼ିଶା ରାଜସ୍ୱ ସେବା ପଦବୀକୁ ପଦୋନ୍ନତି ହେବାର ସ୍ୱପ୍ନକୁ ଭାଙ୍ଗି ଦେଇଛନ୍ତି। ଏହିଭଳି ବୈମାତୃକ ମନୋଭାବ ଯୋଗୁଁ ଏହି ଆନ୍ଦୋଳ ଡାକରା ଦିଆଯାଇଛି ବୋଲି ସଂଘ କହିଛି।

ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଗତ ଜୁନ ୨୨ ତାରିଖରେ ରାଜ୍ୟ କାର୍ଯ୍ୟକାରୀ ପରିଷଦ ବୈଠକର ନିଷ୍ପତି ଅନୁଯାୟୀ ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଜୁଲାଇ ୭ ତାରିଖରୁ କଳାବ୍ୟାଚ ପରିଧାନ କରାଯାଇଥିଲା। ଜୁଲାଇ ୯ ତାରିଖ ଦିନ ରାଜ୍ୟ ସରକାରଙ୍କଠାରୁ ଡାକରା ଆସିବା ସହ ରାଜସ୍ୱ ମନ୍ତ୍ରୀ ରାଜ୍ୟ ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପରି ନେବେ ବୋଲି ପ୍ରତିଶୃତି ଦେଇଥିଲେ। ଇତିମଧ୍ୟରେ ଏକ ମାସ ବିତିବାକୁ ବସିଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଓଡ଼ିଶାର ୩୦ ଟି ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଉର୍ଦ୍ଧ୍ୱ ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲା ସମୂହ ଛୁଟିରେ ଯାଇଛନ୍ତି।


**AFFIDAVIT**

I am **Kajipopy Khatun**, daughter of Kazi Serabuddin, residence of Vill Barbil, PO/PS: Barbil, Dist: Keonjhar, Odisha, Pin-758035, has declared before the Executive Magistrate of Keonjhar, Odisha vide affidavit no-2 dated 07.08.2025 that after my marriage with Sahadat Mandal, my name has changed to Popy Mondal daughter of Kazi Sorabuddin. So, Popy Mondal and Kajipopy Khatun is one and same person and my father Serabuddin and Sorabuddin is one and same person in all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 11.08.2025, I Gitanjali Bishoi resident At/Po- Sandhikendu, Ps-Badagada, Dist-Ganjam, Odisha, PIN-761109 declare that I have changed my name from Gita Bisoyi to Gitanjali Bishoi . Henceforth, He shall be known as **GITANJALI BISHOI** for all purposes.
GITANJALI BISHOI

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Suru Bhuyan, S/o- Dinabandhu Bhuyan resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha dated 06/08/2025, state that my actual and correct name as per Voter Id is **Suru Bhuyan** but in Aadhar Card my name has been wrongly mentioned as Musa Khatei. My name should be corrected as **Suru Bhuyan**, S/o- **Dinabandhu Bhuyan**.

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Tukuna Behera, S/o- Duruj Behera resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha dated 06/08/2025, state that my actual and correct name as per Voter Id is **Tukuna Behera** but in Aadhar Card my name has been wrongly mentioned as Ramesh Pattanaik. My name should be corrected as **Tukuna Behera**, S/o- **Duruj Behera**.

**LOST**

ମୁଁ ମଙ୍ଗୁଳି ବାରିକ, ଠିକଣା- ସା/ପୋ- ଗଡାପଟା, ଥାନା- ବଡମ୍ବା, ଜିଲ୍ଲା- କଟକ, ଓଡ଼ିଶା ଜଣାଉଛି କି ମୁଁ ଆମ ଗ୍ରାମ ଗଡାପଟାରୁ ବଡମ୍ବା ତହସିଲ ଅଫିସକୁ ଆସୁଥିବା ସମୟରେ ମୁଁ ଧରିଥିବା ବ୍ୟାଗରେ ମୋର ଏକ କବଲା (ଯାହାର ନଂ- ୧୨୯୫, ତା- ୦୩.୦୫.୧୯୯୩) ହଜିଯାଇଛି। ଯଦି କୌଣସି ବ୍ୟକ୍ତି ପାଇଥାନ୍ତି ତେବେ ମୋବାଇଲ ନମ୍ବର ରେ- ୯୬୬୨୯୮୨୭୦୩ ଜଣାଇବାକୁ ଅନୁରୋଧ।
ମଙ୍ଗୁଳି ବାରିକ

**AFFIDAVIT**

By virtue of an affidavit No.1518, before The Executive Magistrate, Rasulpur on dated- 02/08/2025, I **Surendra Das**, S/o- Lachaman Das, resident of At- Kolathala, Po-Sadanandapur, Ps- Kuakhia, Dist-Jajpur, Pin- 755009, Odisha I have changed my minor son's name from **Puspalata Sahani** (old name) to **Anshuman Das** (new name). Henceforth, he shall be known as **Anshuman Das** (new name) for all future purposes
**Sd/- Surendra Das**

**AFFIDAVIT**

By virtue of an affidavit No.2730 before The Executive Magistrate Dasarathapur, Jajpur on dated- 08/08/2025, I **Biswajit Mohanty**, S/o Bipin Bihari Mohanty, resident of At- Charbatia, Po-Badakuanl, Ps- Mangalpur, Dist- Jajpur, Pin- 755013, Odisha I have changed my minor daughter's name from **Barsa Priyadarsani Mohanty** (old name) to **Rajnandini Mohanty** (new name). Henceforth, she shall be known as **RAJNANDINI MOHANTY** (new name) for all future purposes.
**Sd/- Biswajit Mohanty**

**AFFIDAVIT**

By virtue of an affidavit no.1438 sworn before the Executive Magistrate , Cuttack on dt- 20/02/2025, I **Hemant Kumar Rana**, S/o- Gopinath Rana, resident of At/Po/Ps- Kanpur, Dist- Cuttack, Odisha. I am the deponent. My son's name has changed from **Aryan Mahapatra** (old name) to **Aryan Rana** (New name) which is mentioned date of birth is 24/10/2012. Henceforth, both the names **Aryan Mahapatra** and **Aryan Rana** is one & same person he will be known as **Aryan Rana** for all future purposes.
**Sd/- Hemant Kumar Rana**

**AFFIDAVIT**

I, Kailash Agarwal, aged about 58 years, S/o- Late Shivaji Lal Agarwal, resident of At: C4-13,1A, 1st Floor, Civil Township, Ps- Raghunathapalli, Dist- Sundargarh, Odisha, Pin- 769004 declare by this affidavit No. 1587, dtd. 11/08/2025, that now onwards I shall be known as **KAILASH KUMAR AGARWAL** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 10/08/2025. I, **Kishor Kumar Behera** (Applicant name), S/O- Ghasiram Behera, Permanent resident of At- Digsira, P.O. Kushkela, P.S. Sindhekela, Dist- Balangir, (Odisha), PIN- 767066, now residing at the same place affirm that I have changed my minor son's name from **Chandan Kumar Behera** (old name) to **Chandan Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Chandan Behera** (new name).
**Kishor Kumar Behera**

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Gopal Behera, S/o- Trinath Behera resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha No. A-6 dated 06/08/2025, state that my actual and correct name as per Voter Id is **Gopal Behera** but in Aadhar Card my name has been wrongly mentioned as Subas Pattanaik. My name should be corrected as **Gopal Behera**, S/o- **Trinath Behera**.

**AFFIDAVIT**

By virtue of an affidavit sworn before the Executive Magistrate, K.S. Nagar, Ganjam, I, Sri Prasanta Kumar Bhuyan, S/o- Suru Bhuyan resident of Vill./Po.- Paikajamuna, Ps.- Kabisurya Nagar, Dist.- Ganjam, Odisha No. A-5 dated 06/08/2025, state that my actual and correct name as per Voter Id is **Prasanta Kumar Bhuyan** but in Aadhar Card my name has been wrongly mentioned as Narayan Pattanaik. My name should be corrected as **Prasanta Kumar Bhuyan**, S/o- **Suru Bhuyan.**

**AFFIDAVIT**

By virtue of an affidavit sworn before the Notary Public, Bargarh, vide no.415 dtd.11.8.2025 I, Sunil Kumar Addapali, S/o- Late Raghunath Addapali resident of Vill.- Bandutikira, Ward No.9, Bargarh, Po./Ps./Tah./Dist.- Bargarh, Odisha state that, my actual name is **Sunil Kumar Addapali**. But in my daughter Sefali Patro's Board Certificate my name has been wrongly mentioned as Sunil Kumar Patro. That, **Sunil Kumar Addapali** and **Sunil Kumar Patro** both the names are of same and one person.

**AFFIDAVIT**

I, Rukuni Pangi, D/o- Damu Muduli, W/o- Satrughana Pangi, resident of Vill.- Mudul-iput, Po.-Hikimput, Ps.- Nanda-pur, Dist.- Koraput, Odisha, Pin-764037 declare by this affidavit dtd.- 07/08/2025 that, I have changed my name from **Rukuni Muduli** to **Rukuni Pangi**. Now onwards I shall be known as **Rukuni Pangi** for all future purposes.

**LOST**

ଆମ୍ଭେ ପ୍ରଦୀପ କୁମାର ବେହେରା, ବୟସ୍କ, ପିତା ବାସୁଦେବ ବେହେରା, ସାକିନ - ପୋଟଲ, ପୋଷ୍ଟ- ଦେଉଳିପୁର, ଥାନା- ପିପିଲି, ଜିଲ୍ଲା- ପୁରୀ, ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଦିଆଯାଉଅଛି କି ଯେ ଆମ ପିତା ବାସୁଦେବ ବେହେରାଙ୍କ ନାମରେ ଥିବା ରେଜିଷ୍ଟ୍ରି ଦଲିଲ ନମ୍ବର- ୧୧୧୧, ତା ୩୦.୦୪.୧୧୮୩ରିଖରେ ହୋଇଥିଲା। ଗତ ତା ୦୧.୦୮.୨୦୨୫ରିଖରେ ଜେରକ୍ସ କରିବା ପାଇଁ ଯାଉଥିବା ସମୟରେ ବାଟରେ ହଜିଯାଇ ଅଛି। ଯଦି କେହି ବ୍ୟକ୍ତି ପାଇଛନ୍ତି ଆମକୁ ଫେରାଇବାକୁ ଅନୁରୋଧ। ନାମ- ପ୍ରଦୀପ କୁମାର ବେହେରା, ଯୋଗାଯୋଗ ନମ୍ବର - ୯୪୩୯୮୫୫୨୨୨

**ଧାନ ପଞ୍ଜୀକରଣ ନୀତିକୁ ବିରୋଧ**

# ୫ ସମବାୟ ସମିତିରେ ତାଲା ପକାଇଲେ ଚାଷୀ

ବିଜେପୁର, ୧୧।୮ (ସମିସ)

ତ୍ରୁଟିପୂର୍ଣ୍ଣ ଧାନ ପଞ୍ଜୀକରଣ ପାଇଁ ରାଜ୍ୟବ୍ୟାପୀ ଅସନ୍ତୁଷ୍ଟି ଦେଖାଦେଇ ଥିବା ବେଳେ ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳରେ ଏହା ବିଷମ ସ୍ଥିତି ସୃଷ୍ଟି କରିଛି। ଚାଷୀ ବହୁଳ ଏହି ଅଞ୍ଚଳରେ ଚାଷୀ ଧାନ କାର୍ଡ ପଞ୍ଜୀକରଣ କରିପାରୁ ନାହାନ୍ତି। ଫଳରେ ଅସନ୍ତୁଷ୍ଟ ଚାଷୀ ବ୍ଲକ ଅଧୀନ ଏମ ଶ୍ରିଗୀଡା, ବିଜେପୁର, ଲାଉମୁଣ୍ଡା, ସାଇପାଳି ଓ ବଡ ବାଉଁସେନ୍ ସମେତ ସମୁଦାୟ ୫ ସମବାୟ ସମିତିକୁ ବନ୍ଦ କରିଛନ୍ତି। ପୂର୍ବରୁ ବିଭିନ୍ନ ସମବାୟ ସମିତି ବନ୍ଦ ରହିଥିବା ବେଳେ ସୋମବାର ବ୍ଲକ କୃଷକ ସଂଗଠନର ଆହ୍ୱାନ କ୍ରମେ ସୁନିଲ ମହାପାତ୍ର, ଆତ୍ରକ୍ଷିତ ସାହୁ, ସାମନ୍ତ ସାହୁ, ପ୍ରତାପ ଗିରି, ଶିଶିର ପଟେଲ, ଖୁଦିରାମ ସାହୁ, ମୀନକେତନ ସାହୁ, ଦୁକାଲୁ ମେହେର, ମୃତାଞ୍ଜୟ ସାହୁଙ୍କ ସମେତ ଶତାଧିକ ଚାଷୀ ଏକତ୍ରିତ ହୋଇ ଲାଉମୁଣ୍ଡା ସମବାୟ ସମିତିରେ ତାଲା ପକାଇଥିଲେ।



ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସ୍ୱ-ଘୋଷଣା ମାଧ୍ୟମରେ ଚାଷୀ ପଞ୍ଜୀକରଣ କରାଯିବ ବୋଲି ଘୋଷଣା କରିଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ଚାଷୀ ପଞ୍ଜୀକରଣ କରିବାରୁ ବଞ୍ଚିତ ହେଉଛନ୍ତି। ବିଜେପୁର ବ୍ଲକର ଏମ ଶ୍ରିଗିଡାରେ ମୋଟ ୨୩୨୦ ଚାଷୀଙ୍କ ମଧ୍ୟରୁ ମାତ୍ର ୨୫୮ ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ବିଜେପୁର ସମବାୟ ସମିତିରେ ୫୧୦, ଲାଇମୁଣ୍ଡାରେ ୫୨୬, ସାଇପାଲିରେ ୯୦୯, ବଡ ବାଉଁସେନରେ ୩୩୮ ଜଣ ମାତ୍ର ଚାଷୀ ପଞ୍ଜୀକରଣ କରିଛନ୍ତି। ହଜାର ହଜାର ଚାଷୀ ପଞ୍ଜୀକରଣରୁ ବଞ୍ଚିତ ରହିଛନ୍ତି। ତେଣୁ ଆଗକୁ ମାତ୍ର ସପ୍ତାହେ ମଧ୍ୟରେ କିଭଳି ଏତେ ସଂଖ୍ୟାରେ ଚାଷୀ ଧାନ ପଞ୍ଜୀକରଣ କରିବେ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ପଞ୍ଜୀକରଣ ନୀତିକୁ ସରଳ କରିବା ସହିତ ସମୟ ସୀମାକୁ ବୃଦ୍ଧି କରିବା ପାଇଁ ବ୍ଲକ କୃଷକ ସଂଗଠନର ସଭାପତି ସୁବାସ ପ୍ରଧାନଙ୍କ ସମେତ କର୍ମକର୍ତ୍ତାମାନେ ଦାବି କରିଛନ୍ତି।

## ବିଜେପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ବିଜେପୁର, ୧୧।୮ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମେତ ପଦ୍ମପୁର ଉପଜିଲ୍ଲାପାଳ ଅରୁଗୁଲା ସ୍ନେହା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ବିଶ୍ୱାଳ ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୮୮ ଟି ଅଭିଯୋଗ ମଧ୍ୟରୁ ୬୦ଟି ବ୍ୟକ୍ତିଗତ ଏବଂ ୨୮ ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡ଼ିକୁ ଶୁଣିବା ପରେ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଡାଙ୍ଗବାହାଲରେ ଝୁଲଣ ରଥଯାତ୍ରା

ଗାଇସିଲେଟ, ୧୧।୮ (ସମିସ): ଗାଇସିଲେଟ ବ୍ଲକ ଅଧୀନ ଡାଙ୍ଗବାହାଲ ଗାଁରେ ଶ୍ରାବଣ ଶୁକ୍ଳ ଦଶମୀ ଠାରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ୬ ଦିନ ବ୍ୟାପୀ ୯୩ତମ ଝୁଲଣ ରଥଯାତ୍ରା ମହାଆଡମ୍ବରରେ ପାଳିତ ହୋଇଯାଇଛି। ୧୯୩୩ ମସିହାରୁ ଡାଙ୍ଗବାହାଲ ଗାଁରେ ଝୁଲଣ ରଥଯାତ୍ରା ପ୍ରତିବର୍ଷ ପାଳନ ହେଉଛି। ଏହି ଯାତ୍ରାରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ପାରମ୍ପାରିକ ରୀତିନୀତିରେ ପୂଜା କଲାପରେ ଶ୍ରଦ୍ଧାଳୁ ଗୀତ ମାନ ଗାଇ ଗାଇ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଇ ଥାନ୍ତି। ପରେ ରଥାରୂଢ଼ କରାଯାଇ ରଥଟଣା ଯାଇଥିଲା। ଗାଁର ଗୌନ୍ତିଆ ପ୍ରତାପ ଚନ୍ଦ୍ର ସାହୁ ଓ ତାଙ୍କ ଧର୍ମପତ୍ନୀ ରୀତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଉଦଣ୍ଡ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଗ୍ରାମବାସୀ ତଥା ବଦାନ୍ୟ ଭକ୍ତମାନଙ୍କ ସହଯୋଗରେ ୩ ଦିନ ବ୍ୟାପୀ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା ହୋଇଥିଲା।

## ବାଳିକା ଉଚ୍ଚ ବିଦ୍ୟାଳୟରେ ସୃଜନଶୀଳ ସମ୍ମାନ କର୍ମଶାଳା

ପଦ୍ମପୁର, ୧୧।୮ (ସମିସ): ରାଜବୋରାସମ୍ବର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ନିର୍ଦ୍ଦେଶ କ୍ରମେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ସୃଜନଶୀଳ ସମ୍ମାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ସାହୁ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମ ସିଂ ଭୋଇ ମୁଖ୍ୟ ଅତିଥି, ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧନ କର୍ମୀ ରାଜେଶ ଖମାରୀ ଓ ମାନସ ରଞ୍ଜନ ଶତପଥୀ ସୃଜନଶୀଳ ସମ୍ମାନ ୨୦୨୫-୨୬ର ନାମାଙ୍କନ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସଭାରେ ଅଗଷ୍ଟ ମାସ ଶେଷ ସୁଦ୍ଧା ପ୍ରତ୍ୟେକ ବିଦ୍ୟାଳୟ ୫ଟି ପ୍ରକଳ୍ପ ନାମାଙ୍କନ କରିବା ନିଷ୍ପତ୍ତି ନିଆଯାଇଛି। ଏଥିରେ ରାଜବୋଡ଼ାସମ୍ବର୍ ବ୍ଲକ ଅଧୀନ ୪୭ଟି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶେଷରେ ସାଧନ କର୍ମୀ ରାଜେଶ ଖମାରୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଗାଇସିଲେଟ ଅଞ୍ଚଳରେ ବେଧଡ଼କ ନିଶା କାରବାର

**● ପୁଲିସ ପାଟ୍ରୋଲିଂ କଡାକଡି କରିବାକୁ ଦାବି**

ପଦ୍ମପୁର/ଗାଇସିଲେଟ, ୧୧।୮ (ସମିସ): ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଅଞ୍ଚଳରେ ଦିନକୁ ଦିନ ବେଆଇନ ନିଶା କାରବାର, ଦୋକାନ, ଘର, ଚାଷୀଙ୍କ ପାଣି ମୋଟର ଚୋରି, ରାସ୍ତାରେ ଲୁଟପାଟ ବଢ଼ିବାରେ ଲାଗିଛି। ଆଜି ଗାଇସିଲେଟର ସର୍ବପୁରାତନ ସାମାଜିକ ଅନୁଷ୍ଠାନ ୟୁଥ କ୍ଲବ୍‌ର ନେତୃତ୍ୱରେ ଗ୍ରାମ୍ୟ ଉନ୍ନୟନ କମିଟି, ନାଗରିକ କମିଟି, ୟୁଥ କ୍ଲବ୍‌ର ସଦସ୍ୟ ବୃନ୍ଦ ତଥା ବଣିକ ସଂଘକୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ଥାନାରେ ଅଭିଯୋଗ କରିଥିଲା। ଏହାର ସମାଧାନ ପାଇଁ ପ୍ରତିନିଧି ମଣ୍ଡଳୀ ଗାଇସିଲେଟ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଛି। ପ୍ରତିନିଧି ମଣ୍ଡଳୀରେ ୟୁଥ କ୍ଲବ୍ ଗାଇସିଲେଟର ସଭାପତି ରଞ୍ଜନ ପଣ୍ଡା, ଗାଇସିଲେଟ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ତଥା ସରପଞ୍ଚ ସରତ କାଲୋ, ନାଗରିକ କମିଟି ସଭାପତି ଡ.ସୁନୀଲ ପଣ୍ଡା, ବଣିକ ସଂଘ ସଭାପତି କ୍ଷୀରେସ୍ୱର ସେଠ, ଗ୍ରାମ୍ୟ କମିଟି ସମ୍ପାଦକ ଜନକ କଲେତ, ସରୋଜ ପୁରୋହିତ, ସଞ୍ଜୟ ପୁରୋହିତ, ମନୋହର ପାଣିଗ୍ରାହୀ, ସନ୍ତୋଷ କଲେତ, ପୁରୁଷୋତ୍ତମ ସାହୁଙ୍କ ସହ ସମସ୍ତ କମିଟିର ସଦସ୍ୟ ଉପସ୍ଥିତ ଥିଲେ।



## ଅଙ୍ଗନବାଡ଼ି କର୍ମୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର, ୧୧।୮ (ସମିସ): ରାଜବୋଡ଼ାସମ୍ବର ବ୍ଲକ ଅଧୀନ ଖୁଜେନରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ମିଥିଳା ସାଗରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ଦୀର୍ଘ ୩୧ ବର୍ଷ ଅଙ୍ଗନବାଡ଼ି କର୍ମୀ ଭାବରେ ସେବା ଯୋଗାଇ ଦେବା ସହ ସରକାରୀ ଓ ବେସରକାରୀ ସ୍ତରରେ ବେଶ ପରିଚିତ ଚେହେରା ହୋଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ଗୌନ୍ତିଆ ତେଜରାଜ ସ୍ୱାଇଁ, ବୀରେନ୍ଦ୍ର ସ୍ୱାଇଁ, ରୋହିତ ସ୍ୱାଇଁ, ଦୁର୍ଲଭ ସ୍ୱାଇଁ, ଅଜିତ ପ୍ରଧାନ, ରାମଚନ୍ଦ୍ର ବରିହା, ପୂର୍ଣ୍ଣାନନ୍ଦ ଗିଧିଲି, ଶିରୀଶ ସ୍ୱାଇଁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



## ପାଇକମାଲରେ କଂଗ୍ରେସ କର୍ମୀ ସମ୍ମିଳନୀ

ପାଇକମାଲ, ୧୧।୮ (ସମିସ): ପାଇକମାଲ ବ୍ଲକ ନୃସିଂହନାଥ ଧର୍ମଶାଳାରେ ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଓ ବ୍ଲକ ସଭାପତି ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ଉପସଭାପତି ତଥା କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ, ପଦ୍ମପୁର ବିଧାୟକ ପ୍ରତିନିଧି ଟଙ୍କଧର ସାହୁ ଯୋଗ ଦେଇଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରମଳା ଲୁହାର ରାହୁଲ ଗାନ୍ଧୀ ଓ ଭକ୍ତ ଚରଣ ଦାସଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବରେ କଂଗ୍ରେସ ଦଳରେ ଯୋଗ ଦେଇ ମହିଳା ନେତୃତ୍ୱକୁ ସୁଦୃଢ଼ କରିବା ପାଇଁ ଅଭିଭାଷଣ ରଖିଥିଲେ। ବ୍ଲକ ସଭାପତି ବିଜୟାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀରେ ବ୍ଲକ ଯୁବ କଂଗ୍ରେସ ସଭାପତି ବିକାଶ ବହିଦାର, କଂଗ୍ରେସ କର୍ମୀ ମହେନ୍ଦ୍ର ଖୁଣ୍ଟିଆ, ବିନୋଦ କାଲିଆ, ମନୋଜ ତ୍ରିବେଦୀ, ସନ୍ତୋଷ ପାଣିଗ୍ରାହୀ, ଅଶ୍ୱିନୀ ପଟେଲ, କ୍ଷେତ୍ରୀ ଲୁହାର, ପ୍ରାଣ ଦାସ, ବିନୋଦ ବିଶ୍ୱାଳ ତଥା ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଜିଲ୍ଲା ସମ୍ପାଦକ ପ୍ରତାପ ନାୟକ ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ

### ● ବିରମାଲ ହାଇସ୍କୁଲ

ବରଗଡ଼, ୧୧।୮ (ସମିସ): ସଦର ବ୍ଲକ ଅଧୀନ ବିରମାଲ ହାଇସ୍କୁଲରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୂର୍ଯ୍ୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଦାଶରଥି ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତ ସଂସ୍କୃତି ସୁରକ୍ଷା ମଞ୍ଚର ଆବାହକ କପିଳ ବାଗ, ପୂର୍ବତନ ସଂସ୍କୃତ ଶିକ୍ଷକ ନନ୍ଦ ଲାଲ ସାହୁ, ମୁକ୍ତେଶ୍ୱର ମନ୍ଦିର ମାନବ ସେବା ସମିତି ପକ୍ଷରୁ ନେପାଲେଶ୍ୱର ନନ୍ଦ, ଗଣନାଥ ରଥ ପ୍ରମୁଖ ଯୋଗ ଦେଇ ସଂସ୍କୃତ ସପ୍ତାହ ପାଳନ ଓ ସଂସ୍କୃତ ଭାଷାର ମହନୀୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ପ୍ରଧାନ, ରୋସନ ମହାନନ୍ଦ, ପ୍ରତ୍ୟୁଷ ରଞ୍ଜନ ଗୁରୁ, ବିମଳ ନାଏକ, ଟିକେଶ୍ୱର୍ ବାଗଙ୍କ ସମେତ ଠାକୁର ଚରଣ ଦାଶ, ଶ୍ରଦ୍ଧାକର ଭୁଏ, ପ୍ରଦୀପ ସାହୁ, ଗୁରୁଦେବ ସାହୁ ପ୍ରମୁଖ କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



### ● ଅଞ୍ଚଳ ମହାବିଦ୍ୟାଳୟ

ପଦ୍ମପୁର: ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ସମ୍ମିଳନୀ ପ୍ରକୋଷ୍ଠରେ ଅଧ୍ୟକ୍ଷ ଖଗେଶ୍ୱର ଦାସଙ୍କ ସଭାପତିତ୍ୱରେ ସଂସ୍କୃତ ସପ୍ତାହ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ନବପ୍ରଭାତ୍ ଗୁରୁକୂଳର ପ୍ରଧାନଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତ ଶବ୍ଦର ସୃଷ୍ଟି ତଥା ସଂସ୍କୃତ ଭାଷାର ଭାରତୀୟ ଜ୍ଞାନ ପରମ୍ପରା ସହ ସମ୍ପର୍କର ବିଶ୍ଳେଷଣ କରି ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଗୁରୁକୂଳର ବ୍ରହ୍ମଚାରୀ ଓ ମହାବିଦ୍ୟାଳୟର ଯୁକ୍ତ ଦୁଇର ଛାତ୍ର ଶୌରବ ସଂସ୍କୃତ ଶ୍ଳୋକ ପଠନ କରିଥିଲେ। କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗର ମୁଖ୍ୟ ପ୍ରଭାତ ମହାପାତ୍ର ପରିଚାଳନା କରିଥିଲେ। ଦର୍ଶନ ବିଭାଗର ମୁଖ୍ୟ ସନ୍ତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ପ୍ରମୋଦ ତ୍ରିପାଠୀ, ଝୁନୁ ପରିଡ଼ା, ଡ.ତୁଷାରକାନ୍ତ ସାହୁ, ଶର୍ମିଳା ପଣ୍ଡା, ଡ.ସରୋଜ ନାଏକଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ।



### ● ତରାକନା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ

ଭଟଲି: ଭଟଲି ବ୍ଲକ ଅଧୀନ ତରାକନା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡ.ମନୋଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂସ୍କୃତ ଗୀତ ଭାଷଣ, ଶ୍ଳୋକ ଉଚ୍ଚାରଣ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ଛବିରାଣୀ ଖମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଟଙ୍କଧର ପ୍ରଧାନ, ଶ୍ରାବଣୀ ପ୍ରଧାନ, ତୁଲାବତି ଭୁଏ, ରାକେଶ ମହାନନ୍ଦ, ଟିକେଶ୍ୱର୍ ବାଗ, ଟିକେସ୍ୱର ଭୁଏ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସଂସ୍କୃତ ସପ୍ତାହ ଓ ସଂସ୍କୃତ ଦିବସ ପାଳନର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରି ସଂସ୍କୃତ ଭାଷା ବଞ୍ଚିଲେ ସଂସ୍କୃତି ବଞ୍ଚିବ ବୋଲି ଉଲ୍ଲେଖ କରିଥିଲେ।



# ଫାଇଲେରିଆ ନିରାକରଣ ଅଭିଯାନରେ ସାମୂହିକ ଔଷଧ ସେବନ









### ଘନାମାଲ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ

ପଦ୍ମପୁର, ୧୧।୮ (ସମିସ): ପଦ୍ମପୁର ଉପଖଣ୍ଡ ଘନାମାଲ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ତରଫରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀଙ୍କୁ ନେଇ ଫାଇଲେରିଆ ନିରାକରଣ ସଚେତନ ପଦଯାତ୍ରା ଗ୍ରାମ ପରିକ୍ରମା କରିଛି। ପଦଯାତ୍ରାରେ ଆଶା, ଅଙ୍ଗନବାଡି କର୍ମୀ, ଯୁବଗୋଷ୍ଠୀ, ଶିକ୍ଷାବିତ, ଜନସାଧାରଣ ଯୋଗ ଦେଇଥିଲେ। ଫାଇଲେରିଆ ରୋଗର ଲକ୍ଷଣ, କାରଣ ଓ ପ୍ରତିକାର ସମ୍ପର୍କରେ ବୁଝାଇଥିଲେ। ରୋଗ ନିରାକରଣ ପାଇଁ ସରକାରଙ୍କ ଦ୍ୱାରା ବଣ୍ଟନ କରାଯାଉଥିବା ଔଷଧ ଖାଇବାକୁ ପରାମର୍ଶ ଦିଆଯାଇଥିଲା।

### ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ବିଜେପୁର: ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥିତ ସଭାଗୃହରେ ପିଏଚଇଓ ରୁଦ୍ରଦେବ ତନସନାଙ୍କ ତତ୍ତ୍ୱାବଧାନରେ ଫାଇଲେରିଆ ନିରାକରଣ ପାଇଁ ସହରାଞ୍ଚଳ ସ୍ତରୀୟ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ସୁଶାନ୍ତ ମେହେର ଉଦ୍‌ଘାଟନ କରିଥିଲେ। ଏହାପରେ ସ୍ୱାସ୍ଥ୍ୟ ପରିଦର୍ଶିକା କବିତାଞ୍ଜଳୀ ଦାଶ ସାମୂହିକ ଫାଇଲେରିଆ ଔଷଧ ନିଜ ସମ୍ମୁଖରେ ଖୁଆଇବା ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ବ୍ୟାପକ କରି ଅଞ୍ଚଳକୁ ଫାଇଲେରିଆ ମୁକ୍ତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ସହରରେ ପ୍ରାୟ୧୦ ଲକ୍ଷ ୧୧ ହଜର ୬୦୪ ଜଣଙ୍କୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଔଷଧ ଖୁଆଇବାର ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନରେ ସମୁଦାୟ ୧୭ ଜଣ ଅଙ୍ଗନବାଡି କର୍ମୀ ଏବଂ ୧୬ ଆଶାକର୍ମୀ, ୩ ଜଣ ସ୍ୱେଚ୍ଛାସେବୀଙ୍କ ସମେତ ସିଏଚଓ ସ୍ମିତା କବିତା ଲଗୁନ, ମହିଳା ସ୍ୱାସ୍ଥ୍ୟ କର୍ମୀ ପିରବତୀ ମାଝୀ ଘରକୁ ଘର, ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ଯାଇ ନିଜ ସମ୍ମୁଖରେ ଔଷଧ ସେବନ କରାଇବେ। କାର୍ଯ୍ୟକ୍ରମ ଅଗଷ୍ଟ ୧୦ ରୁ ୧୯ ତାରିଖ ଯାଏଁ ଚାଲିବ ବୋଲି ଜଣାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ରଞ୍ଜିତ ବେହେରା, ଅଞ୍ଜୁଲତା ଦାଶ, ବିଏଏମ୍ ବାଲଗୋପାଳ ପଣ୍ଡା, କୁନା ମେ୍ହେର ପ୍ରମୁଖ ଉପସ୍ଥିତ ଥିଲେ।





### ଦ୍ୱାରି ଉଚ୍ଚପ୍ରାଥମିକ ବିଦ୍ୟାଳୟ

ଅମ୍ବାଭୋନା: ସୋମବାର ଅମ୍ବାଭୋନା ବ୍ଲକ୍ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଶିଷ୍ଠ ସାହୁଙ୍କ ଅଧ୍ୟକ୍ଷତାରେ ଓ ସହକାରୀ ଶିକ୍ଷକ ସ୍ୱାଧୀନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫାଇଲେରିଆ ନିରାକରଣ ଅଭିଯାନ ପାଇଁ ସଭା ଅନୁଷ୍ଠିତ ହୋଇଛି। ସହକାରୀ ଶିକ୍ଷକ କ୍ଷିରୋଦ୍ର ତନସନା ସଭାର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ।

ଶିକ୍ଷକ ସ୍ୱାଧୀନ ସାହୁ ଓ ଭୁକ୍ତା କମ୍ୟୁନିଟି ସ୍ୱାସ୍ଥ୍ୟକର୍ମୀ ପୁଷ୍ପା ଓରାମ୍ ଫାଇଲେରିଆ ରୋଗ ଓ ଏହାର ନିରାକରଣ ପାଇଁ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ। ଆଶାକର୍ମୀ ଉର୍ମିଳା ମହାକୁଡ଼, ରୁକ୍ମିଣୀ ପ୍ରଧାନ, ଅଙ୍ଗନବାଡ଼ି କର୍ମୀ ପ୍ରକୃତିରାଣୀ ପ୍ରଧାନ, ଲୟ ଭୋଇ, ପ୍ରତିମା ଧାରୁଆ, ରିଙ୍କି ସାହୁ, ଲିପି ମହାଖୁଡ଼ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଇଭର୍ମେକଟିନ, ଡ଼ିଇସି, ଆଲ୍‌ବେନ୍‌ଡ଼ାଜୋଲ ବଟିକା ସମସ୍ତ ଛାତ୍ରଛାତ୍ରୀଙ୍କୁ ଖୁଆଇଥିଲେ। ବିଦ୍ୟାଳୟର ସୁରେଶ୍ୱରୀ ସେଠ୍, ନମିତା ବଡ଼େଇ, ପଲ୍ଲବୀ ବଡ଼େଇ, ନିବେଦିତା ବିଶ୍ୱାଳ, ସରୋଜ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଇକମାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ପାଇକମାଲ: ପାଇକମାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଇଲେରିଆ ନିରାକରଣ ସକାଶେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶୁଭ୍ର ପ୍ରକାଶ ସେନାପତିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଅଛି। କାର୍ଯ୍ୟକ୍ରମରେ ପାଇକମାଲ ସ୍ୱାସ୍ଥ୍ୟ ଅଧିକାରୀ ଡ.ଅଭିଳାଷ ମହାନ୍ତି, ଭିବିଡିଟିଏସ ସାନୋଜ ଦାସ, ସ୍ୱାସ୍ଥ୍ୟ ପରିଦର୍ଶକ ତୁଷ ଚନ୍ଦ୍ରକର, ଫାର୍ମାସି ଅଫିସର ଚିତ୍ତରଞ୍ଜନ ଦାଶ, ସ୍ୱାସ୍ଥ୍ୟ ପରିଦର୍ଶକ ଜାହ୍ନବୀ କିସାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁରୁଚି ରାଜହଂସ, ପ୍ରେମଚାନ୍ଦ ନାୟକ, ଦଳିତା ତନ୍ତୀ, ସ୍ୱାସ୍ଥ୍ୟ କର୍ମୀ ଚନ୍ଦ୍ରିକା ଛୁରା, ସୁଚରିତା ଆଚାର୍ଯ୍ୟ, ଲିଲି ଦୀପ, ମାରୱାଡି ଯୁବ ମଞ୍ଚର ସଭାପତି ରୋହିତ ଅଗ୍ରୱାଲ, ସଦସ୍ୟ ନିତେଶ ଅଗ୍ରୱାଲ ତଥା ଜନସାଧାରଣ ଔଷଧ ସେବନ କରିଥିଲେ। କାର୍ଯ୍ୟକ୍ରମ ରବିବାର ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଶାକର୍ମୀ, ଅଙ୍ଗନବାଡି କର୍ମୀ ତଥା ସ୍ୱେଚ୍ଛାସେବୀମାନେ ଘର ଘରକୁ ଯାଇ ସମସ୍ତ ଜନସାଧାରଣଙ୍କୁ ଔଷଧ ସେବନ କରାଇବେ ବୋଲି ଡ.ସେନାପତି କହିଛନ୍ତି। ସମସ୍ତେ ଔଷଧ ସେବନ କରି ଅଞ୍ଚଳକୁ ଫାଇଲେରିଆ ମୁକ୍ତ କରିବାକୁ ଜନସାଧାରଣଙ୍କୁ ଡା ସେନାପତି ଅନୁରୋଧ କରିଛନ୍ତି।

### କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ

ବରଗଡ଼: ବରଗଡ଼ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ବରଗଡ଼ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଅଡ଼ିଟୋରିୟମ୍‌ଠାରେ ଫାଇଲେରିଆ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ହୋଇଯାଇଛି। ଡ.ଶ୍ରୀକ୍ରିଷ୍ଣା ବଲ୍ଲଭ ମହାନ୍ତି ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଦାଶରୀ ମୂରଲୀ କ୍ରୀଷ୍ଣା ବିଦ୍ୟାଳୟର ୩୬୦୦ ଛାତ୍ରଛାତ୍ରୀ ଫାଇଲେରିଆ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ ହେବା କଥା କହିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ସିଡିଏମ୍‌ଓ ଡ.କୁବେର ଚନ୍ଦ୍ର ମହନ୍ତ ଓ ଏଡିଇଓ ସରୋଜ ଭୋଇ ଯୋଗ ଦେଇଥିଲେ। ଶେଷରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ, ପ୍ରଦୀପ ସାହୁ, ଡ.ମନୋଜ ତ୍ରୀପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅମଲା ସଂଘର ଆନ୍ଦୋଳନ, କାମ ଅଚଳ

ଜମନକିରା,୧୧।୮ (ସମିସ):



ଓଡିଶା ରାଜସ୍ୱ ଅମଲା ସଂଘର ନିଷ୍ପତି ଅନୁସାରେ ତହସିଲସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କର ଅହେତୁକ ବିଳମ୍ବ ହେତୁ ସଂଘ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଡାକରା ଦେଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଜମନକିରା ତହସିଲ ଅମଲା ସଂଘ ସମ୍ବଲପୁର ଜିଲ୍ଲା ଶାଖାର ଉପସଭାପତି ଅଜୟ ସାହୁଙ୍କ ନେତୃତ୍ୱରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ପ୍ରକାଶଥାଉକି, କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାଇ ଲେବେଲ-୯ କୁ ବୃଦ୍ଧି କରାଯାଉ। ଏହି ଦାବି ନେଇ ଅନିର୍ଦ୍ଦିଷ୍ଟଦିନ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ବସିଛନ୍ତି। ରାଜ୍ୟରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ତଥା ତହସିଲସ୍ତରରେ ଅମଲାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।ଆନ୍ଦୋଳନରେ ପ୍ରେମୀ ଧନୱାର, ମୌନବ୍ରତ ସାହୁ,ପ୍ରକାଶ ମିର୍ଦ୍ଧା, ତରୁଣକାନ୍ତ ପଧାନ, ସରୋଜ ଷଣ୍ଢ, ନିଶିଥ ସାହୁ, ଦିପକ ମିର୍ଦ୍ଧା ଓ ଆଲୋକ ପ୍ରଧାନ ସାମିଲ ଥିଲେ। ତହସିଲ କାର୍ଯ୍ୟାଳୟରେ କିରାଣୀ ମାନଙ୍କ ଆନ୍ଦୋଳନ ଯୋଗୁଁ ସମସ୍ତ କାର୍ଯ୍ୟ ଠପ ହୋଇଯାଇଥିଲା। ବିଭିନ୍ନ ରାଜସ୍ୱ କାମ ପାଇଁ ଆସିଥିବା ଲୋକମାନେ ନିରାଶ ହୋଇ ଫେରିଥିଲେ।

**କୁଚିଣ୍ଡା:** କୁଚିଣ୍ଡା ଅମଲା ସଂଘର ସଦସ୍ୟମାନେ ସୋମବାର ଠାରୁ ସମୂହ ଛୁଟିରେ ରହି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ କରିଛନ୍ତି। ଦାବି ପୂରଣ ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜିଲ୍ଲାସ୍ତରୀୟ କନିଷ୍ଠ ସହାୟକଙ୍କ ବେତନ ଲେବଲ ୦୪ରୁ ଲେବେଲ ୦୯କୁ ବୃଦ୍ଧି ଦାବିରେ ସମ୍ବଲପୁର ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚର ଆହ୍ୱାନକ୍ରମେ ଜିଲ୍ଲାର ଅମଲାମାନେ ଗତ ଜୁଲାଇ ମାସ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରି ଅଫିସ କାମ କରି ଆସୁଥିଲେ। ମାତ୍ର ସରକାର ଦାବି ପୂରଣ ପାଇଁ କୌଣସି ପଦକ୍ଷେପ ନ ନେବାରୁ ସୋମବାର ଠାରୁ ଅମଲାମାନେ ସମଗ୍ର ଜିଲ୍ଲାରେ ସମୂହ ଛୁଟି ନେଇ କାର୍ଯ୍ୟବନ୍ଦ କରିଛନ୍ତି।ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ଅମଲା ସଂଘର ସଦସ୍ୟମାନେ ମଧ୍ୟ ସୋମବାର ଠାରୁ ସମୂହ ଛୁଟି ନେଇଛନ୍ତି।ଏହା ସହିତ ସେମାନେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସଂଘର ସଭାପତି ନିହାର ରଞ୍ଜନ କୁମୁରା,ସମ୍ପାଦକ ଅଜୟ କୁମାର ସାହୁ,ଆବାହକ ସୁଜିତ ବୁଡ଼ା, ପରାମର୍ଶଦାତା ତରୁଣ ପ୍ରସାଦ ବିଶ୍ୱାଳଙ୍କ ନେତୃତ୍ୱରେ ଧାରଣା ଚାଲିଥିଲା।

## ଗୋଛରା ନଦୀରୁ ମୃତଦେହ ଉଦ୍ଧାର

କୁଚିଣ୍ଡା,୧୧।୮ (ସମିସ):ମହୁଲାପାଲି ଥାନା ଅଧିନସ୍ଥ ଗୋଛରା ଗ୍ରାମର ଜନକଡ଼ିହିପଡାର ବାନ୍ଦନା ମୁଣ୍ଡା ଓ ସୁଲେମାନ ମୁଣ୍ଡା ନଦୀରେ ଗାଧୋଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ବାନ୍ଦନା ମୁଣ୍ଡା ଭାସିଯାଇ ନିଖୋଜ ଥିଲେ। ଗତ ରବିବାର କୁଚିଣ୍ଡା ଦମକଳବାହିନୀ ସହିତ ପଡାବାସୀ ବହୁତ ଖୋଜା ଖୋଜି କରିବାରେ ରାତି ହୋଇଯାଇଥିଲ। ଆଉ ଖୋଜିବା ସମ୍ଭବ ହୋଇନଥିବାରୁ ଦମକଳବାହିନୀ ନିରାଶ ହୋଇ ଫେରିଥିଲେ। ସୋମବାର ସକାଳେ ଗୋଛରା ବ୍ରିଜ ଠାରୁ ୩/୪ ଶହ ମିଟର ନଦୀ ଗର୍ଭରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ଦମକଳ ବାହିନୀ ଓ ମହୁଲପାଲି ପୁଲିସ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ମହୁଲପାଲି ଥାନାରେ ମାମଲା ରୁଜୁ କରାଯାଇଥିବା ପୁଲିସ ପକ୍ଷରୁ ପ୍ରକାଶ।

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ରେଢ଼ାଖୋଲ,୧୧।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବୌଦ୍ଧ ୧୫୩(ବି) ନଂ ଜାତୀୟ ରାଜପଥ ରାସ୍ତାର କଦଳିଗଡ ପଞ୍ଚାୟତ ବିଶିପାଲି ଛକ ନିକଟରେ ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ଜଣଙ୍କ ବିଶିପାଲି ଛକରେ ଏକ ମାଂସ ଦୋକାନୀ କରିଥିବା ମହମ୍ମଦ ୱାରିସ ଖୁରେସି(୨୮) ।ମୃତକ ଯୁବକଙ୍କ ପୈତୃକଗ୍ରାମ ଅନୁଗୁଳ ଜିଲ୍ଲା ମରାଡିରା ଗ୍ରାମ ବୋଲି ଜଣାପଡିଥିଲା। ସୂଚନା ଯୋଗ୍ୟ ଯେ ଉକ୍ତ ମୃତକ ଜଣଙ୍କ ବିଶିପାଲି ଗ୍ରାମରେ ଭଡା ଘରେ ରହି ଛକରେ ଦୋକାନ କରି ମାଂସ ବ୍ୟବସାୟ କରୁଥିଲେ। ଗତ ରାତିରେ ସେ ବିଶିପାଲି ଛକର ରାସ୍ତାକଡରେ ଛିଡା ହୋଇଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏନଏଚ୍ଆଇ ଆମ୍ବୁଲାନ୍ସରେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ବୌଦ୍ଧ ଜିଲ୍ଲା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ।ରେଢ଼ାଖୋଲ ପୁଲିସ ଘଟଣାର ତଦନ୍ତ କରୁଛି।

## ପୁରୁଣାପାଣି ଛାତ୍ରାବାସରେ ଅବ୍ୟବସ୍ଥା

କୁଚିଣ୍ଡା,୧୧।୮ (ସମିସ):ପୁରୁଣାପାଣି ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରାବାସରେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ ସୋହେଲା ଛାତ୍ରଙ୍କୁ ନାନା ପ୍ରକାର ଶାରୀରିକ ମାନସିକ ବାରମ୍ବାର ନିର୍ଯାତନା ଦେଉଥିବା ସହ ଟିସି ଦେଇ ଦେବା ଏବଂ ଅତିନିମ୍ନମାନର ଅଳ୍ପ ଖାଦ୍ୟ ଦିଆଯିବା ସହିତ ବହୁ ସମୟରେ ରାତିରେ ଛାତ୍ରମାନେ ଖାଲି ପେଟରେ ଚୁଡା ଖାଇ ଜୀବନ

**ପ୍ରଧାନଶିକ୍ଷୟିତ୍ରୀଙ୍କୁ ନିଲମ୍ବନ**

ବିତାଉଥିବା ଛାତ୍ରମାନେ ଅଭିଯୋଗ ପ୍ରକାଶ ପାଇବା ପରେ ସୋମବାର ଗୋଷ୍ଠୀ ଶିକ୍ଷାଧିକାରୀ ଗୀତ ପ୍ରଧାନ ଓ ଏଡିଡବ୍ଲୁ ସ୍କୁଲ ପରିଦର୍ଶନ ସାର ଫେରି କୁଡାପଡା ଉଚ୍ଚ ବିଦ୍ୟାଳୟରେ ପୁରୁଣାପାଣି ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ ସୋହେଲାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁରୁଣାପାଣି ବିଦ୍ୟାଳୟ ସହ ଛାତ୍ରାବାସରୁ ବାହାର କରିବା ସହ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ପ୍ରଧାନଶିକ୍ଷକ ଦାୟିତ୍ୱରେ ଶିକ୍ଷକ ଲକ୍ଷ୍ମୀ ନାରାୟଣ ନାଏକଙ୍କୁ ତାଙ୍କ ସ୍ଥାନରେ ନିୟୋଜିତ କରିଛନ୍ତି।ଜିଲ୍ଲା ପରିଷଦ ଜୋନ୧ର ସଭ୍ୟ ଅଜିତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ପ୍ରଚେଷ୍ଟାରେ ପ୍ରଶାସନ ନିଲମ୍ବନ କରିଥିଲେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

କୁଚିଣ୍ଡା,୧୧।୮ (ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀକକ୍ଷରେ ସୋମବାର କୁଚିଣ୍ଡା ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅଧକ୍ଷତା କରି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। କୁଚିଣ୍ଡା ବ୍ଲକ୍‌ର ୧୭ ପଞ୍ଚାୟତରୁ ଆସିଥିବା ୮୦ଟି ଅଭିଯୋଗର ଶୁଣାଣି କରିଥିଲେ। ବ୍ୟକ୍ତିଗତ ୭୦ଟି ଅଭିଯୋଗ ଏବଂ ଗୋଷ୍ଠିଗତ ୧୦ ଟି ଅଭିଯୋଗ ଉପରେ ଶୁଣାଣି କରି ଫଇସଲା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଶିବିରରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଧର , ଏସପି ମୁକେଶ କୁମାର ଭାମୁ, କୁଚିଣ୍ଡା ଉପଜିଲ୍ଲାପାଳ ସରୱନନ୍ ସ ,ଆଇଏଏସ ପ୍ରୋବେସନର ଶୁଭ୍ରା ପଣ୍ଡା ,ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ,ତହସିଲଦାର ମିତାଲି ମଧୁସ୍ମିତା ଦଲେଇ,ବିଡିଓ ଜୟନ୍ତ ସାହୁଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



## ସାପ କାମୁଡାରେ ଛାତ୍ରୀ ଗୁରୁତର

ରେଢ଼ାଖୋଲ,୧୧।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ବ୍ଲକ୍ କିସିଣ୍ଡା ପଞ୍ଚାୟତର ମାଛୁଡ଼ିହ ଗ୍ରାମରେ ଜଣେ ଦଶମ ଶ୍ରେଣୀର ଛାତ୍ରୀ ରାତିରେ ଶୋଇଥିବା ସମୟରେ ବିଷାକ୍ତ ଚିତି ସାପ କାମୁଡାରେ ଗୁରୁତର ଆହତ ହୋଇଛନ୍ତି। ଛାତ୍ରୀ ଜଣଙ୍କ ସଂଜୀବ ମାଝୀଙ୍କ ବଡ଼ ଝିଅ ପୂଜା ମାଝି। ସୂଚନା ଯୋଗ୍ୟ ଯେ ଉକ୍ତ ଛାତ୍ରୀ ପୂଜା ରାତିରେ ଖାଇସାରି ଶୋଇଥିବା ସମୟରେ ବିଷାକ୍ତ ଚିତି ସାପ ବେକକୁ କାମୁଡି ଦେଇଥିଲା। ଛାତ୍ରୀ ଜଣଙ୍କ ପିମ୍ପୁଡ଼ି ଭାବି ବେକକୁ କୁଣ୍ଡାଇ ପୁଣି ଶୋଇ ପଡ଼ିଥିଲେ। କିନ୍ତୁ ଉକ୍ତ ସାପ ତକିଆ ତଳେ ଥାଇ କିଛି ସମୟ ପରେ ପୁଣି ଛାତ୍ରୀଙ୍କ ହାତ ଆଙ୍ଗୁଠିକୁ କାମୁଡି ଥିଲା। ହଠାତ୍ ପୂଜା ନିଦରୁ ଉଠି ସାପ ତକିଆରେ ଥିବା ଦେଖି ପରିବାର ଲୋକଙ୍କୁ ପାଟି କରି ଉଠାଇଥିଲେ। ପରିବାର ଲୋକେ ଉକ୍ତ ଚିତି ସାପକୁ ଏକ ଗଞ୍ଜରେ ଘୋଡେଇ ରଖିଥିଲେ। ପ୍ରଥମେ ପରିବାର ଲୋକେ ଗୁଣିଆଁ ପାଖକୁ ଝଡ଼ାଫୁଙ୍କା ପାଇଁ ନେଇ ଯାଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡ଼ାକ୍ତରଖାନାକୁ ନେଇ ଚିକିତ୍ସା କରାଯାଇଛି। ଛାତ୍ରୀ ଜଣଙ୍କ ଏବେ ଆଇସିୟୁରେ ମୃତ୍ୟୁ ସହିତ ସଂଘର୍ଷ କରୁଛନ୍ତି। ଛାତ୍ରୀ ଜଣଙ୍କ କିସିଣ୍ଡା ହାଇସ୍କୁଲରେ ପଢୁଛନ୍ତି।

## ଗାଇସିଲେଟ ଆତ୍ମଦାହ ଘଟଣାର ଶୀଘ୍ର ସତ୍ୟ ଉନ୍ମୋଚନ ଦାବି

ସମ୍ବଲପୁର, ୧୧।୮ (ସମିସ) : ବରଗଡ଼ ଜିଲ୍ଲା ଗାଇସିଲେଟର ଜଣେ ନାବାଳିକା (୧୩) ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ବୁର୍ଲା ମେଡ଼ିକାଲରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଦିବଂଗତ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଏବଂ ଶୋକାକୁଳ ପିତାମାତାଙ୍କ ପ୍ରତି ସମ୍ବଲପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସମବେଦନା ଜଣାଯାଇଛି। ଏହାସହ ଆତ୍ମଦାହ ଘଟଣାର ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସୁ। ସରକାର ଓ ପୁଲିସ ତୁରନ୍ତ ଏହା କରନ୍ତୁ ବୋଲି ଜିଲ୍ଲା କଂଗ୍ରେସ ଦାବି ଜଣାଇଛି। ଏହା ଗୋଟିଏ ମାସ ମଧ୍ୟରେ ଚତୁର୍ଥ ଘଟଣା। ତଥାପି ବିଜେପି ସରକାର ଏବଂ ଓଡ଼ିଶା ପୋଲିସର ତତ୍ପରତା ପ୍ରକାଶ ପାଉନାହିଁ। ନାରୀ ନିର୍ଯାତନା, ନାରୀ ଅତ୍ୟାଚାର, ନାରୀ,ନାବାଳିକା ଆତ୍ମହତ୍ୟା ଦିନକୁ ଦିନକୁ ବଢ଼ିଚାଲିଛି। ନାରୀଙ୍କୁ ସୁରକ୍ଷା ଓ ନ୍ୟାୟ ଦେବାରେ ଓଡ଼ିଶା ବିଜେପି ସରକାର ପୁରା ବିଫଳ। ଅପାରଗ ବିଜେପି ସରକାର ତୁରନ୍ତ ଗାଦି ଛାଡ଼ନ୍ତୁ ବୋଲି ସେ କହିଛନ୍ତି।ବୁର୍ଲା ଡାକ୍ତରଖାନାରେ ଓ ଶବ ବ୍ୟବଚ୍ଛେଦ ଗୃହରେ ଆତ୍ମହତ୍ୟା କରିଥିବା ନାବାଳିକାର ମା' ଓ ତାଙ୍କ ପରିବାରବର୍ଗ ପ୍ରତି ପୋଲିସ ଯେଉଁ ବ୍ୟବହାର କଲା ତାହା ଅତ୍ୟନ୍ତ ନିନ୍ଦନୀୟ। ମା'କୁ ବି ପୁଲିସ କର୍ଡନରେ ରଖି ଝିଅ ପାଖକୁ ଯିବାକୁ ଦିଆଯାଇନଥିଲା। ଏଭଳି ଏକ ସମ୍ବେଦନଶୀଳ ଓ ଦୁଃଖଦ ଘଟଣାରେ ପୁଲିସ ଅତି ଅଭଦ୍ରରୂପେ ବ୍ୟବହାର କରୁଥିଲା।ପ୍ରବଳ ବିରୋଧ ପରେ ପୁଲିସ ମା'ଙ୍କୁ ମୃତ ଶରୀର ପାଖକୁ ଛାଡ଼ିଥିଲେ। ଶବ ବ୍ୟବଚ୍ଛେଦ ପରେ କଂଗ୍ରେସ ପକ୍ଷରୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଂଯୋଜକ ଦୁର୍ଗା ପାଢ଼ୀ, ଗୋବିନ୍ଦ ମିଶ୍ର, ଶିବ ପ୍ରଧାନ, ଦିଲୀପ ଦୁରିଆ, ରବି ରାଉତ, ଜିତେନ ମହାନନ୍ଦ, ବିନୋଦିନୀ ଦୀପ, ବିଜୟଲକ୍ଷ୍ମୀ ବେହେରା, କବିତା ପଟ୍ଟନାୟକ, ଗିରିଜା ନାୟକ, ଲକ୍ଷ୍ମୀ ପ୍ରଧାନ, ବିରଞ୍ଚି ମହାପାତ୍ର, ଦଶରଥ ଦାସ, ତାପସ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର






ଜମନକିରା,୧୧।୮ (ସମିସ):

ପ୍ରାଥମିକ ଶିକ୍ଷକ ସଂଘ ଜମନକିରାଙ୍କ ତରଫରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ରାଜ୍ୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ୟୁଏସ୍ ସହିତ ଅନ୍ୟାନ୍ୟ ଅସୁବିଧା ଗୁଡିକର ଆସୁ ସମାଧାନ ନିମନ୍ତେ ଦାବିପତ୍ର ଦିଆଯାଇଛି। ସମସ୍ୟା ଗୁଡିକ ହେଲା ଠିକା ଅବଧିକୁ ମୂଳ ଚାକିରିରେ ଗଣନା ସହିତ ଇନ୍‌କ୍ରିମେଣ୍ଟ ପ୍ରଦାନ, ମୂଳବେତନକୁ( ଲେବଲ-୯)କୁ ଉନ୍ନତି, ପ୍ରାଥମିକ ଶିକ୍ଷକ ପାଇଁ ପୋଷାକ ବ୍ୟବସ୍ଥା, ବାଳବାଟିକାରେ ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟମାନଙ୍କରେ (ୟୁଏସ୍) ସମ୍ପର୍କିତ ଭିତ୍ତିଭୂମି ଆଦି ଦାବି ପତ୍ର ଦେବା ସମୟରେ ଶ୍ରୀକାନ୍ତ ପଟେଲ, କାର୍ତିକ କିସାନ ,ରାମଚନ୍ଦ୍ର ସିଂ, ପ୍ରଶାନ୍ତ ପଣ୍ଡା, ପ୍ରଶାନ୍ତ ନାଥ, ନରହରି ବେହେରା, ଅନନ୍ତ ଚୌଧୁରୀ, ମନୋରମା ମାଝୀ, ପ୍ରତାପ ମହାପାତ୍ର, ସୁଦୀପ୍ତ ପଟେଲ,ଦେବାନନ୍ଦ ନାୟକ,ସରୋଜ କୁମାର ନାଥ, ଭରତ ଚନ୍ଦ୍ର ନାଥ, ସନ୍ତୋଷିନୀ ପଟେଲ, ସୁଧାଂଶୁ ନାୟକ,ସୁନୀଲ ପଟେଲ,ସୁଜିତ ସାହୁ, ସସ୍ମିତା ନାୟକ, ରଞ୍ଜିତା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

**କୁଚିଣ୍ଡା:**ରାଜ୍ୟର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୟୁଏସ୍ ପ୍ରଚଳନରେ ଥିବା ସମସ୍ୟା ଓ ଅନ୍ୟାନ୍ୟ ଅସୁବିଧାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଅନୁରୋଧ କରାଯାଇଛି। ଶିକ୍ଷକମାନଙ୍କ ମୂଳ ସମସ୍ୟା ଯଥା-ଠିକା ଅବଧିକୁ ମୂଳ ଚାକିରିରେ ଗଣନା କରି ଇନ୍‌କ୍ରିମେଣ୍ଟ ପ୍ରଦାନ, ମୂଳବେତନକୁ ଲେଭେଲ-୯କୁ ଉନ୍ନତି, ଶିକ୍ଷକ ପୋଷାକ ବ୍ୟବସ୍ଥା, ବାଳବାଟିକାରେ ଶିକ୍ଷକ ନିଯୁକ୍ତି ଏବଂ ପଦୋନ୍ନତି ନହେବା ଭଳି ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଛି। ୟୁଏସ୍ ସମ୍ବନ୍ଧୀୟ ଭିତ୍ତିଭୂମି, ଆବଶ୍ୟକୀୟ କର୍ମଚାରୀ, ମୋବାଇଲ ଓ ମୋବାଇଲ ଡାଟା ଦେୟର ବ୍ୟବସ୍ଥା ନଥିବା ଉଲ୍ଲେଖ କରାଯାଇଛି।ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ଅଭାବ ସତ୍ତ୍ୱେ ଶିକ୍ଷକମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଆଦି ୩ ଦଫା ଦାବି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବିଇଓ ଗୀତ ପ୍ରଧାନଙ୍କ ଜରିଆରେ ସଂଘର ସଭାପତି ପ୍ରଶାନ୍ତ କୁମାର ଦାସ ଏବଂ ସମ୍ପାଦକ ଅରୁଣ କୁମାର ନାଏକଙ୍କ ନେତୃତ୍ୱରେ ଦାବିପତ୍ର ପ୍ରେରଣ କରିଥିଲେ। ଶିକ୍ଷକ ରମେଶ ପଟେଲ,ପୂର୍ଣ୍ଣଚନ୍ଦ୍ର କିସାନ ,ବିରଞ୍ଚି ପ୍ରଧାନ ,ରେଣୁକା ଶର୍ମା,କଲ୍ୟାଣୀ ପଟେଲ ପ୍ରମୁଖଙ୍କ ସହିତ ଶତାଧିକ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

**ରେଢ଼ାଖୋଲ:**ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସୋମବାର ଦିନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୟୁଏସ୍ ପ୍ରଚଳନର ସମସ୍ୟା ସହିତ ଅନ୍ୟ ଅସୁବିଧା ବିଷୟରେ ସମାଧାନ ସମ୍ପର୍କରେ ରେଢ଼ାଖୋଲ ଗୋଷ୍ଠୀଶିକ୍ଷା ଅଧିକାରୀ ରଞ୍ଜିତ ଭୋଇଙ୍କ ଜରିଆରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରିଛନ୍ତି ଯେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଶିକ୍ଷୟିତ୍ରୀଙ୍କ ବିଭିନ୍ନ ସମସ୍ୟା ଘେରରେ ରହିଛନ୍ତି ଯଥା ଠିକା ଅବଧିକୁ ମୂଳ ଚାକିରିରେ ଗଣନା ସହିତ ଇନ୍‌କ୍ରିମେଣ୍ଟ ପ୍ରଦାନ, ମୂଳ ବେତନକୁ ଲେଭେଲ ୯ରେ ଉନ୍ନତି, ପ୍ରାଥମିକ ଶିକ୍ଷକଙ୍କ ପାଇଁ ଶିକ୍ଷକ ପୋଷାକ ବ୍ୟବସ୍ଥା, ବାଳବାଟିକା ରେ ଶିକ୍ଷକ ନିଯୁକ୍ତି, ଶିକ୍ଷକଙ୍କ ପଦୋନ୍ନତି, ବିଦ୍ୟାଳୟମାନଙ୍କରେ ୟୁଏସ୍ ସମ୍ପର୍କିତ ଭିତ୍ତିଭୂମି, ଆବଶ୍ୟକୀୟ କର୍ମଚାରୀ, ଏହି କାର୍ଯ୍ୟ ସମ୍ପାଦନ ପାଇଁ ମୋବାଇଲ ଓ ଡାଟା ଦେୟର କୌଣସି ବ୍ୟବସ୍ଥା ନାହିଁ। ବିଦ୍ୟାଳୟ ଗୁଡିକରେ ସ୍ଥାୟୀ ପ୍ରଧାନଶିକ୍ଷକ ଅଭାବ, ସହକାରୀ ଶିକ୍ଷକଙ୍କ ଅଭାବ ସତ୍ତ୍ୱେ ଶିକ୍ଷକଙ୍କୁ ଅନେକ ଗୁଡ଼ିଏ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏଥି ସହିତ ଅନ୍ୟ ସମସ୍ୟା ଗୁଡ଼ିକୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।ଜ୍ୟୋସ୍ନାମୟୀ ରାଉଳ, ଯୁଧିଷ୍ଠିର ବେହେରା,ଖଗେଶ୍ୱର ପ୍ରଧାନ, ସୁଜିତ୍ ଭୋଇ, ଅନିଲ ମେହେର, ଅନିତା ପ୍ରଧାନ, ପଦ୍ମିନୀ ସାହୁ,ଦିନେଶ ବେହେରା,ସୁଶିଳ ମିର୍ଦ୍ଧା ପ୍ରମୁଖ ସମେତ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମିଲ ଥିଲେ।




## ନାଗରିକ ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି

ବରଗଡ଼,୧୧।୮ (ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ହେବାକୁ ନେଇ ବିଭିନ୍ନ ପ୍ରକାରର ପ୍ରସ୍ତୁତି ଚାଲିଛି। ତେବେ ଏହାର ଆଉ ଗୋଟିଏ ମୁଖ୍ୟ ଆକର୍ଷଣ ହେଉଛି ନୂଆଁଖାଇ ଭେଟଘାଟ। ତେଣୁ ବରଗଡ଼ ନାଗରିକ ମଞ୍ଚ ତରଫରୁ ଜିଲ୍ଲାସ୍ତରୀୟ ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅଗଷ୍ଟ ୩୧ ତାରିଖ ଏହି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ଠାରେ ସଭାପତି ଭୀଷ୍ମଦେବ ସରାଫଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକରେ ନୂଆଁଖାଇ ଭେଟଘାଟକୁ ସୁନ୍ଦର ଭାବେ ଆୟୋଜନ କରିବା ଓ ସାଂସ୍କୃତିକ ଦଳ ଗୁଡିକ ନିମନ୍ତ୍ରଣ କରିବାକୁ ନିଷ୍ପତ୍ତି କରାଯାଇଛି। ନାଗରିକ ମଞ୍ଚର ସମ୍ପାଦକ ଭବାନୀ ସାହୁ ବୈଠକର ସଂଯୋଜନା କରିଥିଲେ। ଉପଦେଷ୍ଟା ଆଇନଜୀବୀ ଶିରୀଶ ବଲ୍ଲଭ ମିଶ୍ର, ନିଧିଭୁବନ ପଣ୍ଡା, ରମେଶ ପତି, ସାମ୍ବାଦିକ ବାଲାଜୀ ତାରାସିଆ, ଅବସର ପ୍ରାପ୍ତ ଇଞ୍ଜିନିୟର ପୃଥ୍ୱୀରାଜ ଭୋଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଚ୍ଚି ପଣ୍ଡା, ଟିଙ୍କୁ ନନ୍ଦ, ନିଖିଳ ପାଣିଗ୍ରାହୀ, ଶିବାନନ୍ଦ ମଟାରୀ, ଗୋବିନ୍ଦ ଶର୍ମା, ସୁରଥ ସାହୁ, ସୁଦାମ ସାହୁ, ଲାଲା ଦୀପ, ଲତିଫ ଖାନ, ସତ୍ୟ ମେହେର, ଜୀବନ ଲାଲ ଚୌଧୁରୀ, ସୁଦାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ବରଗଡ଼,୧୧।୮ (ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ, ସହକାରୀ ପ୍ରଫେସର ସୁବଳ ମେହେର ଏବଂ ଅଜିତ ନାୟକ ସଭାରେ ଯୋଗ ଦେଇଥିଲେ। ସହକାରୀ ପ୍ରଫେସର ହୃଦାନନ୍ଦ ଭୁଏ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ସହିତ ପରିଚାଳନା କରିଥିଲେ। ଅଧ୍ୟାପକ ଅଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟ ସଂସ୍କୃତି ସମାରୋହର ଆଭାଷୀ ବୈଠକ

ବରଗଡ଼,୧୧।୮ (ସମିସ): ସାହିତ୍ୟ ସଂସ୍କୃତି ସମାରୋହ ଅନୁଷ୍ଠାନର ପ୍ରସ୍ତୁତି ବୈଠକ ଆଭାଷୀ ମାଧ୍ୟମରେ ସଭାପତି ଇଂ.ଗୌରଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସାହିତ୍ୟ ମହୋତ୍ସବର ଅଧ୍ୟକ୍ଷ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ.ଫନୀ ମହାନ୍ତିଙ୍କ ଦିଗଦର୍ଶନରେ ବୈଠକ ହୋଇଥିଲା। ସେପ୍ଟେମ୍ବର ମାସ ୧୩ ଓ ୧୪ ତାରିଖରେ ଅନୁଷ୍ଠାନର ପଞ୍ଚମ ବାର୍ଷିକ ଉତ୍ସବ ଓ ଚତୁର୍ଥ ଜାତୀୟ ସାହିତ୍ୟ ମହୋତ୍ସବ ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳୀ କୋଣାର୍କରେ ଅନୁଷ୍ଠିତ ହେବ। ଭାରତର ବିଭିନ୍ନ ପ୍ରଦେଶର ପ୍ରାୟ ୧୨ଟି ଆଞ୍ଚଳିକ ଭାଷାର ପ୍ରାୟ ୨୦ ଜଣ ବିଶିଷ୍ଟ କବି ଏହି ଉତ୍ସବର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅତିଥି ଭାବେ ଯୋଗଦାନ କରିବା ପାଇଁ ସମାଜର ମୁଦ୍ରାକର ଓ ପ୍ରକାଶକ ଡ.ପ୍ରଭାସ୍ ଆଚାର୍ଯ୍ୟ, କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଓ ସଂପାଦକ, କିଟ ଓ କିସର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ବୋଲି ସମ୍ପାଦକ ପ୍ରଣବ ଛୋଟରାୟ ଜଣାଇଥିଲେ। ମହୋତ୍ସବର ଉପାଧ୍ୟକ୍ଷ ଇଂ.ଯାମିନୀକାନ୍ତ ଦାସ, ଯୁଗ୍ମ ସଂପାଦକ ଭାରତୀ ଭୂଷଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଆଭାଷୀ ବୈଠକରେ ଉପସଭାପତି ମାଧୁରୀ ପଟ୍ଟନାୟକ, ପ୍ରଫେସର ମନୋରଞ୍ଜନ ଦାଶ, କବି ତୁଳସୀ ଚରଣ ଦାଶ, କବି ପାରମିତା ଷଡଙ୍ଗୀ, ସଂଘମିତ୍ରା ରାୟଗୁରୁ, ବିଦ୍ୟୁତ ଲତା ଭୂୟାଁ, ସରୋଜିନୀ ସାହୁ, ବିନୋଦିନୀ ପାତ୍ର, ଡ.ପ୍ରଭାତ ନଳିନୀ ମହାପାତ୍ର, ବୀଣାପାଣି ମିଶ୍ର, ନୀନାଦିନୀ ମହାନ୍ତି, ଲତିକା ମହାପାତ୍ର, ମିନତୀ ରଥ, ମମିତା ଷଡଙ୍ଗୀ, ଗୋମତୀ ପଣ୍ଡା, ଚନ୍ଦ୍ରକାନ୍ତି ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୋଷାଧ୍ୟକ୍ଷ ବଟକୃଷ୍ଣ ପଣ୍ଡା ଉପସ୍ଥିତ କବି କବୟିତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫିଡ ଓ ଇଣ୍ଡିଆନ୍ ମିଲିଟାରୀ ଏକାଡେମୀ ପକ୍ଷରୁ ଚାରାରୋପଣ

ବରଗଡ଼,୧୧।୮ (ସମିସ): ବରଗଡ଼ର ଦାତବ୍ୟ ଅନୁଷ୍ଠାନ ଫିଡ୍ ଏବଂ ବଗେଇବିରା ଇଣ୍ଡିଆନ ମିଲିଟାରୀ ଏକାଡେମୀର ମିଳିତ ଆନୁକୂଲ୍ୟରେ ବଗେଇବିରା ସ୍ଥିତ ବୁଦ୍ଧ ବିହାର ସ୍ଥିତ ଉଦ୍ୟାନ ପରିସରରେ ଚାରାରୋପଣ କରାଯାଇଛି। ବୁଦ୍ଧ ବିହାରର ଉଦ୍ୟାନ ପରିସରରେ ବର, ଅଶ୍ୱସ୍ଥ, କରଞ୍ଜ, ଶାଗୁଆନ, ଅଁଳା ଇତ୍ୟାଦି ଚାରାରୋପଣ କରାଯାଇ ଥିଲା। ବୁଦ୍ଧ ବିହାର ପରିସରରେ ଜଳ ଯୋଗାଣର ଅଭାବ ଥିବାରୁ ସ୍ଥାନୀୟ ପ୍ରଶାସନକୁ ଏ ବାବଦରେ ଅବଗତ କରାଇ ନଳକୂପ ଟିଏ ଖୋଳିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥିର କରାଗଲା। କାର୍ଯ୍ୟକ୍ରମରେ ଫିଡ୍ ଟ୍ରଷ୍ଟର ଚେୟାରମ୍ୟାନ୍ ଫଣିନ୍ଦ୍ର ତାଣ୍ଡିଙ୍କ ସହିତ ଫିଡ୍‌ର ସଦସ୍ୟ ପ୍ରଦୀପ ନାଗ, କ୍ଷିରେଶ୍ୱର୍ ତାଣ୍ଡି, ଲକ୍ଷ୍ମଣ ଛୁରିଆ, ବଗେଇବିରା ଇଣ୍ଡିଆନ ମିଲିଟାରୀ ଏକାଡେମୀର ସଭାପତି ପୁରନ୍ଦର ଭୋସାଗର, ଆଶିଷ ସୁନା, ହରେକୃଷ୍ଣ କର ଏବଂ ଦିଲେଶ୍ୱର ସିଂହ ଉପସ୍ଥିତ ଥିଲେ।

## ସୋଢ଼ାରେ ଚାରାରୋପଣ

ପାଇକମାଲ/ପଦ୍ମପୁର,୧୧।୮ (ସମିସ): ପାଇକମାଲ ବ୍ଲକ୍ ସୋଢ଼ା ଗାଁରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋଢ଼ା ଗାଁରୁ ପଲସଦା ଯିବା ରାସ୍ତାର ଉଭୟ ପାଖରେ ପ୍ରାୟ ୧୦୦ଟି ବିଭିନ୍ନ ପ୍ରଜାତିର ଗଛ ଲଗା ଯାଇଥିଲା। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବୋଡାସମ୍ବର ଅଞ୍ଚଳର ସମସ୍ତ ପ୍ରିଣ୍ଟ, ୱେବ୍, ଇଲୋକଟ୍ରୋନିକ ମିଡିଆ, ପ୍ରୋଗେସିଭ କ୍ରିକେଟ ଆସୋସିଏସନ୍, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ, ମାଁ ମଙ୍ଗଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଟେମରୀ ସରପଞ୍ଚ ଯୋଗ ଦେଇଥିଲେ। ସରପଞ୍ଚ ଦିଲ୍ଲୀପ ବେହେରା ଅଧ୍ୟକ୍ଷତା କରିଥିଲେ। ପଞ୍ଚାନନ ବିଶିଙ୍କ ସଭା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଇକମାଲ ବିଡିଓ ପ୍ରଫୁଲ୍ଲ ଉଦୁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ପାଇକମାଲ ଆଇଆଇସି କୈଳାସ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ ରତ୍ନମଣି ଶତପଥୀ, ସୁଦାମ ପ୍ରଧାନ, ବିଜୟ ସାହୁ, ସାମ୍ବାଦିକ ଧିରେନ ମହାନ୍ତି, କୃଷକ ନେତା ଲିଙ୍ଗରାଜ ପ୍ରଧାନ, ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ସିଂ ବରିହା, ଦୁର୍ଯୋଧନ ପୁଟା, ରାହାସ ବିହାରୀ ସାହୁ, ସୁରେଶ ପ୍ରଧାନ, ରଘୁବୀର ସିଂ ବରିହା, ଚନ୍ଦନ ବଂଶଲ, ସରପଞ୍ଚ ଅନିତା ଭୋଇ, ଆରଆଇ ମାଧୁରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କ୍ରିକେଟ ଆସୋସିଏସନ୍ ସଦସ୍ୟ ତଥା ସୋଢ଼ା ଗ୍ରାମବାସୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ସହଯୋଗ କରିଥିଲେ। ମାଁ ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ସୁବୋଦିନି ସାହୁ ଧନ୍ୟବାଦ ଦେଇଥିଲେ।

## ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

ଘେଁସ,୧୧।୮ (ସମିସ): ଘେଁସ ନିକଟସ୍ଥ ପେଟୁପାଲି ବରଗଛ ଛକ ଭାଗବତ ଗାଦି ଠାରେ, ପବିତ୍ର ଶ୍ରାବଣ ପୂର୍ଣ୍ଣିମା ତିଥିରେ ଶ୍ରୀ କୃଷ୍ଣ ଭାଗବତ ଟୁଙ୍ଗୀ ପକ୍ଷରୁ ପ୍ରବଚନ ଓ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପେଟୁପାଲି ନିବାସୀ ଠୁନୁ ଭୁଏ ସପତ୍ନୀକ କର୍ତ୍ତା ଦାଇତ୍ୱ ତୁଲାଇ ଥିଲେ। ପଣ୍ଡିତ ବାଚସ୍ପତି ତ୍ରିପାଠୀ, ଭଗବାନ ଦାସ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସଭାରେ ଗଜରାଜ ମେହେରଙ୍କ ସଭାପତିତ୍ୱ କରିଥଲେ। ଅନନ୍ତ ଖୁଟଲା ପ୍ରବଚିକା ବିନୋଦିନୀ ସାହୁ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜେପୁର ବ୍ଲକ୍ ଝାଲପାଲି ଗାଁର ରାଧାମାଧବ ମହିଳା ସଂକୀର୍ତ୍ତନ ମଣ୍ଡଳୀର ଗାୟିକା ଦ୍ରୌପଦୀ ଭୋଇ ଭାଗବତ ପାରାୟଣ ଓ ଭଜନ ପରିବେଷଣ କରିଥିଲେ। ଏ ଭାଗବତ ଟୁଙ୍ଗୀର ସଭାପତି କମଳାକାନ୍ତ ଜାଲ, ସଭ୍ୟ ମହେନ୍ଦ୍ର ନାଗ, ସାନ ଭୋଇ, ରକ୍ଷାକାରି ସାହୁ, ବଡ ଭୋଇ, ଅଭିମନ୍ୟୁ ପରଧିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ରହ୍ମକୁମାରୀ ପକ୍ଷରୁ ବରିଷ୍ଠଙ୍କୁ ରକ୍ଷା ବନ୍ଧନ

ବରଗଡ଼,୧୧।୮ (ସମିସ): ଖଜୁରଟିକ୍ରା ରାଧାରାଣୀ ବିହାରରେ ଥିବା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଦସ୍ୟମାନଙ୍କୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିକେ ଯଶୋଦା ଭଉଣୀ ୧୯୩୭ ରୁ ସ୍ଥାପିତ ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସମଗ୍ର ବିଶ୍ୱର ୧୪୭ଟି ଦେଶରେ ମାନବ ଜାତିକୁ ଆତ୍ମା ଓ ପରମାତ୍ମା ସମ୍ପର୍କରେ ଅହରହ ଜ୍ଞାନ ବିତରଣ କରି ଚାଲିଛି ବୋଲି କହିଥିଲେ। ଭଉଣୀ ମମତା, ଭଉଣୀ ଝିଲି ରକ୍ଷା ବନ୍ଧନ ଉପରେ ସୁନ୍ଦର ବ୍ୟାଖ୍ୟାନ କରିଥିଲେ। ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଂଗଠନ ସଂପାଦକ କେଦାର ମିଶ୍ର ଓ ବିଶିଷ୍ଟ ସିନେ ତାରକା ଡ.ତପସ୍ୱିନୀ ଗୁରୁ ମଞ୍ଚାସୀନ ଥିଲେ। ବ୍ରହ୍ମ ଡ.ବିମଳ ଭାଇ ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ନାଗରିକ ସଂଘ ସଂପାଦକ ଗୋବିନ୍ଦ ଦାଶ, ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ମୋହନ ଚାନ୍ଦ, ଆଡଭୋକେଟ ଶଙ୍କର୍ଷଣ ମିଶ୍ର, ବିନୋଦ ଦାଶ, ସାମ୍ବାଦିକ ତୁଳସୀ ଚରଣ ଦାଶ, ସମାଜସେବୀ ସତ୍ୟ ନାରାୟଣ ପଣ୍ଡା, ଦେବୀ ପଟ୍ଟନାୟକ, ବିମଳ ମିଶ୍ର, ମନୋରଞ୍ଜନ ବଡ଼ପଣ୍ଡା, ପ୍ରଫୁଲ୍ଲ ଦୋରା ଓ ଆହୁରି ଅନେକଙ୍କୁ ଯଶୋଦା ଭଉଣୀ ରାକ୍ଷୀ ବାନ୍ଧି ସମସ୍ତ ଅବଗୁଣ ଗୁଡ଼ିକୁ ପରମାତ୍ମାଙ୍କୁ ସମର୍ପଣ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଜ୍ୟୋସ୍ନା ଭଉଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ହାଇକମିସନକୁ ପାଣି, ଗ୍ୟାସ୍ ବନ୍ଦ କଲା ପାକିସ୍ତାନ

ଇସଲାମାବାଦ, ୧୧।୮(ଏଜେନ୍ସି): ଅପରେସନ ସିନ୍ଦୂର ଦ୍ୱାରା ଝଟ୍‌କା ଖାଇବା ପରେ ପାକିସ୍ତାନ ଏବେ ନିଜର ପରାଜୟକୁ ହଜମ କରିପାରୁନାହିଁ। ଫଳରେ ପାକିସ୍ତାନ ହୀନ କାର୍ଯ୍ୟ କରିବାକୁ ପଛାଉ ନାହିଁ। ଇସଲାମାବାଦ୍‌ସ୍ଥିତ ଭାରତୀୟ ହାଇକମିଶନରେ ନିୟୋଜିତ ଥିବା କର୍ମଚାରୀଙ୍କ ଉପରେ ପାକିସ୍ତାନ ରାଗ ସୁଝାଉଛି। ଭାରତୀୟ ଅଧିକାରୀ ଓ କର୍ମଚାରୀଙ୍କୁ ମୌଳିକ ସୁବିଧା ସୁଯୋଗ ଦେବାକୁ ପାକିସ୍ତାନ ବାରଣ କରିଛି ବୋଲି ଜଣାଯାଇଛି। ପାକିସ୍ତାନ ପାଣି, ଏଲ୍‌ପିଜି ଗ୍ୟାସ୍, ଓ ଖବର କାଗଜ ଦେବାକୁ ବାରଣ କରିଛି। ପାକିସ୍ତାନର ଏଭଳି କାର୍ଯ୍ୟ ଭିଏନା କନଭେସନର ଘୋର ଉଲ୍ଲଂଘନ କରୁଛି। ତେବେ ଏ ସଂକ୍ରାନ୍ତରେ ଭାରତ ଓ ପାକିସ୍ତାନ୍ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ସିନ୍ଧୁ ଜଳ ଚୁକ୍ତିରୁ ଭାରତ ଓହରିଯିବା ପରେ ପାକିସ୍ତାନ ଏହି ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି। ଭାରତୀୟ ହାଇକମିଶନରେ ସୁଇ ନର୍ଦ୍ଦନ ଗ୍ୟାସ ପାଇପଲାଇନ୍ ଲିମିଟେଡ (ଏସ୍‌ଏନଜିପିଏଲ୍) ପାଇପ୍ ଲାଇନ୍ ଗ୍ୟାସର ସପ୍ଲାଇ କରିଥାଏ। କିନ୍ତୁ ଏହାକୁ ଜାଣିଶୁଣି ବନ୍ଦ କରିଦିଆଯାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପୁଣି ସ୍ଥାନୀୟ ଏଲ୍‌ପିଜି ସିଲଣ୍ଡର ବିକ୍ରି କରୁଥିବା ଲୋକଙ୍କୁ ପାକିସ୍ତାନ ଅଧିକାରୀମାନେ ଧମକ ଦେଇ ଭାରତୀୟ ହାଇକମିଶନ ଅଧିକାରୀଙ୍କୁ ନ ଦେବାକୁ ଧମକ ଦେଇଛନ୍ତି। ଫଳରେ ଭାରତୀୟ କର୍ମଚାରୀଙ୍କୁ ଖୋଲା ବଜାରରେ ମହଙ୍ଗା ମୂଲ୍ୟରେ ସିଲିଣ୍ଡର କିଣିବାକୁ ପଡୁଛି। ସେହିପରି ପାଣି ବିକ୍ରେତାଙ୍କୁ ମଧ୍ୟ ଧମକ ଦିଆଯାଇଛି। ସାମାନ୍ୟ ଭାବେ ଉପଲବ୍ଧ ପାଣି ଖାଇବା କିମ୍ବା ପିଇବା ଯୋଗ୍ୟ ହୋଇ ନଥିବାରୁ କର୍ମଚାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ସବୁ ବାସହରାଙ୍କୁ ହଟାଇବେ ଟ୍ରମ୍ପ

ୱାଶିଂଟନ, ୧୧।୮(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ ଘୋଷଣା କରି ବିବାଦ ସୃଷ୍ଟି କରିଛନ୍ତି। ରାଜଧାନୀ ୱାଶିଂଟନରୁ ସବୁ ବାସହରା ଲୋକଙ୍କୁ ହଟାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧ ସମସ୍ୟାକୁ ନିୟନ୍ତ୍ରଣ ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। ଏହି ବାସହରାଙ୍କୁ ରହିବା ପାଇଁ ରାଜଧାନୀଠାରୁ ବହୁତ ଦୂରରେ ସ୍ଥାନ ଦିଆଯିବ। କିନ୍ତୁ ଅପରାଧୀଙ୍କୁ କେଉଁଠାକୁ ପଠାଯିବ ନାହିଁ। କାରଣ ଏମାନେ ଜେଲ୍‌ରେ ହିଁ ରହିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ସାମାଜିକ ଗଣମାଧ୍ୟମରେ କେତୋଟି ତମ୍ବୁ, ଆବର୍ଜନାର ଫଟୋ ପୋଷ୍ଟ କରି ଟ୍ରମ୍ପ ଏହି ଘୋଷଣା କରିଛନ୍ତି। ୱାଶିଂଟନକୁ ଏବେ ପୁଣିଥରେ ସଫା ସୁତୁରା କରାଯିବା ସହ ସୁରକ୍ଷିତ ରଖିବାକୁ ପଦେକ୍ଷପ ନିଆଯିବ ବୋଲି ସେ କହିଛନ୍ତି। ଏଥିପାଇଁ ସେ ୱାଶିଂଟନରେ ନ୍ୟାସନାଲ ଗାର୍ଡ ସହିତ ୪୫୦ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି।

## ମୋଦୀଙ୍କ ସହ କଥାହେଲେ ଜେଲେଁସ୍କି

ନୂଆଦିଲ୍ଲୀ, ୧୧।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସନ୍ଧ୍ୟାରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କିଙ୍କ ସହ କଥା ହୋଇଛନ୍ତି। ରୁଷ ସହ ଚାଲିଥିବା ଯୁଦ୍ଧର ଯଥାଶୀଘ୍ର ଶାନ୍ତିପୂର୍ଣ୍ଣ ସମାଧାନ ନେଇ ଭାରତର ସ୍ଥିର ମାନସିକତା ଓ ଭୂମିକା ସମ୍ପର୍କରେ ମୋଦୀ ତାଙ୍କୁ ଅବଗତ କରାଇଥିଲେ। ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସବୁପ୍ରକାର ସହଯୋଗ କରିବାକୁ ବଦ୍ଧପରିକର ବୋଲି ମୋଦୀ ଏକ୍ସରେ ସୂଚନା ଦେଇଛନ୍ତି। ଏହି ସମୟରେ ରୁଷରୁ ସୀମିତ ପରିମାଣର ତୈଳ ଆମଦାନୀ କରିବା ପାଇଁ ଜେଲେଁସ୍କି ମୋଦୀଙ୍କୁ କହିଥିଲେ। ବିପୁଳ ପରିମାଣରେ ତୈଳ ଓ ଶକ୍ତି ସାମଗ୍ରୀ କ୍ରୟ କରିବା ଦ୍ୱାରା ଯୁଦ୍ଧରେ ରୁଷିଆକୁ ଆର୍ଥିକ ସହାୟତା ଓ ବଳ ମିଳୁଥିବା ଉଲ୍ଲେଖ କରିଥିଲେ।

## ବିହାର ବନ୍ୟାରେ ୧୦ ଲକ୍ଷ ପ୍ରଭାବିତ

ନୂଆଦିଲ୍ଲୀ, ୧୧।୮(ଏଜେନ୍ସି): ଉତ୍ତରପ୍ରଦେଶ ଓ ବିହାରରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜିଛି। ବିହାରର ୭ଟି ଜିଲ୍ଲାର ୧୦ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଗଙ୍ଗା ସମେତ ବିହାରରେ ୧୦ଟି ପ୍ରମୁଖ ନଦୀର ଜଳସ୍ତର ବିପଦ ସଂକେତ ଉପରେ ରହିଛି। ଏପର୍ଯ୍ୟନ୍ତ ୧୧ ଜଣ ଲୋକ ମୃତ୍ୟୁବରଣ କଲେଣି। ସେହିପରି ଉତ୍ତରପ୍ରଦେଶ ମୁରାଦାବାଦର ରାମଗଙ୍ଗା ନଦୀରେ ବନ୍ୟା ଆସିଛି। ଗତ ୨୪ ଘଣ୍ଟା ମଧ୍ୟରେ ୟୁପିରେ ୫୪ ଜିଲ୍ଲାରେ ୫.୯ ମିମି ବର୍ଷା ହୋଇଛି। ସେହିପରି ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ କାରଣରୁ ଏନ୍‌ଏଚ୍-୩୦୫ ସମେତ ୩୬୦ରୁ ଉର୍ଦ୍ଧ୍ୱ ସଡକ ବନ୍ଦ ହୋଇଛି। ଏପର୍ଯ୍ୟନ୍ତ ୧୧୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୭ ଜଣ ନିଖୋଜ ଅଛନ୍ତି। ଅନ୍ୟପଟେ ଉତ୍ତରାଖଣ୍ଡରେ ଉତ୍ତରକାଶୀରୁ ରବିବାର ୨୦ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

## ଖାଇକୁ ପିକ୍‌ଅପ୍ ଖସି ୬ ମହିଳା ମୃତ

ମୁମ୍ବଇ, ୧୧।୮(ଏଜେନ୍ସି): ମହାରାଷ୍ଟ୍ରର ପୁଣେ ନିକଟସ୍ଥ ଖେଡ ତାଲୁକାରେ ସୋମବାର ଦ୍ୱିପହରେ ବଡ଼ ଦୁର୍ଘଟଣା ଘଟିଛି। ପିକ୍‌ଅପ୍ ଜିପ୍ ନିୟନ୍ତ୍ରଣ ହରାଇ ଖାଇକୁ ଖସି ପଡ଼ିବାରୁ ୬ ମହିଳା ମୃତ୍ୟୁବରଣ କରିଛନ୍ତି। ୨୨ରୁ ଉର୍ଦ୍ଧ୍ୱ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। କୁଣ୍ଡେଶ୍ୱର ମନ୍ଦିରକୁ ଦର୍ଶନ ପାଇଁ କ୍ଷମତାରୁ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ପିକ୍‌ଅପ୍‌ରେ ଯାତ୍ରା କରୁଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

## ୧ରୁ ଦିଲ୍ଲୀ-ୱାଶିଂଟନ୍ ବିମାନ ଉଡାଣ ବନ୍ଦ

ନୂଆଦିଲ୍ଲୀ, ୧୧।୮(ଏଜେନ୍ସି): ସେପ୍ଟେମ୍ବର ୧ରୁ ଦିଲ୍ଲୀରୁ ୱାଶିଂଟନ ଯାଉଥିବା ବିମାନ ଉଡାଣକୁ ବନ୍ଦ କରାଯିବ ବୋଲି ଏୟାର ଇଣ୍ଡିଆ ତରଫରୁ ସୋମବାର ଘୋଷଣା କରାଯାଇଛି। ପରିଚାଳନା ଗତ କାରଣକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଉଡାଣ ପାଇଁ ବହୁ ଏୟାର ଇଣ୍ଡିଆ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଉପଲବ୍ଧ ହେବ ନାହିଁ। ଅହମଦାବାଦ ବିମାନ ଦୁର୍ଘଟଣାର ଦୁଇମାସ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକ ସଂଖ୍ୟାରେ ବିମାନ ନ ଥିବାରୁ ଓ ଏୟାର ଇଣ୍ଡିଆର ପୂରା ନେଟ୍‌ୱର୍କର ବିଶ୍ୱସନୀୟତାକୁ ବଜାୟ ରଖିବା ପାଇଁ ଏହାର ଆବଶ୍ୟକତା ଥିଲା ବୋଲି କୁହାଯାଇଛି। ୨୦୨୬ ଶେଷ ଆଡକୁ ବିମାନ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି।

# ଗାଜାରେ ଇସ୍ରାଏଲ ସେନାର ଆକ୍ରମଣ

## ୫ ସାମ୍ବାଦିକ ନିହତ, ସାମ୍ବାଦିକଙ୍କୁ ହମାସ୍ ଆତଙ୍କବାଦୀ କହିଲା ଆଇଡିଏଫ୍

## ଗାଜାରେ ଏ ପର୍ଯ୍ୟନ୍ତ ଗଲାଣି ୨୦୦ ସାମ୍ବାଦିକଙ୍କ ଜୀବନ

ଗାଜା, ୧୧।୮ (ଏଜେନ୍ସି): ଗାଜାରେ ଇସ୍ରାଏଲ ସେନା (ଆଇଡିଏଫ)ର ବର୍ବରତା ସୀମା ଟପିଛି। ସାଧାରଣ ନାଗରିକଙ୍କୁ ଜୀବନ ନେଉଥିବା ଆଇଡିଏଫ୍ ଏବେ ସାମ୍ବାଦିକଙ୍କୁ ହତ୍ୟା କରିବାକୁ ବି ପଛାଇ ନାହିଁ। ଇସ୍ରାଏଲ ସେନା ରବିବାର ରାତିରେ ଗାଜାର ଅଲ୍-ସିଫା ଡାକ୍ତରଖାନା ନିକଟରେ ଶିବିର ବନାଇ ରହୁଥିବା ସାମ୍ବାଦିକଙ୍କ ଉପରେ ଜୋରଦାର ଆକ୍ରମଣ କରିଛି। ଏଥିରେ ଅତିକମ୍‌ରେ ୫ ଜଣ ସାମ୍ବାଦିକଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ରିପୋର୍ଟର ଅନସ ଅଲ-ସରିଫ (୨୮) ଏବଂ ମହମ୍ମଦ କରିକେହ, କ୍ୟାମେରାମ୍ୟାନ ଇବ୍ରାହିମ ଜହିର, ମୋଆମେନ ଅଲିଭା ଏବଂ ମହମ୍ମଦ ନୌଫଲ ସାମିଲ ଅଛନ୍ତି। ଏହି ଆକ୍ରମଣରେ ସାମ୍ବାଦିକଙ୍କ ସମେତ ମୋଟ ୭ ଜଣଙ୍କ ମୃତ୍ୟୁ ହୋଇଛି। ରିପୋର୍ଟର ଅନସଙ୍କୁ ନିଶାଣ କରି ଏହି ଆକ୍ରମଣ ହୋଇଥିବା ଇସ୍ରାଏଲ ସ୍ୱୀକାର କରିଛି।

ଆଇଡିଏଫ ଅନସଙ୍କୁ ଆତଙ୍କବାଦୀ କହିଛି। ସେ ହମାସର ଆତଙ୍କବାଦୀ ସେଲ୍‌ର ମୁଖ୍ୟ ଭାବେ କାମ କରିଥିଲା ବୋଲି କୁହାଯାଇଛି। ସେ ଇସ୍ରାଏଲ ନାଗରିକ ଏବଂ ସୈନିକଙ୍କ ଉପରେ ରକେଟ୍ ଆକ୍ରମଣ କରୁଥିଲା। ଗାଜାରେ ରିପୋର୍ଟିଂ କରୁଥିବା ପରିଚିତ ସାମ୍ବାଦିକଙ୍କ ମଧ୍ୟରୁ ଅନିସ ଅନ୍ୟତମ ଥିଲେ। ରିପୋର୍ଟିଂ ପାଇଁ ତାଙ୍କୁ ୨୦୧୮ ରେ ପାଲେଷ୍ଟାଇନରେ 'ଶ୍ରେଷ୍ଠ ଯୁବ ସାମ୍ବାଦିକ'ର ପୁରସ୍କାର ମିଳିଥିଲା। ସେ ମୃତ୍ୟୁର କିଛି ସମୟ ପୂର୍ବରୁ ଇସ୍ରାଏଲ ସେନା ବୋମାମାଡ଼ର ଭିଡିଓ ସେୟାର କରିଥିଲେ। କ୍ରମାଗତ ଦୁଇ ଘଣ୍ଟା ହେଲା ଇସ୍ରାଏଲ ବୋମା ମାଡ଼ କରୁଥିବା କହିଥିଲେ। ଏହା ପୂର୍ବରୁ ୨୦୨୩ ଡିସେମ୍ବରରେ ଅନସଙ୍କ ପିତା ଇସ୍ରାଏଲ ବୋମାମାଡ଼ରେ ପ୍ରାଣ ହରାଇ ଥିଲେ। ସେ ଜବାଲିଆ ଶରଣାର୍ଥୀ ଶିବିରରେ ଥିଲେ। ପିତାଙ୍କ ମୃତ୍ୟୁ ସତ୍ତ୍ୱେ ସେ ଗାଜାରେ ରିପୋର୍ଟିଂ ଜାରି ରଖିଥିଲେ।




୨୨ ମାସ ହେଲା ଗାଜାରେ ଚାଲିଥିବା ଯୁଦ୍ଧରେ ଏ ପର୍ଯ୍ୟନ୍ତ ୨୦୦ ସାମ୍ବାଦିକଙ୍କ ଜୀବନ ଗଲାଣି। ଅନସଙ୍କ ମୃତ୍ୟୁକୁ ନେଇ ଗାଜାର ସାମ୍ବାଦିକ ସୁରକ୍ଷା ସମିତି (ସିପିଜେ) ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ବିନା ପ୍ରମାଣରେ ସାମ୍ବାଦିକଙ୍କୁ ଆତଙ୍କବାଦୀ କହିବା ଏବଂ ସାମ୍ବାଦିକଙ୍କ ସ୍ୱାଧୀନତା ପ୍ରତି ଇସ୍ରାଏଲର ଆଭିମୁଖ୍ୟକୁ ଦର୍ଶାଉଛି। ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଗାଜାକୁ କବ୍‌ଜା କରିବା ପାଇଁ ଯୋଜନା କରିଥିଲେ। ଗାଜା ଷ୍ଟ୍ରିପ୍‌ର ଉତ୍ତରାଞ୍ଚଳରେ ଥିବା ଗାଜା ସିଟିକୁ କବ୍‌ଜା ପାଇଁ ଇସ୍ରାଏଲ ସୁରକ୍ଷା କ୍ୟାବିନେଟ ମଧ୍ୟ ସେନାକୁ ମଞ୍ଜୁରି ଦେଇଥିଲା। ପ୍ରଧାନମନ୍ତ୍ରୀଙ୍କ ଅଫିସ ପକ୍ଷରୁ ଏହାର ସୂଚନା ଦିଆଯାଇଥିଲା। ତେବେ ଏହି ଯୋଜନାକୁ ଇସ୍ରାଏଲ ସେନାମୁଖ୍ୟ ବିରୋଧ କରିଥିଲେ।

## ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା ଦେବ ଅଷ୍ଟ୍ରେଲିଆ

କାନବେରା, ୧୧।୮(ଏଜେନ୍ସି): ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦେବାକୁ ଆଉ ଏକ ଦେଶ ଘୋଷଣା କରିଛି। ବ୍ରିଟେନ, ଫ୍ରାନ୍ସ, କାନାଡ଼ା ପରେ ଏବେ ଅଷ୍ଟ୍ରେଲିଆ ଏହି ଘୋଷଣା କରିଛି। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ ଆସନ୍ତା ମାସରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ସୋମବାର କହିଛନ୍ତି। ଯେତେବେଳେ ଫ୍ରାନ୍ସ ଏହି ଘୋଷଣା କରିଥିଲା, ସେତେବେଳେ ଅଷ୍ଟ୍ରେଲିଆ ଏହାକୁ ସମର୍ଥନ କରି ନ ଥିଲା। ଏଭଳି ନିଷ୍ପତ୍ତି ନେବ ନାହିଁ ବୋଲି କୁହା ଯାଇଥିଲା। କିନ୍ତୁ ଗତ ଦୁଇ ସପ୍ତାହ ହେଲା ବ୍ରିଟେନ, ଫ୍ରାନ୍ସ, ନ୍ୟୁଜିଲାଣ୍ଡ ଓ ଜାପାନ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। ନ୍ୟୁଜିଲାଣ୍ଡର ବୈଦେଶିକ ମନ୍ତ୍ରୀ ବିଙ୍ଗଷ୍ଟନ ପିଟର୍ସ ମଧ୍ୟ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେବାକୁ ବିଚାର କରାଯାଉଛି ବୋଲି କହିଛନ୍ତି। ଗାଜାରେ ବର୍ତ୍ତମାନର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ଓ ଏହା ଏକ ଦୁଃସ୍ୱପ୍ନ ପରି ଲାଗୁଛି। ଇସ୍ରାଏଲ କ୍ରମାଗତ ଭାବେ ଅନ୍ତର୍ଜାତୀୟ ଆଇନକୁ ଅଣଦେଖା କରୁଛି । ତେଣୁ ଏ ସବୁ ସମସ୍ୟାର ସମାଧାନ ପାଇଁ ପାଲେଷ୍ଟାଇକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦେବାର ସମୟ ଆସିଯାଇଛି ବୋଲି ସେ କହିଛନ୍ତି। ତେବେ ଏଥିପାଇଁ ଅଷ୍ଟ୍ରେଲିଆ କେତୋଟି ସର୍ତ୍ତ ରଖିଛି।ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇବା ପରେ ପାଲେଷ୍ଟାଇନ୍ ତା'ର ଅଞ୍ଚଳରେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରଶୟ ଦେବା ଉଚିତ ନୁହଁ ବୋଲି ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, ଭାରତ ସମେତ ବିଶ୍ୱର ୧୪୫ଟି ଦେଶ ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେବାକୁ ଘୋଷଣା କରିସାରିଛନ୍ତି।

# ମୁନୀରଙ୍କ ପରମାଣୁ ଧମକକୁ ଭାରତର କଡ଼ା ଜବାବ

ଟେକ୍ସାସ୍, ୧୧।୮(ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ଅସିମ ମୁନୀରଙ୍କ ପରମାଣୁ ଧମକକୁ ଭାରତ କଡ଼ା ଜବାବ ଦେଇଛି। ଭାରତ ପରମାଣୁ ବ୍ଲାକମେଲ ଅର୍ଥାତ ପରମାଣୁ ବୋମା ଧମକ ଆଗରେ ନଇଁଯିବ ନାହିଁ। ନିଜକୁ କିପରି ସୁରକ୍ଷିତ ରଖାଯିବ ତାହା ଆମକୁ ଭଲ ଭାବେ ଜଣା। ପରମାଣୁ ଅସ୍ତ୍ର ଦେଖାଇବା ପାକିସ୍ତାନର ପୁରୁଣା ଅଭ୍ୟାସ ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ମୁନୀରଙ୍କ ଏଭଳି ମନ୍ତବ୍ୟ ଦାୟିତ୍ୱହୀନତାକୁ ସୂଚାଉଛି। ପୁଣି ବିଶ୍ୱରେ ମହାଶକ୍ତି ଭବେ ସର୍ବମାନ୍ୟ ହୋଇଥିବା ଆମେରିକା ଭଳି ଦେଶରେ ରହି ଏଭଳି ଧମକ ଦେବାକୁ ଆଦୌ ହାଲକା ଭାବେ ଗ୍ରହଣ କରାଯାଇପାରି ନାହିଁ। ଏହା ଦୁର୍ଭାଗ୍ୟଜନକ ବୋଲି ଭାରତ ହୃଦୟଙ୍ଗମ କରିଛି। ଯେଉଁ ଦେଶରେ ପରମାଣୁ ଅସ୍ତ୍ର ସୁରକ୍ଷିତ ନାହିଁ, ସେହି ଦେଶରେ ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ସମ୍ପର୍କ ଥିବା ଧରି ନିଆଯାଏ। ଭାରତ ଓ ଆମେରିକା ମଧ୍ୟରେ ଟାରିଫ୍‌କୁ ନେଇ ସଂଘର୍ଷ ଚାଲିଥିବା ବେଳେ ମୁନୀରଙ୍କ ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହଁ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



**ଭାରତ ଏଭଳି ଧମକ ଆଗରେ ନଇଁବ ନାହିଁ**

**ଆମେରିକା ମାଟିରୁ ମୁନୀରଙ୍କ ଧମକ ଦୁର୍ଭାଗ୍ୟଜନକ**

ମୁନୀର ଏବେ ଆମେରିକା ଗସ୍ତରେ ଅଛନ୍ତି। ଗତ ଦୁଇମାସରେ ସେ ଦ୍ୱିତୀୟଥର ଆମେରିକା ଯାଇଛନ୍ତି। ଭାରତ ସିନ୍ଧୁ ନଦୀ ଉପରେ ଡ୍ୟାମ ବନାଇଲେ ଆମେ ମିସାଇଲ ମାଡ଼ କରି ତାହକୁ ଭାଙ୍ଗିଦେବୁ ବୋଲି ସେ ରବିବାର କହିଥିଲେ। ସିନ୍ଧୁ ନଦୀ ଭାରତର ପାରିବାରିକ ସମ୍ପତ୍ତି ନୁହଁ। ଆମେ ପାଖରେ ମିସାଇଲର ଅଭାବ ନାହିଁ। ସିନ୍ଧୁ ଚୁକ୍ତି ଭାରତ ରଦ୍ଦ କଲେ, ପାକିସ୍ତାନରେ ୨୫ କୋଟି ଲୋକ ଅନାହାର ମୃତ୍ୟୁ ସଂକଟରେ ପଡ଼ିବେ। ପାକିସ୍ତାନ ଏକ ପରମାଣୁ ଶକ୍ତିସମ୍ପର୍ଣ୍ଣ ରାଷ୍ଟ୍ର। ଯଦି ଆମେ ବୁଡ଼ିବୁ, ତାହାଲେ ଅଧା ଦୁନିଆକୁ ସାଙ୍ଗରେ ନେଇ ବୁଡିବୁ ବୋଲି ସେ ଧମକ ଦେଇଥିଲେ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ମୁନୀର ତାଙ୍କ ପ୍ରଥମ ଆମେରିକା ଗସ୍ତ ଅବସରରେ ପ୍ରସ୍ତାବ ଦେଇଥିଲେ। ଅନ୍ୟପଟେ ଇସ୍ରାଏଲ ବନ୍ଧୁ ରାଷ୍ଟ୍ର ଭାରତକୁ ଅକୁଣ୍ଠ ସମର୍ଥନ ଦେଇଛି। ଭାରତକୁ ସମର୍ଥନ ଜାରି ରଖିବୁ ବୋଲି କୁହାଯାଇଛି।

## ସେନାର ଆଇନଗତ ଶାଖାରେ ସଂରକ୍ଷଣକୁ ଉଚ୍ଛେଦ କଲେ ସୁପ୍ରିମକୋର୍ଟ

## ପୁରୁଷଙ୍କ ପାଇଁ ପଦବୀ ସଂରକ୍ଷିତ ରଖିପାରିବେନି

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଭାରତୀୟ ସେନାର ଆଇନଗତ ଶାଖା ଜଜ୍ ଆଡଭୋକେଟ ଜେନେରାଲ (ଜେଏଜି) ରେ ଥିବା ସଂରକ୍ଷଣ ନୀତିକୁ ସୁପ୍ରିମକୋର୍ଟ ସୋମବାର ଉଚ୍ଛେଦ କରି ଦେଇଛନ୍ତି। ଏହି ଶାଖାରେ ୨ ଅନୁପାତ ୧ରେ ପୁରୁଷ ଏବଂ ମହିଳାଙ୍କୁ ନିଯୁକ୍ତି ଦିଆଯାଉଥିଲା। ଦୁଇ ମହିଳା ଆଶାୟୀଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ପୁରୁଷଙ୍କ ପାଇଁ କୌଣସି ପଦବୀକୁ ସରକାର ସଂରକ୍ଷଣ କରି ରଖିପାରିବେ ନାହିଁ। ଏହି ନୀତି ମନମୁଖୀ। ଏହା ସମ୍ବିଧାନର ସମାନତା ଅଧିକାରକୁ ଉଲ୍ଲଙ୍ଘନ କରୁଛି। ମହିଳାଙ୍କ ପଦବୀକୁ ସୀମିତ କରିବା ଭୁଲ୍। ସବୁଠାରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ଲିଙ୍ଗଗତ ସମାନତାର ଉଦ୍ଦେଶ୍ୟ। କୌଣସି ଦେଶ ଯୋଗ୍ୟତାକୁ ଛାଡ଼ି ଭେଦଭାବପୂର୍ଣ୍ଣ ନୀତି ଆପଣାଇଲେ ସୁରକ୍ଷିତ ରହିପାରିବ ନାହିଁ। ଏବେଠାରୁ ଯୁଗ୍ମ ଯୋଗ୍ୟ ତାଲିକା ଆଧାରରେ ନିଯୁକ୍ତି କରାଯାଉ। ପୁରୁଷ ଏବଂ ମହିଳାଙ୍କ ପାଇଁ ଅଲଗା ଅଲଗା କୋଟା ନ ରଖାଯାଉ ବୋଲି ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି।

ସୂଚନା ଅନୁଯାୟୀ ଦୁଇ ମହିଳା ଆବେଦନକାରୀ ଯୋଗ୍ୟ ତାଲିକାର ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଥିଲେ। କିନ୍ତୁ କେବଳ ତିନୋଟି ପଦବୀ ଥିବାରୁ ତାଙ୍କୁ ନିଯୁକ୍ତି ମିଳି ନ ଥିଲା। ମାତ୍ର ତାଙ୍କଠୁ କମ୍ ମାର୍କ ରଖିଥିବା ପୁରୁଷଙ୍କୁ ନିଯୁକ୍ତି କରାଯାଇଥିଲା। ସୁପ୍ରିମକୋର୍ଟ ଏହି ମାମଲାରେ ଜଣେ ଆବେଦନକାରୀଙ୍କୁ ତୁରନ୍ତ ସେବାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜେଏଜିରେ ମୋଟ ୯ ପଦବୀରେ ନିଯୁକ୍ତି ହେବାର ଥିଲା। ସଂରକ୍ଷଣ ନୀତି ଅନୁଯାୟୀ ୬ ପୁରୁଷ ଏବଂ ୩ ମହିଳାଙ୍କୁ ଚୟନ କରାଯାଇଥିଲା। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ଯେ ପୂର୍ବରୁ ମହିଳାଙ୍କୁ କମ୍ ସୁଯୋଗ ମିଳିଛି। ଏହାକୁ ଭରଣା କରିବା ପାଇଁ ଅତିକମ୍‌ରେ ୫୦ ପ୍ରତିଶତ ସିଟ୍ ମହିଳାଙ୍କୁ ଦିଆଯାଉ। କିନ୍ତୁ ଯଦି ପୁରୁଷଙ୍କ ଠାରୁ ମହିଳା ଅଧିକ ଯୋଗ୍ୟ ହୋଇଥିବେ ତେବେ ତାଙ୍କୁ ୫୦ ପ୍ରତିଶତରେ ସୀମିତ ରଖିବା ଭୁଲ୍ ହେବ।

## ସାଂସଦଙ୍କ ୧୮୪ ଫ୍ଲାଟ୍ ଉଦ୍‌ଘାଟନ କଲେ ମୋଦୀ



ନୂଆଦିଲ୍ଲୀ, ୧୧।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ଥାନୀୟ ବାବା ଖଡକ ସିଂ ମାର୍ଗରେ ସାଂସଦଙ୍କ ପାଇଁ ନିର୍ମିତ ହୋଇଥିବା ୧୮୪ଟି ନୂଆ ଫ୍ଲାଟ୍‌କୁ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି ସବୁ ଫ୍ଲାଟ୍ ଟାଇପ୍-୭ର ବହୁତଳ ଆପାର୍ଟମେଣ୍ଟ। ମୋଦୀ ଅପରେସନ ସିନ୍ଦୂରର ଚାରା ମଧ୍ୟ ଲଗାଇଥିଲେ। ସେ ମଧ୍ୟ ଏହି ଫ୍ଲାଟ ନିର୍ମାଣରେ ନିୟୋଜିତ ଶ୍ରମିକମାନଙ୍କୁ ଭେଟିଥିଲେ। ୪ଟି ଟାୱାରରେ ଏହି ଫ୍ଲାଟଗୁଡିକ ରହିଛି। ଏହି ଟାୱାର ବା ସୌଧଗୁଡିକର ନାମ ଭାରତର ୪ଟି ପ୍ରମୁଖ ନଦୀଙ୍କ ନାମରେ ନାମିତ। ସେଗୁଡିକ ହେଲା କୃଷ୍ଣା, ଗୋଦାବରୀ, କୋଶୀ ଓ ହୁଗୁଳି। ସଂସଦଙ୍କ ପାଇଁ ଆବଶ୍ୟକ ସଂଖ୍ୟାରେ ବାସଭବନ ନ ଥିବାରୁ ଏହି ସବୁ ଫ୍ଲାଟ ନିର୍ମାଣ କରାଯାଇଛି। ସୀମିତ ଜମି ଥିବାରୁ ଉଚ୍ଚ ଟାୱାର ନିର୍ମାଣ କରାଯାଇଛି। ଅଳ୍ପ ଜାଗାରେ ନିର୍ମିତ ହୋଇଥିବାରୁ ଏହି ଫ୍ଲାଟଗୁଡିକର ରକ୍ଷଣାବେକ୍ଷଣ ମଧ୍ୟ ସହଜ ହେବ। ଏହି ଫ୍ଲାଟଗୁଡିକରେ ଅତ୍ୟାଧୁନିକ ସୁବିଧା ସୁଯେଗା ଉପଲବ୍ଧ ହେବ। ଏଥିରେ ଗ୍ରୀନ୍ ଟେକ୍ନୋଲୋଜି ବ୍ୟବହୃତ ହୋଇଛି। ଫଳରେ ଏହା ପରିବେଶ ଅନୁକୂଳ ହେବା ସହ ଶକ୍ତି ଅପଚୟକୁ ରୋକିବାରେ ସମର୍ଥ ହେବ। ଏହି ପ୍ରକଳ୍ପକୁ ଜିଆରଆଇଏଚ୍‌ଏ ୩- ଷ୍ଟାର ରେଟିଂର ମାନଦଣ୍ଡରେ ୨୦୧୬ର ନ୍ୟାସନାଲ ବିଲ୍ଡିଂ କୋଡର ନିୟମ ଅନୁସାରେ ନିର୍ମାଣ କରାଯାଇଛି। ସାଂସଦଙ୍କ ଏହି ଫ୍ଲାଟ ସବୁ ୫ ହଜାର ବର୍ଗ ଫୁଟ୍ ବିଶିଷ୍ଟ। ଏଠାରେ ସାଂସଦଙ୍କ ବାସଭବନ ସହ, ତାଙ୍କ କାର୍ଯ୍ୟାଳୟ, ଷ୍ଟାଫଙ୍କ କୋଠରୀ ଓ ସାମୁଦାୟିକ କେନ୍ଦ୍ର ବି ରହିଛି। ସବୁ ଟାୱାର ଭୂକମ୍ପ ନିରୋଧୀ ଓ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥା ପାଇଁ ଦୃଢ଼ ବ୍ୟବସ୍ଥା କରାଯାଇଛି। ଏଗୁଡିକର ନିର୍ମାଣରେ ନୂଆ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି।

## ବିଦାହେଲେ କର୍ଣ୍ଣାଟକ ମନ୍ତ୍ରୀ

**ଭୋଟର ତାଲିକାରେ ଜାଲିଆତି କଂଗ୍ରେସର ବିଫଳତା କହିଥିଲେ ରାଜନ୍ନା**

**ରାହୁଲ ସତ୍ୟର ସାମ୍‌ନା କରିପାରୁନାହାନ୍ତି: ବିଜେପି**

ବେଙ୍ଗାଲୁରୁ, ୧୧।୮ (ଏଜେନ୍ସି): କର୍ଣ୍ଣାଟକମନ୍ତ୍ରୀ କେଏନ ରାଜନ୍ନା ସୋମବାର କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। ଭୋଟର ତାଲିକାରେ ଜାଲିଆତିକୁ ନେଇ ନିଜ ଦଳକୁ ସମାଲୋଚନା କରିବାରୁ ସେ କଂଗ୍ରେସ ହାଇକମାଣ୍ଡଙ୍କ ରୋଶର ଶିକାର ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସହ ବରିଷ୍ଠ କଂଗ୍ରେସ ନେତା କେସି ବେଣୁଗୋପାଳ କଥା ହେବା ପରେ ରାଜନ୍ନାଙ୍କୁ ପଦ ଛାଡ଼ିବାକୁ କୁହାଯାଇଥିଲା ବୋଲି ରିପୋର୍ଟ ଆସିଛି। ଭୋଟର ତାଲିକାରେ ନିର୍ବାଚନ କମିଶନ ଜାଲିଆତି କରୁଥିବା ନେଇ କଂଗ୍ରେସ ଅଭିଯୋଗ କରୁଥିବାବେଳେ ସେ ପଦରୁ ଇସ୍ତଫା ଦେଇଛନ୍ତି।

ଏହା ପୂର୍ବରୁ ରବିବାର ତୁମକୁରରେ ରାଜନ୍ନା ନିଜ ଦଳ ଉପରେ ଅଭିଯୋଗ ଲଗାଇ କହିଥିଲେ ଯେ କର୍ଣ୍ଣାଟକରେ ଦଳ କ୍ଷମତାରେ ଥିବାବେଳେ ଭୋଟର ତାଲିକା ପ୍ରସ୍ତୁତ କରାଯାଇଥିଲା। ସେତେବେଳେ ଦଳ କାହିଁକି ଏହାକୁ ନେଇ ଆଖି ବନ୍ଦ କରି ଦେଇଥିଲା? ଯଦି ଆଖି ସାମ୍‌ନାରେ ଜାଲିଆତି ହେଉଥିବାବେଳେ ଆପତ୍ତି ଉଠାଇଲେ ନାହିଁ ତେବେ ଆଜି ଅଭିଯୋଗ କରିବାର ଆବଶ୍ୟକତା ନାହିଁ। ଜଣେ ବ୍ୟକ୍ତିଙ୍କ ନାମ ତିନୋଟି ସ୍ଥାରେ ରେକର୍ଡ ଥିଲା। କମ୍ ଜନସଂଖ୍ୟା ଥିବା ସ୍ଥାନରେ ସନ୍ଦେହଜନକ ନାମ ସାମିଲ କରାଯାଇଥିଲା। ଏ ସବୁ ଆମ ଆଖି ସାମ୍‌ନାରେ ହୋଇଥିଲା। କିନ୍ତୁ ଏହାର ଯାଞ୍ଚ କରାଯାଇ ନ ଥିଲା। ଏହା କଂଗ୍ରେସର ବିଫଳତା। ଇସି ଭୋଟର ତାଲିକାରେ ପରିବର୍ତ୍ତନ କରି ପ୍ରଧାନମନ୍ତ୍ରୀଙ୍କୁ ସହଯୋଗ କରିଥିଲେ। ମହାଦେବପୁରାରେ ଅନେକ ଅନିୟମତିତା ହୋଇଥିଲା, କିନ୍ତୁ ଆମ ଦଳ ଚୁପ୍ ରହିଥିଲା। ଅନ୍ୟପକ୍ଷରେ ରାଜନ୍ନାଙ୍କ ଇସ୍ତଫାକୁ ନେଇ ବିଜେପି କଂଗ୍ରେସକୁ ସମାଲୋଚନା କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ସତ୍ୟର ସାମ୍‌ନା କରିପାରୁ ନାହାନ୍ତି ବୋଲି କୁହାଯାଇଛି।

# ଦିଲ୍ଲୀରେ ବୁଲା କୁକୁରଙ୍କ ଉତ୍ପାତ: ୨୦୨୪ରେ ୩୭ ଲକ୍ଷଙ୍କୁ କାମୁଡ଼ିଥିଲେ

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଦେଶରେ ବୁଲା କୁକୁର ଆତଙ୍କ ସୃଷ୍ଟି କରିଛନ୍ତି। ରାସ୍ତାରେ ଲୋକଙ୍କୁ ବି ଚଲାଇ ଦେଉନାହାନ୍ତି। କାମୁଡି ଅନେକ ଜୀବନ ମଧ୍ୟ ନେଲେଣି। ଏପରି ସମୟରେ ଦିଲ୍ଲୀ-ଏନ୍‌ସିଆରର ସ୍ଥିତିକୁ ନେଇ ସୁପ୍ରିମକୋର୍ଟ ସୋମବାର ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ୮ ସପ୍ତାହ ମଧ୍ୟରେ ଦିଲ୍ଲୀ ଏବଂ ଏନ୍‌ସିଆରରୁ ସବୁ ବୁଲା କୁକୁରଙ୍କୁ ହଟାଇବାକୁ କୋର୍ଟ ପୌର ନିଗମକୁ କହିଛନ୍ତି। କୁକୁରଙ୍କୁ ତୁରନ୍ତ ଧରି ବନ୍ଧ୍ୟାକରଣ କରିବାକୁ ଏବଂ ସ୍ଥାୟୀ ଭାବେ ଆଶ୍ରୟ ସ୍ଥଳରେ ରଖ। ଏହି କାର୍ଯ୍ୟରେ ଅବହେଳାକୁ ଜମାରୁ ବରଦାସ୍ତ କରାଯିବ ନାହିଁ। ଯଦି କୌଣସି ବ୍ୟକ୍ତି କିମ୍ବା ସଂଗଠନ କିମ୍ବା କୁକୁର ପ୍ରେମୀ ଏହାକୁ ବିରୋଧ କରେ ତେବେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଷ୍ଟିସ ଜେବି ପାରଦିୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି।

ଦିଲ୍ଲୀ, ଏମସିଡି ଏବଂ ଏନଏମଡିସିକୁ ସବୁ ଅଞ୍ଚଳରୁ ବିଶେଷ କରି ସମ୍ବେଦନଶୀଳ ସ୍ଥାନରୁ କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟ କହିଛନ୍ତି। ଆବଶ୍ୟକ ପଡ଼ିଲେ ଏଥିପାଇଁ ଅଲଗା ବାହିନୀ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ଓ ନବଜାତକ ଯେପରି କୌଣସି ସ୍ଥିତିରେ ରେବିଜ୍‌ର ଶିକାର ନ ହେବେ ଏବଂ ବିନା ଭୟରେ ଲୋକେ ଘରୁ ବାହାରିବେ ତାହା ସୁନିଶ୍ଚିତ କରିବାକୁ ହେବ। ଦିଲ୍ଲୀ-ଏନସିଆରେ କୁକୁର କାମୁଡା ଜନିତ ମୃତ୍ୟୁକୁ ନେଇ ଉପସ୍ଥାପନ କରାଯାଇଥିବା ରିପୋର୍ଟ ଉପରେ ନିଜ ଆଡୁ ବିଚାର କରି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ୮ ସପ୍ତାହ ମଧ୍ୟରେ ପର୍ଯ୍ୟାପ୍ତ କର୍ମଚାରୀ ଏବଂ ସିସିଟିଭି ସହିତ କୁକୁର ଆଶ୍ରୟ ସ୍ଥଳୀ ନିର୍ମାଣ କର। ବନ୍ଧ୍ୟାକରଣ ପରେ କୁକୁରଙ୍କୁ ବାହାରେ ଛାଡ଼ ନାହିଁ। ୬ ସପ୍ତାହରେ ୫ ହଜାର କୁକୁରଙ୍କୁ ଧରିବା ଅଭିଯାନ ଆରମ୍ଭ କର। ଦିଲ୍ଲୀ, ନୋଏଡ଼ା ଏବଂ ଗୁରୁଗ୍ରାମରୁ ଧରା ଯାଉଥିବା କୁକୁରଙ୍କ ରେକର୍ଡ ରଖ। ଏହି ନିୟମ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସପ୍ତାହେ ମଧ୍ୟରେ କୁକୁର କାମୁଡା ଏବଂ ରେବିଜ ଲାଗି ସହାୟତା ନମ୍ବର ଜାରି କର। ରେବିଜ ଟିକା ମହଜୁଦ ରଖ।

**ଦିଲ୍ଲୀ-ଏନ୍‌ସିଆରରୁ ବୁଲା କୁକୁରଙ୍କୁ ହଟାଅ: ସୁପ୍ରିମକୋର୍ଟ**

ଖଣ୍ଡପୀଠ କହିଛନ୍ତି ଯେ ସୁପ୍ରିମକୋର୍ଟ ଏହା ନିଜ ପାଇଁ କରୁନାହାନ୍ତି, ଲୋକଙ୍କ ସୁବିଧାକୁ ଦେଖି ଏହି ନିର୍ଦ୍ଦେଶ ଦିଆଯାଉଛି। ତେଣୁ ଏହି କାର୍ଯ୍ୟରେ କୌଣସି ଭାବାବେଗକୁ ଦେଖାଯିବ ନାହିଁ। ଏବେ ନିୟମକୁ ଭୁଲିଯାଅ। ସଲିସିଟର ଜେନେରାଲ ପଶୁପ୍ରେମୀଙ୍କ ପ୍ରସଙ୍ଗ ଉଲ୍ଲେଖ କରିବାରୁ ଖଣ୍ଡପୀଠ କହିଥିଲେ ଯେ ରେବିଜରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କୁ ତାଙ୍କ ପୁରୁଣା ଜୀବନକୁ ପଶୁପ୍ରେମୀ ଫେରାଇ ଦେବେକି? ଏବେ ଗଳିଗୁଡିକୁ ବୁଲା କୁକୁର ମୁକ୍ତ କରାଯିବାର ଆବଶ୍ୟକତା ରହିଛି। ଏହି କୁକୁରଙ୍କୁ ପୋଷ୍ୟ ଭାବେ ରଖିବା ପାଇଁ ମଧ୍ୟ କାହାକୁ ଅନୁମତି ଦିଆଯିବ ନାହିଁ। ଏହା ପୂର୍ବରୁ ସରକାରଙ୍କ ପକ୍ଷରୁ ଲୋକସଭାରେ କୁହାଯାଇଥିଲା ଯେ ୨୦୨୪ରେ ୩୭ ଲକ୍ଷ କୁକୁର କାମୁଡା ମାମଲା ସାମନାକୁ ଆସିଥିଲା। ରେବିଜରେ ୫୪ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା।

ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିକୁ ପେଟା ପକ୍ଷରୁ ବିରୋଧ କରାଯାଇଛି। ଏପରି ବିସ୍ଥାପନ ଏବଂ କୁକୁରଙ୍କୁ ବନ୍ଦୀ କରି ରଖିବା ନିର୍ଦ୍ଦେଶକୁ ଅବୈଜ୍ଞାନିକ ଏବଂ ପ୍ରଭାବହୀନ କୁହାଯାଇଛି। ଏହା ଦ୍ୱାରା କୁକୁର ସମସ୍ୟାରେ ପଡ଼ିବେ। କୁକୁରଙ୍କ ଯତ୍ନ ନେଉଥିବା ବ୍ୟକ୍ତି ହଙ୍ଗାମା କରିବେ। କିନ୍ତୁ କୁକୁର କାମୁଡାରେ କୌଣସି ଲଗାମ ଲାଗିବ ନାହିଁ।






# ଶୁଷ୍କ ଜମିରେ ଚାଷ ପାଇଁ ସ୍ୱତନ୍ତ୍ର ବର୍ଷା ବ୍ୟବସ୍ଥା

**ଚାଷକାର୍ଯ୍ୟ ପାଇଁ ଜଳ ଏକାନ୍ତ ଅପରିହାର୍ଯ୍ୟ । ଅନ୍ୟ ଋତୁ ଅନୁସାରେ ବର୍ଷାଦିନେ ଚାଷୀଭାଇଙ୍କୁ ଫସଲରେ ଜଳ ସେଚନ ପାଇଁ ଚିନ୍ତା ନ ଥାଏ । ହେଲେ ଅଧୁନା ଜଳବାୟୁ ପରିବର୍ତ୍ତନ କୃଷି କ୍ଷେତ୍ରରେ ଏକ ଭୟଙ୍କର ସ୍ଥିତି ସୃଷ୍ଟି କରିଛି । ତାପମାତ୍ରା, ବର୍ଷାର କମ୍ ପରିମାଣ, ରୋଗପୋକର ଅଚାନକ ବୃଦ୍ଧି ଆଦି ଯୋଗୁଁ ଫସଲର ବିବିଧତା ହ୍ରାସ ପାଉଛି । ତେଣୁ ଏପରି କ୍ଷେତ୍ରରେ ଶୁଷ୍କ ଜମିରେ ଫସଲ ସୃଷ୍ଟି କରିବାକୁ ପାଇଭଟ ବର୍ଷା ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି ।**



ପାଇଭଟ୍ ବର୍ଷା ପ୍ରଣାଳୀକୁ ସେଣ୍ଟର ପାଇଭଟ୍ ଇରିଗେସନ୍ କୁହାଯାଏ । ଏହା ଏକ ଆଧୁନିକ ବୁନ୍ଦା ଜଳ ସେଚନ କୌଶଳ । ଯାହାକି କୃତ୍ରିମ ବର୍ଷା ହୋଇ ଶୁଖିଲା ଜମିରେ ଫସଲ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ସେହିପରି ରାଜସ୍ଥାନ ପରି ଶୁଷ୍କ ମରୁଭୂମି ସ୍ଥାନ, ବାଲିଆ ଅଞ୍ଚଳ ତଥା ବର୍ଷା କମ୍ ହେଉଥିବା ସ୍ଥାନରେ ଚାଷ କରିବା ସବୁଠୁ ବଡ଼ ଆହ୍ୱାନ ହୋଇଥାଏ । ଉକ୍ତ ସ୍ଥାନ ପାଇଁ ଏହି ସ୍ୱତନ୍ତ୍ର ବର୍ଷା ବ୍ୟବସ୍ଥା ପ୍ରଣାଳୀ ବେଶ ଉପଯୋଗୀ । ଏଥିରେ ଜମିରେ ଉନ୍ନତମାନର ପାଇପ୍ ଲାଇନ୍ ସଂଯୋଗ କରାଯାଇଥାଏ । ଏହି କୌଶଳରେ ବର୍ତ୍ତମାନ ସରଦାରଗଡ଼ ଏବଂ ଜୈତସରସ୍ଥିତ କେନ୍ଦ୍ରୀୟ ରାଜ୍ୟ ଫାର୍ମର ୧୨୦୦ ହେକ୍ଟର ଜମିରେ ଫସଲ ସୃଷ୍ଟି କରାଯାଇଛି । ଏହି ସ୍ୱତନ୍ତ୍ର ପ୍ରଣାଳୀରେ ଗହମ, ମୁଗ, ଚଣା ଆଦି ଫସଲକୁ ବର୍ଷା ସିଞ୍ଚିଲା ପରି ଜଳ ସେଚନ କରାଯାଇଥାଏ । ଏହି ସେଚନ ପଦ୍ଧତିରେ କମ୍ ସମୟରେ ଜମିର ସବୁ ସ୍ଥାନକୁ ସମାନ ଭାବେ ପାଣି ଯୋଗାଇ ହୁଏ । ଏହି କୌଶଳ ଜରିଆରେ ଚାଷୀ ନିଜ ସୁବିଧା ଅନୁସାରେ ଜମିରେ ପାଣି ଦେଇଥାଆନ୍ତି । ଏଥିପାଇଁ ପ୍ରଥମେ ଭଲଭାବେ ପାଣି ଢାଳି ଜମିକୁ ଓଦା କରାଯାଏ । ୧୫ ଦିନ ପରେ ୮ ଏମ୍ଏମ୍ କୃତ୍ରିମ ବର୍ଷା କରି ଫସଲ ବଢ଼ାଇବାରେ ସାହାଯ୍ୟ କରାଯାଏ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କୌଶଳରେ ପାଣିର ମାତ୍ରାକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରେ । ମୁଖ୍ୟତଃ ୭୫ ହେକ୍ଟର ଯାଏଁ ସହଜରେ ଜଳସେଚନ କରାଯାଇଥାଏ । ଏହି ସ୍ୱତନ୍ତ୍ର ବର୍ଷା ବ୍ୟବସ୍ଥାରେ ଜଳ ସେଚନ ପାଇଁ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । ଏହାର ସଞ୍ଚାଳନ ପାଇଁ ଏକ ବଡ଼ ଷ୍ଟୋରେଜ ଟ୍ୟାଙ୍କର ଉପଯୋଗ କରାଯାଏ ।

# ସଫଳତା ପଥରେ ତାରାଦେବୀ କୃଷକ ଉତ୍ପାଦକ ସଂଗଠନ



**ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ କରିବା ସହ ସାମାଜିକ ପରିବର୍ତ୍ତନରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି । ଏହି ସଂଗଠନଗୁଡିକ ସାମୂହିକ ଭାବେ ଉତ୍ପାଦନ ଏବଂ ବିକ୍ରୟ ମାଧ୍ୟମରେ ଆର୍ଥିକ ସ୍ଥିତିକୁ ସୁଧାରି ପାରନ୍ତି । ତେବେ କୃଷିକୁ ବ୍ୟବସାୟରେ ପରିଣତ କରିଥିବା ଏମିତି ଏକ ସଂଗଠନ ହେଉଛି ଯାଜପୁର ଜିଲ୍ଲାର 'ତାରାଦେବୀ କୃଷକ ଉତ୍ପାଦକ ସଂଗଠନ' । ବିଭିନ୍ନ ବାଧାବିଘ୍ନକୁ ଖାତିର ନ କରି କଠିନ ପରିଶ୍ରମ ଓ ଧୈର୍ଯ୍ୟ ବଳରେ ଏହି ସଂଗଠନଟି ସଫଳତା ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ।**

୪୧୦ ଜଣ ମହିଳା ସଦସ୍ୟାଙ୍କୁ ନେଇ ୨୦୨୦ ମସିହାରେ ଯାଜପୁର ଜିଲ୍ଲାରେ 'ତାରାଦେବୀ କୃଷକ ଉତ୍ପାଦକ ସଂଗଠନ' ଗଠିତ ହୋଇଥିଲା । କ୍ଷୁଦ୍ର ଓ ନାମମାତ୍ରଚାଷୀଙ୍କ ଆଶାର କିରଣ ଭାବେ ଉଭୟ ଉତ୍ପାଦନ ଓ ବଜାର ବ୍ୟବସ୍ଥାପନରେ ଏହି ସଂଗଠନ ଅଗ୍ରଣୀ ଭୂମିକା ତୁଲାଇଥାଏ । ଏହି ସଂଗଠନଟି ସୋରିଷ ତେଲ, ବଡ଼ି, ପାମ୍ପଡ଼, ଆଚାର, ଦୁଗ୍ଧ ଜାତୀୟ ଉତ୍ପାଦ, ଚାଉଳ, ମୁଢ଼ି, ମସଲା ଡାଲି, ଛତୁ, ପନିପରିବା ଭଳି ସାମଗ୍ରୀର ବିପଣନ କରିବାରେ ସହାୟକ ହୋଇପାରିଛି । ତା' ସହିତ ଧାନ, ବିହନ, ସାର, କୀଟନାଶକ, ଜୈବିକଖତ, ଗୋ ଖାଦ୍ୟ ଭଳି ସାମଗ୍ରୀ ଯୋଗାଇ ଦେଉଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ ଏକ୍ସଲେନ୍ସ' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ମାର୍ଗଦର୍ଶନ ଏବଂ ପ୍ରଶିକ୍ଷଣ, ଏକ୍ସପୋଜର ପରିଦର୍ଶନ ଭଳି ଅନେକ ସହଯୋଗ ଯୋଗାଇ ଦିଆଯାଇଛି । ସରକାରୀ ତଥା ବେସରକାରୀ ସଂସ୍ଥାପକ୍ଷରୁ ସମର୍ଥନ ହସ୍ତଗତ କରିଛି ଏହି ସଂଗଠନ । ଏହି ସଂଗଠନକୁ ଜିଲ୍ଲାର ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ ମଧ୍ୟ କରାଯାଇଛି । ବନ୍ୟା, ବାତ୍ୟା, ଗମନାଗମନର ଅସୁବିଧା ସତ୍ତ୍ୱେ କ୍ଷୀର ଓ ଚିନାବାଦାମର ଭାଲ୍ୟୁ ଆଡିସନ୍, ମୋବାଇଲ ଭ୍ୟାନ୍ ଦ୍ୱାରା ଚଳନ୍ତା ହାଟ, କୃଷକଙ୍କ ପାଖକୁ ଇନ୍‌ପୁଟ ସୁବିଧାରେ ପହଞ୍ଚାଇବା, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ବିପଣନ ସହାୟତା ମୋବାଇଲ ଭ୍ୟାନ୍ ମାଧ୍ୟମରେ ବ୍ୟବସାୟ ପ୍ରଚାର ପାଇଁ ସହରାଞ୍ଚଳରେ ଆଉଟଲେଟ ଖୋଲିବା, ସ୍ଥାନୀୟ ମସଲାର ମୂଲ୍ୟ ବୃଦ୍ଧି ଭଳି ଉଦ୍ୟମ କରିବା ଦିଗରେ ଭଲ ପ୍ରଦର୍ଶନ କରିପାରିଛି । ସଫଳତା ହାସଲ କରିବା ଦିଗରେ ସଂଗଠନଟି ଅନେକ ସମସ୍ୟା ଦେଇ ଗତି କରିଛି ମଧ୍ୟ । ଏହିସବୁ ସମସ୍ୟାର ସମାଧାନ ସ୍ୱରୂପ ଏହି ସଂଗଠନ ଦ୍ୱାରା ଗାଁ ଗାଁ'ରେ ସଚେତନତା କାର୍ଯ୍ୟକ୍ରମ, ତାଲିମ, ଗ୍ରାମସ୍ତରରେ ଡିଜିଟାଲ ସଂଯୋଗ ନିମିତ୍ତ ସେବାକେନ୍ଦ୍ର ଖୋଲିବା, ପ୍ରଶିକ୍ଷଣ ଓ ଅଭିଜ୍ଞତା ବିନିମୟ ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଇଛି । ଏହି ସଂଗଠନ ସହିତ ଯୋଡ଼ିହୋଇ ଚାଷୀଙ୍କ ଆୟ ବୃଦ୍ଧି ପାଇଛି । ଏହାର ପ୍ରଭାବ କ୍ଷୁଦ୍ର, ନାମମାତ୍ର ଏବଂ ମଧ୍ୟମ ଚାଷୀଙ୍କ ଉପରେ ଅଧିକ ପଡ଼ିଛି । ଏହି ସଂଗଠନ ସେମାନଙ୍କ ଉତ୍ପାଦକୁ ଉଚିତ ମୂଲ୍ୟ ପ୍ରଦାନ କରୁଛି । ତେବେ ଆଗାମୀ ଦିନକରେ ଏହି କମ୍ପାନୀ ଅନେକଗୁଡ଼ିକଯୋଜନାର ସଫଳ ରୂପାୟନ ପାଇଁ ଲକ୍ଷ୍ୟ ରଖିଛି ।

# ସଢ଼େଇରୁ ହ୍ୟାଙ୍ଗିଙ୍ଗ କୁଣ୍ଡ

**ହିନ୍ଦୁଧର୍ମରେ ନଡ଼ିଆକୁ ଶ୍ରୀଫଳ କୁହାଯାଏ । ଏହା ଶୁଭର ପ୍ରତୀକ ହୋଇଥିବାରୁ ପୂଜା-ପାଠ ସବୁଠି ନଡ଼ିଆ ବ୍ୟବହାର ହୋଇଥାଏ । ନଡ଼ିଆର ପ୍ରତ୍ୟେକ ଅଂଶର ବ୍ୟବହାର ଗୁଣ ରହିଛି । ଏହା ଏକ ଗ୍ରୀଷ୍ମମଣ୍ଡଳୀୟ ଫସଲ । ତେବେ ନଡ଼ିଆକୁ ବ୍ୟବହାର କରି ଲୋକେ ସଢ଼େଇକୁ ବର୍ଜ୍ୟ ଭାବି ଫିଙ୍ଗି ଦିଅନ୍ତି । କେହି କେହି ଜାଳେଣି ରୂପେ ଏହାକୁ ବ୍ୟବହାର କରନ୍ତି । ହେଲେ ବର୍ତ୍ତମାନ ଲୋକମାନେ ଘର ଓ ବଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସଢ଼େଇକୁ କୁଣ୍ଡର ରୂପ ଦେଉଛନ୍ତି । ଏହା ପରିବେଶ ଅନୁକୂଳ । କୃଷି ବ୍ୟବସାୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି ।**



ଘର ସାଜସଜ୍ଜା ସମସ୍ତଙ୍କୁ ପସନ୍ଦ । ତେଣୁ ବାଲ୍‌କୋନିରେ ହ୍ୟାଙ୍ଗିଙ୍ଗ ପ୍ଲାଣ୍ଟର ପାଇଁ ପ୍ଲାଷ୍ଟିକ୍ କିମ୍ବା ସିମେଣ୍ଟ ବଦଳରେ ସଢ଼େଇକୁ ବ୍ୟବହାର କରାଯାଇପାରିବ । ସଢ଼େଇରୁ କୁଣ୍ଡ କରିବାକୁ ପ୍ରଥମେ ନଡ଼ିଆକୁ କୋରି ଏହାର ଦୁଇପାର୍ଶ୍ୱକୁ ଭଲଭାବେ ଧୋଇ ଜଟାକୁ ସଫା କରାଯାଏ । ଉପରୁ ତିନିଟି କଣା କରି ରଶି କିମ୍ବା ଲୁହାର ପତଳା ତାର ବ୍ୟବବାର କରି ଓହଳା କୁଣ୍ଡ କରାଯାଏ । ଆକର୍ଷଣୀୟ ଦିଶିବାକୁ ଏଥିରେ ରଙ୍ଗ ବେରଙ୍ଗର ଡିଜାଇନ୍ କରିପାରିବେ । ଏଥିରେ ହ୍ୟାଙ୍ଗିଙ୍ଗ କୁଣ୍ଡ କିମ୍ବା ସାଧାରଣ କୁଣ୍ଡ ପରି ବାଲକୋନିରେ ସେଟ୍ କରିପାରିବେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନଡ଼ିଆ ଖୋଳରେ ବହୁତ କମ୍ ପାଣି ଆବଶ୍ୟକ କରୁଥିବା ଓ ସୂକ୍ଷ୍ମ ଚେରଯୁକ୍ତ ଗଛ ଲଗାଯାଇଥାଏ । ଏଥିରେ ବିହନ ଅଙ୍କୁରିତ କରାଯିବା ସହ ମାଇକ୍ରୋଗ୍ରୀନ୍ ଲଗାଯାଇପାରିବ ।

ସଢ଼େଇରୁ ପାଣି ଝରିବା ରୋକିବା ପାଇଁ ନଡ଼ିଆର ଆଖିକୁ ଘୋଡାଇବା ବନ୍ଦୋବସ୍ତ କରନ୍ତୁ । ସେହିପରି ବଗିଚା ତଥା ବାଲ୍‌କୋନିରେ ପକ୍ଷୀଙ୍କୁ ଦାନା ଯୋଗାଇବାକୁ ଏଥିରେ ରଶି ଉପଯୋଗ କରି ଓହଳାଇ ପାରିବେ । ସଢ଼େଇକୁ କୋକୋପିଟ୍ ବନାଇବା ପାଇଁ ବ୍ୟବହାର କରାଯାଏ ।

# ଛେଳିଙ୍କ ପାଇଁ ସଜନା ଚାରା



ସ୍ୱଳ୍ପ ସମୟ ଏବଂ କମ୍ ଖର୍ଚ୍ଚରେ ଛେଳି ପାଳନ ଏକ ଭଲ ବ୍ୟବସାୟ । ଛେଳି ପାଳନରେ ଛେଳିର ଓଜନ ଓ ମାଂସବୃଦ୍ଧି ପାଇଁ ସବୁଜ ଚାରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ସଜନା ପତ୍ର ଛେଳିଙ୍କ ପାଇଁ ପୌଷ୍ଟିକ ଚାରା ଭାବେ ଉପଯୋଗୀ । ସଜନାରେ ଭିଟାମିନ୍ ଏ, ସି, ବି୬, ବି କମ୍ପ୍ଲେକ୍ସ, ଇ, ଭିଟାମିନ୍ କେ ଆଦି ପ୍ରଚୁର ପରିମାଣର ଥାଏ । ଏହା ଏକ ଔଷଧୀୟ ବୃକ୍ଷ । ସଜନା ପତ୍ରରୁ ତିଆରି ପେଲେଟ୍‌ସ (ଗୋଲି)କୁ ଛେଳିଙ୍କୁ ଖାଇବାକୁ ଦିଆଯାଇପାରିବ । ଏହା ଛେଳିଙ୍କ ସ୍ୱାସ୍ଥ୍ୟବୃଦ୍ଧି ପାଇଁ ଲାଭଦାୟକ । ବର୍ଷକ ବାରମାସ ସଜନା କଞ୍ଚା ପତ୍ରକୁ ଶୁଖାଇ ଏହାକୁ ଗୁଣ୍ଡ କରି ବଟିକା ବନାଇ ସାଇତି ରଖାଯାଏ । ଏହାର କଅଁଳିଆ ଡାଳକୁ ଅଲଗା କରି ମେସିନ୍ ସାହାଯ୍ୟରେ ଛୋଟ ଛୋଟ ଗୁଳା କରି ସାଇତି ରଖିପାରିବେ । ସଜନା ପତ୍ରରୁ ତିଆରି ବଟିକା ଖାଇବା ଦ୍ୱାରା ଛେଳିଙ୍କ ପାଚନ ଶକ୍ତିରେ ସୁଧାର ଆସିଥାଏ । ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ସହ ଛେଳିଙ୍କର ଦୁଗ୍ଧ ଉତ୍ପାଦନ ବୃଦ୍ଧି ହୋଇଥାଏ । ତେବେ ଛେଳିଙ୍କୁ ସଜନା ପତ୍ରରୁ ବଟିକା ଖୁଆଇବା ପୂର୍ବରୁ ସେମାନଙ୍କ ଖାଦ୍ୟ ତାଲିକାରେ ଧୀରେ ଧୀରେ କରି ଏହାକୁ ଅତିକମ୍‌ରେ ୩୦% ସାମିଲ କରିବା ଜରୁରି । ସଜନା ଚାରାକୁ ଅନ୍ୟ ଚାରା ସହିତ ମିଶାଇ ଖୁଆଇବା ଏକ ଉନ୍ନତ ବିକଳ୍ପ । ଏହା ଦ୍ୱାରା ଛେଳିପାଳକଙ୍କ ଖର୍ଚ୍ଚ ହ୍ରାସ ପାଇବ ।

# ଏ ମାସର ଚାଷ

**ଆମ ଦେଶର ଅଧିକାଂଶ ଲୋକ ଶସ୍ୟ ସହିତ ଋତୁଅନୁଯାୟୀ ବିଭିନ୍ନ ପନିପରିବା ଚାଷ କରିଥାନ୍ତି । ତେଣୁ ଅଗଷ୍ଟ ମାସରେ ଚାଷୀମାନେ ଚାଷ ପୂର୍ବରୁ କିପରି ମାଟି ପ୍ରସ୍ତୁତ କରିବେ, କେଉଁ ପନିପରିବା, ଫଳ ଓ ଫୁଲ ଲଗାଇ ପାରିବେ ସେ ବିଷୟରେ ଜାଣିବା ।**

- ଧାନ ରୋଇବାର ୨ରୁ ୩ ସପ୍ତାହ ହୋଇଥିଲେ ଘାସ ବାଛି ପିଲସାର ପ୍ରୟୋଗ କରନ୍ତୁ । ଶ୍ରୀ ପଦ୍ଧତିରେ ଧାନ ରୋଇଥିଲେ, ରୋଇବାର ୧୦ରୁ ୧୨ ଦିନ ମଧ୍ୟରେ ଉଇଡର ଚଳାଇ ବଳକା ଘାସ ବାଛି ଦିଅନ୍ତୁ ।
- ଅଗଷ୍ଟ ମାସରେ ଭଲ ବର୍ଷା ହୋଇଥାଏ । ବର୍ଷାଜଳକୁ ଉପଯୋଗ କରି ଚାଷୀମାନେ ପନିପରିବା ଯଥା- ମେଥି, ଧଣିଆ, ବାଇଗଣ, ଫୁଲକୋବି, ମୂଳା, ପାଳଙ୍ଗ ଆଦି ଲଗାଇପାରିବେ । ମକା ଫସଲ ୬ରୁ ୭ ସପ୍ତାହ ହୋଇଥିଲେ କୋଡାଖୁସା କରି ଘାସ ବାଛି ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।



- ଡାଲିଜାତୀୟ ଫସଲ ଯଥା- ହରଡ଼, ମୁଗ, ବିରି ଆଦି ଫସଲରେ ପତ୍ରକଟା ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୪୦୦ ମିଲି ପ୍ରୋଫେନୋଫସ ୫୦% ଇସି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଟମାଟୋ ଫଳିବାକୁ ୬୦ରୁ ୯୦ ଦିନ ସମୟ ଲାଗିଥାଏ । ତେଣୁ ଖତ ମିଶା ମାଟି ପ୍ରସ୍ତୁତ କରି ଜମିରେ ୨୦ରୁ ୨୫ ମେସି ଦୂରରେ ଟମାଟୋ ଚାରା ବା ମଞ୍ଜି ଲଗାଇ ପାରିବେ । ମଞ୍ଜି ବୁଣିବାର ମାସେ ପରେ ମାଟିରେ ଜିଆଖତ ପ୍ରୟୋଗ କରିପାରିବେ । ସପ୍ତାହକୁ ତିନିଥର ପାଣି ସିଞ୍ଚିବା ଭଲ । ସେହିପରି ଲାଉ ଲଗାଇବାର ଏହା ଉପଯୁକ୍ତ ସମୟ । ଜମି ପ୍ରସ୍ତୁତ କରି ବାଉଁଶ କାଠି ଓ ରଶି ଉପଯୋଗ କରି ରଞ୍ଜା କରିବା ଦ୍ୱାରା ଲାଉ ଲତା ଭଲ ଭାବେ ବଢ଼ିପାରେ ।
- ଅଳସୀ ବୁଣିବା କାମ ଶେଷ କରନ୍ତୁ । ଗୋବର ଖତ ମିଶା ମାଟି ବ୍ୟବହାର କରି ଉନ୍ନତ କିସମର ଭେଣ୍ଡି, ଲାଉ, କଲରା, ଜହ୍ନି, ତରଭୁଜ ଆଦି ପନିପରିବା ଚାଷ ଆରମ୍ଭ କରନ୍ତୁ । ତେବେ ଜମି ପ୍ରସ୍ତୁତଠାରୁ ଖତ ପ୍ରୟୋଗ ଏବଂ ମଞ୍ଜି ବୁଣିବା ଯାଏଁ ଉଚିତ ବିଧି ପାଳିବା ଜରୁରି ।

# ଫସଲକୁ ୨୪ ଘଣ୍ଟା ନଜର ରଖିବ ଆଗ୍ରୋଟ୍ରେସ




ବର୍ତ୍ତମାନ ଚାଷୀମାନେ ଚାଷକାର୍ଯ୍ୟରେ ଏଆଇ, ଡ୍ରୋନ ଆଦିର ସାହାଯ୍ୟ ନେଉଛନ୍ତି । ଏହି କ୍ରମରେ ଚାଷୀଙ୍କ ବିଭିନ୍ନ ସମସ୍ୟା ଦୂର କରିବାକୁ ଆଇଆଇଟି କାନପୁରର ଷ୍ଟାର୍ଟଅପ୍ ଆଗ୍ରୋଟ୍ରେସ୍ ଏଆଇ ଆଧାରିତ ଏକ ଉପକରଣ ବିକଶିତ କରିଛନ୍ତି । ଏହା ୨୪ ଘଣ୍ଟା ଧରି ଜମିରେ ମାଟି ଏବଂ ଆର୍ଦ୍ରତାକୁ ଯାଞ୍ଚ କରି ଖତ ଏବଂ ପାଣିର ଆବଶ୍ୟକତାକୁ ବତାଇ ପାରିବ । କେବଳ ସେତିକି ନୁହେଁ, ଏହି ଉପକରଣ ସାହାଯ୍ୟରେ ଫସଲରେ ପାଣିର ଅଭାବ ବିଷୟରେ ଜାଣିହୁଏ । ଏହାକୁ ଏକ ଏକର ଜମି ପାଇଁ ବ୍ୟବହାର କରାଯାଇପାରିବ । ଉପକରଣଟି ବ୍ୟାଟେରୀ ଚାଳିତ । ଏଥିରେ ସେନ୍ସର ଲାଗିଥିବାରୁ ଏହା ମାଟିର ଆର୍ଦ୍ରତାକୁ ସଠିକ୍ ଭାବେ ଆକଳନ କରିଥାଏ । ଏଥିରେ ମାଇକ୍ରୋ ସିମ୍ ସଂଯୋଗ ଥିବାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ମୋବାଇଲକୁ ମେସେଜ୍ ପଠାଇଥାଏ । ଫଳରେ ଚାଷୀମାନେ ଘରେ ବସି ଫସଲ ଓ ଜମିଅବସ୍ଥା ବିଷୟରେ ତଥ୍ୟ ପାଇପାରନ୍ତି । ସେହପରି ଗଭୀର ଅନୁସାରେ ମାଟିର ଜଳ କ୍ଷମତା ଏବଂ ତାପମାତ୍ରାକୁ ମଧ୍ୟ ଏହି ଉପକରଣ ମାପିପାରେ । ଏହାଦ୍ୱାରା ଚାଷୀଙ୍କର ୪୦ % ଖର୍ଚ୍ଚ ହ୍ରାସ ପାଇବ । ଏନେଇ ଆଗ୍ରୋଟ୍ରେସର ସଂସ୍ଥାପକ ରଜନୀଶ ତିୱାରୀ କୁହନ୍ତି, ଏହି ଉପକରଣକୁ ହରିୟାଣା, ରାଜସ୍ଥାନ ଏବଂ ଗୁଜୁରାଟର ଚାଷୀ ବ୍ୟବହାର କରୁଛନ୍ତି । ଏହାଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ସହ ଚାଷୀଙ୍କ ଆର୍ଥିକ ସ୍ଥିତିରେ ଏହା ଉନ୍ନତି ଆଣିପାରିବ ବୋଲି ସେ କହିଛନ୍ତି ।

# କୃଷି ପାଠଶାଳା

## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।
- ଜମିରେ ଧାନ ପ୍ରତିରୋପଣ ଅଗଷ୍ଟ ମାସର ଦ୍ୱିତୀୟ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ କରିଦିଅନ୍ତୁ । ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ କରିନଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରି ଦିଅନ୍ତୁ ।
- ସଅଳ ବୁଣାଯାଇଥିବା ଚିନାବାଦାମ ଫସଲରେ ପତ୍ର ସୁଡ଼ଙ୍ଗୀ ପୋକ, ଜଉ ପୋକ, ପତ୍ର ଉକୁଣି ପୋକଗୁଡିକର ପ୍ରାଦୁର୍ଭାବ ଦେଖିଲେ, ଶୁଖିଲାପାଗରେ



ପୋକ ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ବର୍ଷାଦିନେ ଗୁହାଳ ଓଦା ବା ଅପରିଷ୍କାର ରହିଲେ, ଗାଈଙ୍କୁ ନାନା ରୋଗ ହେବାର ସମ୍ଭାବନା ରହିଛି । ଏହା ଦ୍ୱାରା ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଥାଏ । ତେଣୁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରି ଉଚିତ ଟୀକାକରଣ କରାନ୍ତୁ ।
- ଅଗଷ୍ଟ ମାସରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇ ପାରିବ । ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ ଟନ୍ ଗୋବର ଖତ, ୪୦ କେଜି ଯବକ୍ଷାରଜାନ, ୮୦ କେଜି ଫସ୍‌ଫରସ ଓ ୮୦ କେଜି ପଟାସ ସାର ପ୍ରୟୋଗ କରନ୍ତୁ । ୨୫ରୁ ୩୦ ଦିନ ତଳି ବା ଡାଳି କଲମୀ ଉପରବେଳା ରୁଅନ୍ତୁ ।

### ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ

# ଘରୋଇ ମାଟିରେ ଟାଇଟଲ୍ ଜିତିବ ଭାରତ

ମୁମ୍ବଇ,୧୧।୮ (ଏଜେନ୍ସି)

ଭାରତରେ ଏଥର ଆୟୋଜିତ ହେବ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ। କ୍ରିକେଟ ଖେଳରେ ଶ୍ରେଷ୍ଠତ୍ୱ ହାସଲ କରିଥିଲେ ମଧ୍ୟ ଭାରତୀୟ ଦଳ ବିଶ୍ୱକପ୍ ଜିତିବାରେ ସମର୍ଥ ହୋଇନାହିଁ। ଦଳ ୨୦୦୫ ଓ ୨୦୧୭ରେ ରନର୍ସ ଅପ୍ ହୋଇଛି। କିନ୍ତୁ ଜବରଦସ୍ତ ଖେଳ ପ୍ରଦର୍ଶନ ସତ୍ତ୍ୱେ ଦଳ ୨୦୧୭ରେ ବିଶ୍ୱକପ୍ ନ ଜିତିବା ହରମନପ୍ରୀତ କୌରଙ୍କ ଭାରତୀୟ ଦଳର ସବୁଠାରୁ ବଡ଼ ବିପର୍ଯ୍ୟୟ। ଏଭଳି ସ୍ଥିତିରେ ଏଥର ମହିଳା ଦିନିକିଆ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାର କଲମ୍ବୋରେ ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଏହି ବିଶ୍ୱକପ୍ ଆଉ ୫୦ ଦିନ ରହିଥିଲାବେଳେ ଆଜି ଏହାର ଟ୍ରଫି ଉନ୍ମୋଚନ କରି ଏହି ଟୁର୍ଣ୍ଣାମେଣ୍ଟକୁ ସର୍ବଶ୍ରେଷ୍ଠ ମହିଳା ବିଶ୍ୱକପ୍‌ରେ ପରିଣତ କରାଯିବ ବୋଲି ଆଇସିସି ଅଧ୍ୟକ୍ଷ ଜୟ ଶାହ କହିଛନ୍ତି। ତାଙ୍କ ମତରେ ଆମେ ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ଲାଗି ଏବେଠାରୁ ବ୍ୟବସ୍ଥା କରିଛୁ। ବିଶ୍ୱକପ୍‌ରେ ଯେପରି କୌଣସି ଦଳ ଅଭିଯୋଗ କରିବାର ସୁଯୋଗ ନ ପାଏ ସେଥିଲାଗି ଆମେ ଚେଷ୍ଟା କରିବୁ।

ଅନ୍ୟପକ୍ଷରେ ଘରୋଇ ମାଟିରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାରୁ ଭାରତ ଏଥର ଟାଇଟଲ୍ ଜିତିବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ ଓ ଏଥିରେ ସଫଳ ହେବ ବୋଲି ଉତ୍ସବରେ ଯୋଗ ଦେଇ ଆତ୍ମବିଶ୍ୱାସର ସହ ମତପ୍ରକାଶ କରିଛନ୍ତି ଭାରତୀୟ ମହିଳା ଦଳର ଅଧିନାୟିକା ହରମନ୍‌ପ୍ରୀତ୍ କୌର। ଭାରତ ଏଯାଏ ମହିଳା କ୍ରିକେଟରେ କୌଣସି ବିଶ୍ୱ ଟାଇଟଲ ଜିତିପାରି ନାହିଁ। ୨୦୦୫ ଓ ୨୦୧୭ରେ ଦଳ ଦୁଇଥର ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳିଥିଲେ ମଧ୍ୟ ଟାଇଟଲ ଜିତିବାରୁ ବଞ୍ଚିତ ହୋଇଥିଲା। ଏଥର ଘରୋଇ ମାଟିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଉଥିବାରୁ ଭାରତର ଟାଇଟଲ ଜିତିବା ଆଶା ବୃଦ୍ଧି ପାଇଛି। ବିଶେଷକରି ଘରୋଇ ଦର୍ଶକଙ୍କ ଆଗରେ ଖେଳାଳିଙ୍କ ଉତ୍ସାହ ଅଧିକ ରହିଥାଏ। ଏମାନଙ୍କ ସମର୍ଥନ ଓ ପ୍ରତିଭାବାନ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ ପ୍ରଥମ ଟାଇଟଲ କବ୍‌ଜା କରିବ ବୋଲି ହରମନପ୍ରୀତ୍




ଆଶା ରଖିଛନ୍ତି। ସମାନ ଆଶା ମଧ୍ୟ ରଖିଛନ୍ତି ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗ୍ସେଜ୍। ଏମାନଙ୍କ ଅନୁଯାୟୀ ଭାରତର ଶକ୍ତିବୃଦ୍ଧି ପାଇଛି ଓ ଦଳ ଭିନ୍ନ ସ୍ଥାନରେ ଭଲ ଖେଳିଛି। ଏହାକୁ ଆଶା ରଖି ଆମେ ବିଶ୍ୱ ବିଜୟୀ ହେବୁ ବୋଲି ଭାରତୀୟ ଖେଳାଳିମାନେ ଆତ୍ମବିଶ୍ୱାସର ସହ ଆଶା ପୋଷଣ କରିଛନ୍ତି। ନିକଟରେ ଇଂଲଣ୍ଡ ବିପକ୍ଷରେ ୨-୧ରେ ଦିନିକିଆ ସିରିଜ୍ ଜିତିଛି। ଏବେ ଅଷ୍ଟ୍ରେଲିଆ ସହ ଦିନିକିଆ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ଦଳରେ କିଏ ଖେଳିବେ ତାହା ଏକପ୍ରକାର ଚୂଡ଼ାନ୍ତ ହୋଇସାରିଛି। ଅଷ୍ଟ୍ରେଲିଆ ସିରିଜ୍ ପରେ ଖେଳାଳି ଦଳ ଘୋଷଣା କରାଯିବ।

ମହିଳା ଦିନିକିଆ ବିଶ୍ୱକପ୍‌ରେ ଭାରତ ଟାଇଟଲ ଜିତିବାକୁ ଆଶାୟୀ ଥିଲାବେଳେ ୨୦୦୫ରେ ରନର୍ସ ଅପ୍ ହୋଇଥିଲା। ଏହାପରେ ୨୦୦୯ରେ ତୃତୀୟ ଓ ୨୦୧୩ରେ ସପ୍ତମ ସ୍ଥାନ ଅଧିକାର କରିଥିଲା। କିନ୍ତୁ ୨୦୧୭ରେ ଭାରତ ଟାଇଟଲ ଜିତିବ ବୋଲି ସମସ୍ତେ ଆଶା କରୁଥିଲାବେଳେ ଦଳ ଫାଇନାଲରେ ଇଂଲଣ୍ଡଠାରୁ ପରାଜିତ ହୋଇ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ହରମନପ୍ରୀତ୍ ସଂଗ୍ରହ କରିଥିବା ୧୭୧ ରନ୍ ଏଯାଏ ସ୍ମରଣୀୟ ହୋଇ ରହିଛି। କିନ୍ତୁ ଏହି ସ୍କୋର ପରେ ଭାରତୀୟ ମହିଳା ଦଳକୁ ଓ ତାରକା ଖେଳାଳିଙ୍କୁ ଭାରତରେ ସମ୍ମାନ ଦେବା ବୃଦ୍ଧିପାଇଥିଲା। କିନ୍ତୁ ଫାଇନାଲରେ ହାରିବା ଭାରତୀୟ ଖେଳାଳିଙ୍କ ହୃଦୟ ଭାଙ୍ଗିଦେଇଥିଲା। ଏହାପରେ ୨୦୨୨ରେ ମଧ୍ୟ ଭାରତର ପ୍ରଦର୍ଶନରେ ଉନ୍ନତି ହୋଇ ନ ଥିଲା। ଦଳ ପଞ୍ଚମ ସ୍ଥାନ ଅଧିକାର



କରିଥିଲା। ଭାରତ ଏହି ବିଶ୍ୱକପ୍‌କୁ ୧୯୭୮, ୧୯୯୭ ଓ ୨୦୧୩ରେ ଆୟୋଜନ କରିଥିଲା। ୨୦୧୬ରେ ବାଂଲାଦେଶରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ପରେ ଏସିଆ ମହାଦେଶରେ ଏହା ହେବ ପ୍ରଥମ ଆଇସିସି ଇଭେଣ୍ଟ। ଏହା ପରେ ମୁମ୍ବଇର ଆଇସିସି ଟ୍ରଫି ଟୁର୍ ଇଭେଣ୍ଟ ଆୟୋଜିତ ହେବ। ଏହା ଭାରତର ବିଭିନ୍ନ ସହର ଓ ସ୍କୁଲରେ ପ୍ରଦର୍ଶିତ ହେବ। ସୋମବାର ଅନୁଷ୍ଠିତ ଇଭେଣ୍ଟରେ ପୂର୍ବତନ ଅଧିନାୟିକା ମିତାଲି ରାଜ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଯୁବରାଜ ସିଂହ, ଆଇସିସି ଅଧ୍ୟକ୍ଷ ଜୟ ଶାହା, ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ, ସିଇଓ ସଂଯୋଗ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖଯାଏ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗନେଉଥିଲାବେଳେ ପ୍ରତ୍ୟେକ ଦଳ ଅନ୍ୟ ସହ ଗୋଟିଏ ଲେଖାଏଁ ଲିଗ୍ ମ୍ୟାଚ୍ ଖେଳିବେ। ଏହା ପରେ ପଏଣ୍ଟ ଭିତ୍ତିରେ ପ୍ରଥମ ୪ଟି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲ ମ୍ୟାଚ୍ ଦୁଇଟି ଅକ୍ଟୋବର ୨୯ ଓ ୩୦ରେ ଖେଳାଯିବ। ଫାଇନାଲ ମ୍ୟାଚ୍ ନଭେମ୍ବର ୨ରେ ଅନୁଷ୍ଠିତ ହେବ।

**ଭାରତର ଖେଳସୂଚୀ**

୩୦।୦୯: ବନାମ ଶ୍ରୀଲଙ୍କା, ବେଙ୍ଗାଲୁରୁ
୦୫।୧୦: ବନାମ ପାକିସ୍ତାନ, କଲମ୍ବୋ
୦୯।୧୦: ବନାମ ଦ.ଆଫ୍ରିକା, ବିଶାଖାପାଟଣା
୧୨।୧୦ : ବନାମ ଅଷ୍ଟ୍ରେଲିଆ, ବିଶାଖାପାଟଣା
୧୯।୧୦: ବନାମ ଇଂଲଣ୍ଡ, ଇନ୍ଦୋର
୨୩।୧୦ : ବନାମ ନ୍ୟୁଜିଲାଣ୍ଡ, ଗୁଆହାଟୀ
୨୬।୧୦: ବନାମ ବାଂଲାଦେଶ, ବେଙ୍ଗାଲୁରୁ

୨୯।୧୦: ପ୍ରଥମ ସେମିଫାଇନାଲ------
୩୦।୧୦: ଦ୍ୱିତୀୟ ସେମିଫାଇନାଲ, ବେଙ୍ଗାଲୁରୁ
୦୨।୧୧ : ଫାଇନାଲ, ଭେନ୍ୟୁ ପରେ ସ୍ଥିର ହେବ।

## ଏନ୍‌ସିଏ ନିର୍ଦ୍ଦେଶକ ଲକ୍ଷ୍ମଣଙ୍କୁ ଭେଟିଲେ ପଙ୍କଜ

କଟକ,୧୧।୮ (ସମିସ): ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ନିର୍ଦ୍ଦେଶକ ତଥା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଭିଭିଏସ୍ ଲକ୍ଷ୍ମଣଙ୍କୁ ଭେଟି ଓଡ଼ିଶାରେ କ୍ରିକେଟ ଏକାଡେମୀର ଗୁରୁତ୍ୱ ଦିଗରେ ଆଲୋଚନା କରିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି। ବେଙ୍ଗାଲୁରୁସ୍ଥିତ



ଏନସିଏ ଏକାଡେମୀରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ବାରବାଟୀ ଷ୍ଟାଡିୟମରେ ଓସିଏ ପକ୍ଷରୁ ଖୁବଶୀଘ୍ର ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। ଏତଦବ୍ୟତୀତ ଆଠଗଡ କପୁରସିଂହଠାରେ ରହିଛି ଏମଜିଏମ କ୍ରିକେଟ ଏକାଡେମୀ। ଶ୍ରୀ ମହାନ୍ତି ଏହାର ନିର୍ଦ୍ଦେଶକ। ଏମ୍‌ଜିଏମ୍ ଏକାଡେମୀରେ ଏବେ ମୋଟ ୭୦ ଖେଳାଳି ପ୍ରଶିକ୍ଷଣ ନେଉଥିବା ବେଳେ ୫୫ଜଣ ରହଣି ସହ ପ୍ରଶିକ୍ଷଣ ସୁବିଧା ପାଉଛନ୍ତି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଫିଲ୍ଡିଂ କୋଚ୍ ଆର ଶ୍ରୀଧର, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଭେଙ୍କଟପତି ରାଜୁ ଏବଂ ଜାତୀୟ ଦଳର ପ୍ରାକ୍ତନ ବୋଲିଂ କୋଚ୍ ଭରତ ଅରୁଣ ଏଠାରେ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଏଣୁ ଏକାଡେମୀରୁ ଜାତୀୟ ଖେଳାଳି ସୃଷ୍ଟି ଦିଗରେ ଆଉ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ସେ ନେଇ ଲକ୍ଷ୍ମଣଙ୍କ ସହ ଶ୍ରୀ ମହାନ୍ତି ଆଲୋଚନା କରିଥିଲେ।

## ସମ୍ବିତ ଜିତିଲେ ଖୋର୍ଦ୍ଧା ସିନିଅର ଚେସ୍




ଭୁବନେଶ୍ୱର,୧୧।୮ (ସମିସ): ଆଇଏମ୍ ସମ୍ବିତ ପଣ୍ଡା ଖୋର୍ଦ୍ଧା ଜିଲ୍ଲା ସିନିଅର ଚେସ୍ ଚାମ୍ପିଅନ ହୋଇଛନ୍ତି। ସେ ୭ ରାଉଣ୍ଡରୁ ୭ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ୮,୦୦୦ ଟଙ୍କା ପୁରସ୍କାର ପାଇଥିଲେ। ସେହିପରି ସମ୍ବିତଙ୍କ ପଛକୁ ୩ଜଣ ଖେଳାଳି ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ପ୍ରଥମ ରନର୍ସ ଅପ୍, ମନୀଷ କୁମାର ଦ୍ୱିତୀୟ ରନର୍ସ ଅପ୍ ଓ ଓମ୍ ଆଦିତ୍ୟ ଖାଡଙ୍ଗା ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କୁ ପୁରସ୍କାର ବାବଦରେ ୫,୦୦୦/, ୩,୫୦୦/ ଓ ୨.୫୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ସାଧ୍ୱୀ ପ୍ରତିଭା ମିଶ୍ର ମୁଖ୍ୟ ଅତିଥି, ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ସଭାପତି ଶକ୍ତିରଞ୍ଜନ ମହାନ୍ତି ଓ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ■ ଦ୍ୱିତୀୟ ଦିନିକିଆରେ ପାକିସ୍ତାନ ପରାସ୍ତ

## ସିରିଜ୍ ବରାବର୍ କଲା ୱେଷ୍ଟଇଣ୍ଡିଜ

ତ୍ରିନିଦାଦ, ୧୧।୮ (ଏଜେନ୍ସି): ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚରେ ଘରୋଇ ୱେଷ୍ଟଇଣ୍ଡିଜ ଡିଏଲ୍ ପଦ୍ଧତିରେ ୫ ୱିକେଟ୍‌ରେ ପାକିସ୍ତାନକୁ ମାତ୍ ଦେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ୫ ୱିକେଟ୍‌ରେ ହାରିଥିବା ୱେଷ୍ଟଇଣ୍ଡିଜ ଏଥିସହ ସିରିଜକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଛି। ସିରିଜର ନିର୍ଣ୍ଣାୟକ ୩ୟ ମ୍ୟାଚ୍ ମଙ୍ଗଳବାର ରାତି ୭ଟାରେ ଖେଳାଯିବ। ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଦିନିକିଆରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୩୭ ଓଭରରେ ୭ ୱିକେଟ୍ ହରାଇ ୧୭୧ ରନ କରିଥିଲା। ଦଳ ପକ୍ଷରୁ ହାସନ ନୱାଜ ୩୬, ହୁସେନ ତଲାତ ୩୧, ସମିମ ଆୟୁବ ୨୩, ଅଧିନାୟକ ମହମ୍ମଦ ରିଜୱାନ ୧୬ ରନ କରିଥିବାବେଳେ ବାବର ଆଜମ ଖାତା ଖୋଲିପାରି ନ ଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ପାଇଁ ଜାଡେନ ସେଲ୍ସ ୩ଟି ୱିକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ସାମ୍ନାରେ ଡିଏଲ୍ ପଦ୍ଧତିରେ ୩୫ ଓଭରରେ ୧୮୧ ରନ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦଳ ରୋଷ୍ଟନ ଚେଜଙ୍କ ଅପରାଜିତ ୪୯ ଓ ରୋମାରିଓ ସେଫର୍ଡଙ୍କ ୪୫ ରନ ସହାୟତାରେ ଦଳ ୫ ୱିକେଟ୍ ଓ ୧୦ ବଲ ପୂର୍ବରୁ ବିଜୟୀ ହୋଇଥିଲା। ଚେଜ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ସିବିଏସ୍‌ଇ ଫାର୍ ଇଷ୍ଟ କ୍ରିକେଟ




ଭୁବନେଶ୍ୱର,୧୧।୮ (ସମିସ): ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲ ଆନୁକୂଲ୍ୟରେ ଓ ନିଜସ୍ୱ ପଡ଼ିଆରେ ସିବିଏସ୍‌ଇ ଫାର ଇଷ୍ଟ ଜୋନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓ ଖେଳାଳି ଚୟନ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୫ରୁ ୧୦ ତାରିଖଯାଏ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪, ୧୭ ଓ ୧୯ ବର୍ଷରୁ କମ୍ ବୟସ ବିଭାଗରେ ଜୋନ୍ ଭିତ୍ତିକ ଖେଳାଳି ଚୟନ କରାଯାଇଥିଲା। ୫୭ଟି ସ୍କୁଲ୍‌ର ୮୫୦ରୁ ଊର୍ଦ୍ଧ୍ୱ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଆୟୋଜକ କେଟି ଗ୍ଲୋବାଲ ସ୍କୁଲ୍‌ରୁ ୬ଜଣ ଖେଳାଳି ବିଭିନ୍ନ ପ୍ରକାର ଜୋନାଲ ଟିମ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଖେଳ ଶେଷରେ କେଟି ଗ୍ଲୋବାଲ ସ୍କୁଲ୍‌ର ସିଓଓ ସିଦ୍ଧାର୍ଥ ରାଉତ ମୁଖ୍ୟ ଅତିଥି, ଅଧ୍ୟକ୍ଷ ରିଙ୍କୁ ସିଂ, ସିବିଏସ୍‌ଇ ପର୍ଯ୍ୟବେକ୍ଷକ ଆଫଜଲ ଅହମ୍ମଦ୍, ସିଲେକ୍ଟର ଫରହାନ ଉର ରହମାନ ଓ ରୀମା ଠାକୁର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

## ଓସିଏରେ ପ୍ରଦର୍ଶନ ବିଶ୍ଳେଷକ ଶିକ୍ଷା ଓ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ

କଟକ,୧୧।୮ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ସୋମବାରଠାରୁ ପ୍ରଦର୍ଶନ ବିଶ୍ଳେଷକ ଶିକ୍ଷା ଓ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୮ଜଣ ପ୍ରାର୍ଥୀ ଅଂଶଗ୍ରହଣ କରିଛନ୍ତି। କ୍ରିକେଟ ଖେଳର ବୈଷୟିକ ଶିକ୍ଷା, ବିଶ୍ଳେଷଣାତ୍ମକ କୌଶଳ ଏବଂ ଭିଡିଓ ବିଶ୍ଳେଷଣ ଦିଗରେ ପ୍ରଶିକ୍ଷଣ ଦେବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଓସିଏ ସହ ଅନୁବନ୍ଧିତ ବିଭିନ୍ନ ୟୁନିଟରୁ ପ୍ରାର୍ଥୀମାନଙ୍କୁ କାର୍ଯ୍ୟକ୍ରମ ଜରିଆରେ ପ୍ରଶିକ୍ଷଣ ଦିଆଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପ୍ରଦର୍ଶନ ବିଶ୍ଳେଷକ ମୁଖ୍ୟ ଗଣେଶ କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଜାରି ରହିଛି। ଓସିଏର ଡାଟା ମ୍ୟାନେଜମେଣ୍ଟ ଶାଖା ପକ୍ଷରୁ ସମସ୍ତ ସହଯୋଗ କରାଯାଉଛି।

### ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍

## ଅମୃତା, ଆର୍ଯ୍ୟନ ଚାମ୍ପିଅନ



ପୁରୀ,୧୧।୮ (ସମିସ): ଖୋର୍ଦ୍ଧାର ଅମୃତା ପ୍ରିୟଲକ୍ଷ୍ମୀ ଓ ଆର୍ଣ୍ଣିକା ଦାଶ ଏଠାରେ ସୋମବାର ଶେଷ ହୋଇଥିବା ରାଜ୍ୟ ୧୩ ବର୍ଷରୁ କମ୍ ବାଳିକା ଚେସ୍‌ରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ସେହିପରି ଯାଜପୁରର ଆର୍ଯ୍ୟନ ବେହେରା ଓ କଟକର ସ୍ୱସ୍ତିକ ଶୁଭମ ପଟ୍ଟନାୟକ ଓପନ ବିଭାଗରେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ଅଲ ଓଡ଼ିଶା ଚେସ ଆସୋସିଏସନ ଓ ପୁରୀ ଜିଲ୍ଲା ଚେସ୍ ଆସୋସିଏସନର ମିଳିତ ସହଯୋଗରେ ପୁରୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି, ଇଣ୍ଟରନ୍ୟାସନାଲ ଆର୍ବିଟର ତଥା ପୁରୀ ଜିଲ୍ଲା ଉପସଭାପତି ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ୨୦ ବର୍ଷରୁ କମ୍ ଏସିଆ ରଗ୍‌ବୀ

## କାଂସ୍ୟ ବିଜୟୀ ଭାରତୀୟ ଦଳରେ ରୀତୁ, ମାମାଲି



ଭୁବନେଶ୍ୱର, ୧୧।୮ (ସମିସ): ବିହାରର ରାଜଗିରିରେ ଶେଷ ହୋଇଥିବା ୨୦ ବର୍ଷରୁ କମ୍ ଏସିଆ ରଗବୀ-୭ ଚାମ୍ପିଅନସିପ୍‌ରେ ଭାରତୀୟ ମହିଳା ଦଳ କାଂସ୍ୟ ପଦକ ବିଜୟୀ ହୋଇଛି। କାଂସ୍ୟ ପଦକ ମୁକାବିଲାରେ ଭାରତୀୟ ମହିଳା ଦଳ ୧୨-୫ ସ୍କୋରରେ ଉଜବେକିସ୍ତାନକୁ ପରାସ୍ତ କରି ୩ୟ ସ୍ଥାନ ହାସଲ କରିଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଭାରତ ୭-୨୮ରେ ଚାଇନା ନିକଟରୁ ହାରି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ସେହିଭଳି ପୁଲ୍ ପର୍ଯ୍ୟାୟରେ ଭାରତ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ସହ ନକ୍‌ଆଉଟରେ ପହଞ୍ଚିଥିଲା। ଭାରତୀୟ ଦଳର ଅଧିନାୟିକା ଭୂମିକା ଶୁକ୍ଳା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲା। ସେହିଭଳି କାଂସ୍ୟ ବିଜୟୀ ଭାରତୀୟ ଦଳରେ କିସ୍ ବିଶ୍ୱବିଦ୍ୟାଳୟର ଦୁଇଜଣ ଛାତ୍ରୀ ଖେଳୁଥିଲେ। ସେମାନେ ହେଲେ ରିତୁ ମାଝୀ ଓ ମାମାଲି ସିଂ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଭାରତୀୟ ଦଳ ସହ ରିତୁ ଓ ମାମାଲିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଭାରତୀୟ ପୁରୁଷ ଦଳ ୬ଷ୍ଠ

ଅପରପକ୍ଷରେ ଭାରତୀୟ ପୁରୁଷ ରଗବୀ ଦଳ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ୫ମ-୬ଷ୍ଠ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଭାରତ ମାତ୍ର ୨ (୧୯-୨୧) ପଏଣ୍ଟରେ ୟୁଏଇ ନିକଟରୁ ହାରିଯାଇଥିଲା। ପୁଲ୍ ପର୍ଯ୍ୟାୟରେ ଭାରତ ୩ରୁ ୨ଟି ମ୍ୟାଚ୍ ହାରିଯାଇଥିଲା। ପୁରୁଷ ଦଳରେ କିସ୍‌ର ଭରତ କିଶାନ ଓ ଚରଣ ହେମ୍ବ୍ରମ ସାମିଲ ରହିଥିଲେ।

### ଦ୍ରୁତ ବୋଲିଂରୁ ଜାଭେଲିନ ଥ୍ରୋ'

## ସିଂହଳୀ ତାରକା ରୁମେଶଙ୍କ ଟୋକିଓ ଯାତ୍ରା

ଭୁବନେଶ୍ୱର, ୧୧।୮ (ସମିସ)

ଭାରତରେ ପ୍ରଥମଥର ଲାଗି ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ଆୟୋଜିତ ହୋଇଯାଇଛି। ବିଶ୍ୱ ଆଥଲେଟିକ୍ସର ଏହି ଦୌଡ଼କୁଦ ଇଭେଣ୍ଟକୁ ଆୟୋଜିତ କରି ଆଇକନିକ କଳିଙ୍ଗ ଷ୍ଟାଡିୟମ ମଧ୍ୟ ଏହାର କ୍ରୀଡ଼ା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛି। ରବିବାର କଳିଙ୍ଗରେ ଆୟୋଜିତ ଏହି ମେଗା ଇଭେଣ୍ଟରେ ବିଶ୍ୱର ୧୭ ଦେଶର ୧୫୪ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ଏକମାତ୍ର ଆଥଲେଟ୍ ଭାବେ ଶ୍ରୀଲଙ୍କାର ରୁମେଶ ଥରଙ୍ଗା ଟୋକିଓରେ ସେପ୍ଟେମ୍ବର ୧୩ରୁ ଆରମ୍ଭ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ଜାଭେଲିନ ଫାଇନାଲରେ ରୁମେଶ ୮୬.୫୦ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ। ଏଥିସହ ସେ କଳିଙ୍ଗରୁ ଟୋକିଓ ବିଶ୍ୱ ଚାମ୍ପିଅନସିପ୍ ଲାଗି ଟିକଟ୍ ହାସଲ କରିଥିଲେ। ବିଶ୍ୱ ଆଥଲେଟିକ୍ସ




ଚାମ୍ପିଅନସିପ୍ ଲାଗି ଯୋଗ୍ୟତା ମାନଦଣ୍ଡ ୮୫.୫୦ ମିଟର ରହିଥିଲା। ରୁମେଶ ୮୬.୫୦ ମିଟର ଜାଭେଲିନ ଫିଙ୍ଗି ମଧ୍ୟ ଶ୍ରୀଲଙ୍କା ପାଇଁ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଶ୍ରୀଲଙ୍କାର ଜାତୀୟ ରେକର୍ଡ ୮୫.୭୮ ମିଟର ରହିଥିଲା।

### ୧୩୪ କିମି ବେଗରୁ ୮୬.୫୦ ମିଟର

ଜାଭେଲିନରେ ୮୬.୫୦ ମିଟର ଫିଙ୍ଗି ଶ୍ରୀଲଙ୍କା ପାଇଁ ନୂଆ ଜାତୀୟ ରେକର୍ଡ ସ୍ଥାପନ କରିଥିବା ୨୨ ବର୍ଷୀୟ ରୁମେଶଙ୍କ ପ୍ରଥମ ପ୍ରେମ କିନ୍ତୁ କ୍ରିକେଟ୍ ଥିଲା। ଦକ୍ଷିଣ କଲମ୍ବୋର ଛୋଟିଆ ସହର କାଲୁତାରାରୁ ଆସିଥିବା ରୁମେଶ ୧୮ ବର୍ଷରୁ କମ୍ କ୍ରିକେଟ୍ ଦଳ ପକ୍ଷରୁ ମଧ୍ୟ ପ୍ରତିନିଧିତ୍ୱ କରିସାରିଥିଲେ। ଏହି ବର୍ଗରେ ସେ ଜଣେ ଡାହାଣହାତୀ ଦ୍ରୁତ ବୋଲର ସହ ମଧ୍ୟକ୍ରମରେ ଉପଯୋଗୀ ବ୍ୟାଟର୍ ଥିଲେ। ବୋଲିଂରେ ସେ ୧୩୪ କିମି ବେଗରେ ବଲ୍ ପକାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ବର୍ତ୍ତମାନ ଶ୍ରୀଲଙ୍କା ଓ ଆଇପିଏଲରେ ସନରାଇଜର୍ସ ହାଇଦରାବାଦ୍ ପାଇଁ ଖେଳୁଥିବା ଏହସାନ ମାଲିଙ୍ଗାଙ୍କ ସହ ସେ ଏକାଠି ନେଟ୍‌ସରେ ଅଭ୍ୟାସ ମଧ୍ୟ କରୁଥିଲେ। ସନରାଇଜର୍ସ ପକ୍ଷରୁ ଆୟୋଜିତ ଦ୍ରୁତ ବୋଲର ଚୟନ ଶିବିରରେ ଏହସାନଙ୍କ ପଛକୁ ରୁମେଶ ୨ୟ ଦ୍ରୁତତମ ବୋଲର ରହିଥିଲେ। କିନ୍ତୁ କ୍ରିକେଟ୍‌ରେ ରାଜନୀତିର ମାତ୍ରାଧିକ ପ୍ରବେଶକୁ ଲକ୍ଷ୍ୟ କରି ରୁମେଶ କଲେଜ ପଢ଼ୁଥିବାବେଳେ ଜାଭେଲିନ ଥ୍ରୋ ପ୍ରେମରେ ପଡ଼ିଯାଇଥିଲେ। ଯେଉଁ ହାତରେ ସେ ୧୬୦ ଗ୍ରାମ କ୍ରିକେଟ୍ ବଲ୍ ଧରି ଦ୍ରୁତ ବୋଲିଂ କରୁଥିଲେ ସେହି ହାତରେ ୭୦୦ ଗ୍ରାମର ଜାଭେଲିନ ଫିଙ୍ଗିଥିଲେ। ଜାଭେଲିନ ଫିଙ୍ଗିବାର ପ୍ରଥମ ୨ ମାସରେ ସେ ୬୩ ମିଟର ମାର୍କ ଛୁଇଁଥିଲେ। ଗତ ଜୁଲାଇରେ ବେଙ୍ଗାଲୁରୁରେ ଅନୁଷ୍ଠିତ ନୀରଜ ଚୋପ୍ରା କ୍ଲାସିକ ଇଭେଣ୍ଟରେ ସେ ନୀରଜ ଓ କେନିଆର ଜୁଲିଅସ ୟେଗୋଙ୍କ ପଛକୁ ୩ୟ ସ୍ଥାନରେ ରହି ପୋଡିୟମ ଫିନିଶ କରିଥିଲେ। ତେବେ କଳିଙ୍ଗ ଷ୍ଟାଡିୟମ ଏହି ସିଂହଳୀ କ୍ରୀଡ଼ାବିତ୍‌ଙ୍କ ଲାଗି ବେଶ୍ ସ୍ମରଣୀୟ ହୋଇରହିଯାଇଛି। ଏଠାରେ ସେ ଜାତୀୟ ରେକର୍ଡ ସହ ବିଶ୍ୱ ଚାମ୍ପିଅନସିପ୍ ଟିକଟ୍ ଅର୍ଜନ କରିଛନ୍ତି। ଟୋକିଓରେ ସେ ବିଶ୍ୱର ତାରକା ଜାଭେଲିନ ଫିଙ୍ଗାଳୀଙ୍କ ବିପକ୍ଷରେ କେମିତି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS